# ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY 29 JANUARY 2026
ଗୁରୁବାର ୨୯ ଜାନୁଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 253 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୨୫୩ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


**ବିମାନ ଦୁର୍ଘଟଣା**

# ଆଖିବୁଜିଲେ ଅଜିତ୍ ପୱାର୍

**ମୁମ୍ବାଇ, ବାରାମତୀ, ୨୮।୧/ଏଜେନ୍ସି:**



ଜାନୁଆରୀ ୨୮, ୨୦୨୬, ବୁଧବାର ଭାରତୀୟ ରାଜନୀତି ପାଇଁ ପୁଣି ଏକ କଳାଦିନ ସାବ୍ୟସ୍ତ ହୋଇଛି । ମହାରାଷ୍ଟ୍ର ରାଜନୀତିର ଅନ୍ୟତମ ବରିଷ୍ଠ ନେତା ତଥା ୬୬ ବର୍ଷୀୟ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି)ର ମୁଖ୍ୟ ତଥା ମହାରାଷ୍ଟ୍ର

**ଶୋକ ପ୍ରକାଶ କଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ**

**ମହାରାଷ୍ଟ୍ରରେ ୩ ଦିନିଆ ଶୋକ, ଆଜି ରାଷ୍ଟ୍ରୀୟ ମର୍ଯ୍ୟାଦାରେ ହେବ ଶେଷକୃତ୍ୟ**

**ପାଇଲଟ୍‌ଙ୍କ ସମେତ ଅନ୍ୟ ୪ଜଣ ମଧ୍ୟ ପ୍ରାଣ ହରାଇଛନ୍ତି**

ଉପମୁଖ୍ୟମନ୍ତ୍ରୀ ଅଜିତ୍ ପୱାର ବୁଧବାର ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ରିପୋର୍ଟ ଅନୁସାରେ ବୁଧବାର ସକାଳ ୮ଟା ୪୫ ମିନିଟ୍‌ରେ ଅଜିତ ପୱାରଙ୍କ ବ୍ୟକ୍ତିଗତ ଚାଟାର୍ଡ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏଥିରେ ଅଜିତ୍‌ଙ୍କ ସମେତ ମୋଟ୍ ୫ଜଣ ପ୍ରାଣ ହରାଇଛନ୍ତି । ଏକ ସ୍ଥାନୀୟ ନିର୍ବାଚନ (ପୁଣେ ଜିଲ୍ଲା ପରିଷଦ ନିର୍ବାଚନ)ପାଇଁ ପ୍ରଚାର କାର୍ଯ୍ୟକ୍ରମରେ ନିଜ ନିର୍ବାଚନୀ କ୍ଷେତ୍ର ବାରାମତୀକୁ ଅଜିତ୍ ଯାଇଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ମୁମ୍ବାଇ ବିମାନବନ୍ଦରରୁ ଉଡାଣ ଭରିଥିବା ଅଜିତ୍‌ଙ୍କ ଏହି ବ୍ୟକ୍ତିଗତ ଚାଟାର୍ଡ ବିମାନ ଭିଟି-ଏସ୍ଏସ୍‌କେ ଲିୟରଜେଟ୍-୪୫ ବାରାମତୀ ଠାରେ ଅସ୍ୱାଭାବିକ ପାଣିପାଗର ଶିକାର ହୋଇଥିଲା । ଯାହାଫଳରେ ବିମାନର କ୍ୟାପ୍‌ଟେନ୍ ବିମାନଟିକୁ ସଠିକ୍ ଭାବେ ଲ୍ୟାଣ୍ଡ୍ କରିପାରିନଥିଲେ ବୋଲି ଅନୁମାନ କରାଯାଉଛି । ବିମାନ ପାଇଲଟ୍ ଶମ୍ଭାବୀ ପାଠକ୍ ଜଣେ ଦକ୍ଷ ଏବଂ ଦୀର୍ଘଦିନର

▶▶ ୫

**ଆରମ୍ଭ ହେଲା ପ୍ରଥମ ପର୍ଯ୍ୟାୟ ବଜେଟ୍ ଅଧିବେଶନ**

# ସରକାର ସାମାଜିକ ନ୍ୟାୟ ପ୍ରତି ସମର୍ପିତ: ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୨୮।୧/ଏଜେନ୍ସି:**

ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ସହିତ ସଂସଦର ବଜେଟ୍ ଅଧିବେଶନ ଆରମ୍ଭ ହୋଇଛି । ବଜେଟ୍ ଅଧିବେଶନର ପ୍ରଥମ ଦିନରେ

**ପ୍ରଥମ ଦିନରୁ ବିରୋଧୀଙ୍କ ହୋହଲ୍ଲା, ହଙ୍ଗାମା ଆରମ୍ଭ**

**ଆଜି ଉପସ୍ଥାପିତ ହେବ ଅର୍ଥନୈତିକ ସର୍ଭେ ରିପୋର୍ଟ**

ରାଷ୍ଟ୍ରପତି ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିଛନ୍ତି । ରାଷ୍ଟ୍ରପତି ନିଜ ଅଭିଭାଷଣରେ ଅନେକ ପ୍ରସଙ୍ଗରେ ବିଶେଷକରି ନିଜ କ୍ଷମତାସୀନ କେନ୍ଦ୍ର ସରକାରଙ୍କ ସଫଳତାର ରିପୋର୍ଟ ଦେଇଛନ୍ତି ।



ଶ୍ରୀମତୀ ମୁର୍ମୁ କହିଛନ୍ତି, ତାଙ୍କ ସରକାର ଏକ ବିକଶିତ ଭାରତ ପାଇଁ ସମୃଦ୍ଧ ଚାଷୀଙ୍କୁ ପ୍ରଥମ ପ୍ରାଥମିକତା ଭାବରେ ଦେଖୁଛନ୍ତି । ତେଣୁ ସରକାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଆରମ୍ଭ କରିଛନ୍ତି । ରାଷ୍ଟ୍ରପତି ଗ୍ରାମାଞ୍ଚଳରେ ବିକାଶ ଓ ନିଯୁକ୍ତି ପାଇଁ କେନ୍ଦ୍ର ସରକାର ନୂଆ କରି ଆଣିଥିବା ଆଇନ୍ ବିକଶିତ ଭାରତ - ଜି ରାମ ଜି ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଛନ୍ତି । ରାଷ୍ଟ୍ରପତିଙ୍କ ଏହି ପ୍ରସଙ୍ଗଜନିତ ଭାଷଣକୁ ନେଇ ବିରୋଧୀ ସଦସ୍ୟମାନେ ବିରୋଧ ପ୍ରଦର୍ଶନ କରିଥିଲେ, ବିଭିନ୍ନ ସ୍ଲୋଗାନ ତଥା ନାରାବାଜି କରିବା ସହ ହୋହାଲ୍ଲା କରିଥିଲେ ।

ରାଷ୍ଟ୍ରପତି ଦାବି କରିଥିଲେ ଯେ, ତାଙ୍କ ସରକାର ପ୍ରକୃତ ସାମାଜିକ ନ୍ୟାୟ ପ୍ରତି ସମର୍ପିତ ଅଛନ୍ତି । 'ସଂସ୍କାର ଏକ୍ସପ୍ରେସ' ପଥରେ ସରକାର ଆଗକୁ ବଢୁଛନ୍ତି । ପଛୁଆ ସମ୍ପ୍ରଦାୟର କଲ୍ୟାଣ ତାଙ୍କ ସରକାରଙ୍କ ପ୍ରାଥମିକତା ରହିଛି । ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରାଯାଉଛି । ନିଜ ଭାଷଣରେ ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ସମ୍ପର୍କରେ ମଧ୍ୟ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଗୁରୁତ୍ୱାରୋପ କରିଛନ୍ତି । ତାଙ୍କ କହିବାନୁସାରେ ୟୁରୋପୀୟ ସଂଘ ସହିତ ଏଫ୍‌ଟିଏ ସେବା ଓ ଉତ୍ପାଦନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବ ତଥା ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଗ୍ଲୋବାଲ ସାଉଥ୍‌ରେ ମଧ୍ୟ ଭାରତର ଗୁରୁତ୍ୱ ବଢ଼ିଛି । ଦେଶ ବ୍ରିକ୍ସ, ଏସ୍‌ସିଓ, ଜି-୨୦ ଓ

▶▶ ୫

**ରାଉରକେଲାରେ ଏଣ୍ଟରପ୍ରାଇଜ୍ ଓଡ଼ିଶା**

# ୮,୮୦୦ କୋଟିର ପ୍ରକଳ୍ପ ଭେଟି

**ଭୁବନେଶ୍ୱର,ରାଉରକେଲା,୨୮।୧/ଏନ୍ଏନ୍ଏସ୍:**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ରାଉରକେଲାରେ 'ଏଣ୍ଟରପ୍ରାଇଜ୍ ଓଡ଼ିଶା ୨୦୨୬'ର ୨୫ତମ ସଂସ୍କରଣର ଉଦ୍‌ଘାଟନ

**ଶିଳ୍ପ ଅଭିବୃଦ୍ଧିର ମୁଖ୍ୟ ଇଞ୍ଜିନ୍ ଭାବରେ ଉଭା ହୋଇଛି ପଶ୍ଚିମ ଓଡ଼ିଶା: ମୁଖ୍ୟମନ୍ତ୍ରୀ**

କରିବା ସହ ୮,୮୦୦ କୋଟିର ୨୦ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏହାଛଡ଼ା ୫୨,୦୨୬ କୋଟି ଟଙ୍କାର ୨୨ଟି ବୁଝାମଣାପତ୍ର



ସ୍ୱାକ୍ଷର ହୋଇଛି । ଏହାଦ୍ୱାରା ୨୦,୪୨୭ ଜଣ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି ।  ଟାଟା ଷ୍ଟିଲ୍, ଏମ୍‌ସିଏଲ୍, ଜେଏସ୍‌ଡବ୍ଲ୍ୟୁ, ବେଦାନ୍ତ, ଡାଲ୍‌ମିଆ ସିମେଣ୍ଟ, ସେଲ୍, ଏଏମ୍ଏନ୍ଏସ୍ ଏବଂ ରାଉରକେଲା ଚାମ୍ବର ଅଫ୍ କମର୍ସ ଭଳି ପ୍ରମୁଖ କମ୍ପାନୀଗୁଡ଼ିକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପଶ୍ଚିମ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଯାତ୍ରାରେ ଏହି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତକୁ ସାକ୍ଷୀ ହେବା ପାଇଁ ୫୦୦ରୁ ଅଧିକ ଶିଳ୍ପପତି ଏକତ୍ରିତ ହୋଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମ ଓଡ଼ିଶା ଆଉ ଅଭିବୃଦ୍ଧିର 'ପରବର୍ତ୍ତୀ ସୀମା' ନୁହେଁ, ବରଂ ଓଡ଼ିଶାର ବିକାଶର ଏକ ମୁଖ୍ୟ ଇଞ୍ଜିନ୍‌ଭାବେ ଉଭା ହୋଇଛି ବୋଲି ପ୍ରକାଶ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ 'ଏଣ୍ଟରପ୍ରାଇଜ୍ ଓଡ଼ିଶା'ର

▶▶ ୫

# ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ରିପୋର୍ଟ ପ୍ରଦାନ

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:**

ବୁଧବାର ଷଷ୍ଠ ରାଜ୍ୟ ଅର୍ଥ କମିଶନର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ  ମୋହନ ଚରଣ ମାଝୀଙ୍କୁ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି । କମିଶନ ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡା ଏହି ରିପୋର୍ଟ ପ୍ରଦାନ କରିଛନ୍ତି ।  ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ସମୀକ୍ଷା' ପୋର୍ଟାଲର ମଧ୍ୟ ଉନ୍ମୋଚନ କରିଛନ୍ତି, ଯାହା ରାଜ୍ୟ ଅର୍ଥ କମିଶନ ଏବଂ କେନ୍ଦ୍ର ଅର୍ଥ କମିଶନ ଅନୁଦାନ ଅଧୀନରେ ରାସ୍ତା, ପାନୀୟ ଜଳ ଯୋଗାଣ, ପରିମଳ, ରାସ୍ତା ଆଲୋକୀକରଣ, ପାର୍କ ଏବଂ ସାଧାରଣ ଉପଯୋଗିତା ଇତ୍ୟାଦି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନର ଅଗ୍ରଗତି ବିଷୟରେ ପ୍ରକୃତ ସୂଚନା ପ୍ରଦାନ କରିବ । ନାଗରିକ, ନିର୍ବାଚିତ ପ୍ରତିନିଧି କିମ୍ବା ଯେକୌଣସି ବ୍ୟକ୍ତି ପୋର୍ଟାଲରେ ପ୍ରବେଶ କରି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନର ପ୍ରଗତି ତଦାରଖ କରିପାରିବେ । ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ, ଓଡ଼ିଶାର ଆର୍ଥିକ ମାନଦଣ୍ଡ, ପଞ୍ଚାୟତସ୍ତରରେ ଢାଞ୍ଚା

▶▶ ୫




## ଚିର ସବୁଜ ସଙ୍ଗୀତ ପରିବେଷିତ



**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ଆଶା ବରୀ ସାଂସ୍କୃତିକ ସମାଜ ପକ୍ଷରୁ ଚିର ସବୁଜ ସଙ୍ଗୀତ ଗୀତ ଗୋବିନ୍ଦ ସଦନ ପ୍ରେକ୍ଷାଳୟ ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଙ୍ଗୀତଜ୍ଞ ଡ଼. ଗୀତା ମଞ୍ଜରୀ ବେହେରା, ସଙ୍ଗୀତ ଗୁରୁ ଉମେଶ ଚନ୍ଦ୍ର ଦାସଙ୍କୁ ଜୟ ରାମ ତୁଳସୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ, ସଭାପତି, ରାଜ୍ୟସ୍ତରୀୟ ମହିଳା ଆଇନଜୀବୀ, ଅବସରପ୍ରାପ୍ତ ନିର୍ଦ୍ଦେଶକ ପ୍ରତିନିଧି ମତ୍ସ୍ୟ ନିର୍ଦ୍ଦେଶାଳୟ, ଶିକ୍ଷା ଓ ଅନୁସନ୍ଧାନ ପ୍ରଫେସର ସ୍ୱଚ୍ଛଂ ପ୍ରଭାଶତପଥୀ, ସମ୍ପାଦିକା ସ୍ୱନ୍ଦନିକା ପଟ୍ଟନାୟକ, ପ୍ରତିଷ୍ଠାତା ଗୁରୁ ଉମେଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିମା ମହାପାତ୍ର, ଡ଼ ରାଧାରାଣୀ ନନ୍ଦ ରମେଶ ମହାପାତ୍ର, ନୁଚ ପ୍ରଭା ସାହୁ, ସୌଦାମିନୀ ମହାପାତ୍ର, ପ୍ରଭାତ ନଳିନୀ ପଟ୍ଟନାୟକ, ଡ଼, ଚନ୍ଦ୍ରମୌଳିକ ମିଶ୍ର, ପ୍ରତିଭା ପୃଷ୍ଟି, ସ୍ୱନ୍ଦନିକା ପଟ୍ଟନାୟକ, ଅନିତା ପଟ୍ଟନାୟକ, ମିତାରାଣୀ ବିଶ୍ୱାଳ, ମୋନାଲିସା କର, ନମିତା ଜେନା, ସୁମିତ୍ରାଞ୍ଜଳି ସାହୁ, ସୌଦାମିନି ଦାସ, ସଙ୍ଘମିତ୍ରା ନାୟକ, ଗୌରୀ ଶତପଥୀ, କୃଷ୍ଣ ଶତପଥୀ, ରଞ୍ଜନ ନାୟକ, କେଦାର ନାୟକ, ଚିତ୍ତରଞ୍ଜନ ମହାପାତ୍ର, ଆରୋହୀ ଧଳ ଗୀତଗୁଡ଼ିକ ପରିବେଷଣ କରିଥିଲେ। ମଣିମା ଶୁଣିମା ହେଉ, ଜଗବନ୍ଧୁ ହେ ଗୋସାଇଁ, ଦୁଃଖ ନାଶନ ହେ ସୁଖନ ପାଇଲି ଦିନେ, ଝୁମୁ ଝୁମୁ ନାଦ ନଳିତାଙ୍କ ପାଦ, ରତି ସୁଖ ସାରେ, ଭିତି ଲାତ ଯାମିନୀ, ବାସି ମୋ ହୋଇଲା ଫୁଲ ଶେଜ, ଲୀଳା ନିଧି ହେ ଲାଜେ ମୁଁ ଗଲି ଟି ସଢ଼ି, ଘେନାଇଁ ଆମ୍ଭେ ଯେତେ କହିଲୁରେ ଘେନିଲୁ ନାହିଁ ବାଳା ପହିଲୁରେ, ଛାଡିଦିଅ ମନୁ ଚିନ୍ତା ହେ ମୋହନ ଛାଡି ଦିଅ ମନୁ ଚିନ୍ତା, ଚାଲ ସଖୀ ଆମେ ଦର୍ଶନ କରିବା, ଚନ୍ଦନ ଲାଗି ସମୟେ ଚିନ୍ତ ଚିନ୍ତାମଣୀକି, ଜୟ ଜୟ ଲକ୍ଷ୍ମୀ କାନ୍ତ ହେ ଆଦି କଣ୍ଠଶିଳ୍ପୀ ମାନେ ଦୀର୍ଘ ତିନି ଘଣ୍ଟା ଧରି ପରିବେଷଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଅନୁସୂୟା ସାହୁ।

### ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

## ଧାନକିଣା ସମ୍ପର୍କିତ ଅଭିଯୋଗ ଆସିଲେ ତ୍ୱରିତ ସମାଧାନ କର

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ରାଜ୍ୟରେ ଖରିଫ ଋତୁରେ ଧାନ ସଂଗ୍ରହ ଜାରି ରହିଛି। ରାଜ୍ୟରେ ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଧାନ ସଂଗ୍ରହ ସମୟରେ କୌଣସି ଅନିୟମିତତାର ଅଭିଯୋଗ ଆସିଲେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିଷଦରେ ନିର୍ଦ୍ଦେଶ ନିୟନ୍ତ୍ରଣ ଏବଂ ଅଭିଜ୍ଞତା କେନ୍ଦ୍ର ଚାଲୁ ରହିଛି। ଏହି କେନ୍ଦ୍ରକୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୁଲି ଦେଖିବା ସହ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏଥି ସହ ମଣ୍ଡିରେ ଧାନ କିଣା ପ୍ରକ୍ରିୟା, ସିସିଟିଭି ବ୍ୟବସ୍ଥାର ଅନୁଧ୍ୟାନ, ମଣ୍ଡିରୁ ମିଲ୍ ଯାଉଥିବା ଗାଡ଼ିର ଟ୍ରାକିଂ ଏବଂ ଏ ସମ୍ପର୍କିତ ଲାଇଭ୍ ଫୁଟେଜ୍‌ର ବ୍ୟବସ୍ଥା ସମ୍ପର୍କରେ ମନ୍ତ୍ରୀ ତଦାରଖ କରିଥିଲେ। ଏତଦବ୍ୟତୀତ ଚାଷୀ ଏବଂ ମଣ୍ଡିରେ ନିୟୋଜିତ ଅଧିକାରୀ ଓ ଚାଷୀ ମାନଙ୍କ ସହ ନୋଡାଲ ଅଫିସରଙ୍କ ସହ ମନ୍ତ୍ରୀ କଥା ହେବା ସହ ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। କୌଣସି ଅଭିଯୋଗ ଥିଲେ ଟୋଲ୍ ଫ୍ରି ନଂ ୧୯୬୭ ମାଧ୍ୟମରେ ଏହି କେନ୍ଦ୍ର ସହ ଯୋଗାଯୋଗ କରାଯାଇପାରୁଛି ଏବଂ ଚାଷୀମାନେ ପ୍ରତ୍ୟକ୍ଷ ଭାବେ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କହିପାରୁଛନ୍ତି। ଧାନକିଣା ନେଇ କୌଣସି ଚାଷୀଙ୍କଠାରୁ ଅଭିଯୋଗ ଆସିଲେ ଏହାର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ରଙ୍କର ଏହି ପରିଦର୍ଶନ ସମୟରେ ରାଜ୍ୟ ଖାଦ୍ୟଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହି କେନ୍ଦ୍ରର ବିଭିନ୍ନ କାର୍ଯ୍ୟକାରିତା ଓ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଉଭୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ରାଜ୍ୟ ଖାଦ୍ୟଯୋଗାଣ ନିଗମର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୬୬ତମ ଜୟନ୍ତୀ

# ‘ବିଦଗ୍ଧ କବିଙ୍କ କୃତି ବିଶ୍ୱ ଦରବାରରେ ସ୍ୱତନ୍ତ୍ର’

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ସାଂସ୍କୃତିକ ଅନୁଷ୍ଠାନ ‘ଉତ୍କଳୀୟ ସ୍ୱାଭିମାନ ଅନୁଷ୍ଠାନ’ ତରଫରୁ ତଥା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି ଆନୁକୂଲ୍ୟରେ ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୬୬ତମ ଜୟନ୍ତୀ ମଙ୍ଗଳବାର ସ୍ଥାନୀୟ ଜୟଦେବ ଭବନଠାରେ ପାଳନ କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଜଗତକୁ ସମୃଦ୍ଧ କରିବାରେ ଯାହାଙ୍କର ଅତୁଳନୀୟ ଅବଦାନ ଓଡ଼ିଶାର ସାହିତ୍ୟକୁ ଋଦ୍ଧିମନ୍ତ କରିଛି ସେମାନଙ୍କ ମଧ୍ୟରେ ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାର ଅନ୍ୟତମ। ସପ୍ତାହ ବ୍ୟାପି ଚାଲିଥିବା ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୬୬ତମ ଜୟନ୍ତୀ ସମାରୋହ ରୀତିଯୁଗର ମୂର୍ଦ୍ଧନ୍ୟ କବିଭାବରେ ପରିଚିତ, ଓଡ଼ିଆ ଲୋକ ସାହିତ୍ୟ ଜଗତକୁ ତରୁଣ ବୟସରେ ବାଘ



ଗୀତ, ଚଢ଼େଇ ଗୀତ ରଚନା କରିଥିବାବେଳେ ବିଦଗ୍ଧ ଚିନ୍ତାମଣି ସର୍ବଶ୍ରେଷ୍ଠ କୃତି ବୋଲି ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ୍ ପ୍ରଫେସର ବ୍ରଜବନ୍ଧୁ ପଣ୍ଡା ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବରେ ପୂର୍ବତନ ସୂଚନା ଲୋକସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ତାଙ୍କର ବାଲ୍ୟ ଜୀବନ ଓ ବାଲ୍ୟକାଳରୁ ରଚନା ସମୂହ ବିଷୟରେ ଆଲୋଚନା କରିଥିଲେ।

ସମ୍ମାନିତ ଅତିଥି ଏନ୍‌ଟିପିସିର ପୂର୍ବତନ ବିତ୍ତ ନିର୍ଦ୍ଦେଶକ ତଥା ସାହିତ୍ୟିକ, ଚିତ୍ରକାର କୁଳମଣି ବିଶ୍ୱାଳ ରୀତିଯୁଗୀୟ ସାହିତ୍ୟକୁ ଋଦ୍ଧିମନ୍ତ କରିବାପାଇଁ ରିତିଯୁଗୀୟ ଶୈଳୀରେ ନିଜର ରଚନା କରୁଥିବା କବିତା ସହିତ ଅଭିମନ୍ୟୁଙ୍କର ସାହିତ୍ୟକୃତି ଯେ ଓଡ଼ିଆ ସାହିତ୍ୟର ଗାରିମା ବିଶ୍ୱ ଦରବାରରେ ସ୍ୱତନ୍ତ୍ର ବୋଲି ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ମହେଶ ସାହୁ ଅଭିମନ୍ୟୁଙ୍କର ସଙ୍ଗୀତକୁ କଥା ମାଧ୍ୟମରେ ବିଶ୍ୱ ଦରବାରରେ ପ୍ରଚାର ପ୍ରସାର କରିବା ଆମ ପାଇଁ ଗୌରବର କଥା ବୋଲି ବର୍ଣ୍ଣନା କରିଥିଲେ। ଏହି ସମାରୋହରେ ବିଶିଷ୍ଟ ବ୍ୟକ୍ତି ବିଶେଷ ଶ୍ୟାମା ପ୍ରସାଦ ମିଶ୍ର ବରିଷ୍ଠ ମିଡିଆ ବୃତ୍ତିଜୀବୀ, ରାକେଶ ବିଶ୍ୱାଳ ଭାଇଓଲିନ୍ ବାଦକ, ସିଦ୍ଧାର୍ଥ ରାୟ ସାମାଜିକ କର୍ମୀ, ଗୌରୀଶଙ୍କର ଦାଶ ଓଡ଼ିଶୀ ନୃତ୍ୟ ଗୁରୁ, ପଣ୍ଡିତ ମହେଶ ସାହୁ ଜଗନ୍ନାଥ ସଂସ୍କୃତି ବିଶାରଦ, ଏସ୍. ସଙ୍ଗୀତା କଳା ଓ ନ୍ୟାୟ ସେବା ସାଧିକା, ସସ୍ମିତା ରାଉତ ପାଲା ଗାୟିକା, ଗୁରୁଦାସ ସାହୁ, ମୂର୍ତ୍ତିଶିଳ୍ପୀ, ଡକ୍ଟର ଶରଦ ଚନ୍ଦ୍ର ପଣ୍ଡା ଶିକ୍ଷାବିତ୍, ପରିବର୍ତ୍ତନ ଓଡ଼ିଶା ସାମାଜିକ ଅନୁଷ୍ଠାନକୁ ସଭାପତି ଜିତେନ୍ଦ୍ର ମହାପାତ୍ର ଓ ତାଙ୍କ ସହକର୍ମୀ ପ୍ରମୁଖଙ୍କୁ ‘ଉତ୍କଳ କମଳ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ବିଦଗ୍ଧ ଚିନ୍ତାମଣିଙ୍କ ରଚନା ସମୂହରୁ ଏକକ ଓଡ଼ିଶୀ ନୃତ୍ୟ ପୁନ୍ୟ ପୁଲକତା ସାମଲ ଏବଂ ଗୁରୁ ଯ୍ୟୋଟତିରେଖା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜ୍ୟୋତି କଳା ପରିଷଦର କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟାଭିନୟ ସହିତ ଗୁରୁ ନିମାକାନ୍ତ ରାଉତରାୟ, ଶୈଳଭାମା ମହାପାତ୍ର, ତନୁଶ୍ରୀ ନାୟକ, ବିଜୟଲକ୍ଷ୍ମୀ ରାଉତରାୟ, ମହାପାତ୍ର ମିନତୀ ଭଞ୍ଜ ଏବଂ ଅନୁଜା ତାରିଣୀ ମିଶ୍ରଙ୍କ ଦ୍ୱାରା ବିଦଗ୍ଧ ଚିନ୍ତାମଣିଙ୍କ ଗୀତାଞ୍ଜଳି ସଙ୍ଗୀତ ପରିବେଷଣ ବେଶ ମନ୍ତ୍ରମୁଗ୍ଧ କରିଥିଲା। ଅନୁଷ୍ଠାନର ସଭାପତି ମନୋଜ କୁମାର ନାୟକ ଆନୁଷ୍ଠାନିକ ସ୍ୱାଗତ ସମ୍ଭାଷଣ ସ୍ୱରୂପ କାହିଁକି ଆମେ ବିଦଗ୍ଧ ଚିନ୍ତାମଣିଙ୍କୁ ମନେରଖିବା ସେ ବିଷୟରେ ସମ୍ୟକ ସୂଚନା ଦେବାସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟିକ ବିଜୟ ମଲ୍ଲ ସଭାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ ଛାତ୍ରନେତା ତନ୍ମୟ ସ୍ୱାଇଁ, ସତ୍ୟ ଦାସ। ବିଷ୍ଣୁ ନନ୍ଦ, ସୁମିତ୍ ମହାପାତ୍ର ଓ ତପନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପବିତ୍ର ମହାରଥା ଧନ୍ୟବାଦ୍ ଦେଇଥିଲେ।

### ପୂର୍ବତଟ ରେଳପଥର ରେକର୍ଡ଼

## ୨,୦୦୦ କୋଟି ଟଙ୍କାର ଯାତ୍ରୀ ରାଜସ୍ୱ ଆୟ

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ରେ ରେକର୍ଡ ୨୯୯ ଦିନ ମଧ୍ୟରେ ଯାତ୍ରୀ ରାଜସ୍ୱ ଆୟରେ ୨୦୦୦ କୋଟି ଅତିକ୍ରମ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି, ଯାହା ସମଗ୍ର ଜୋନରେ ଯାତ୍ରୀ ଯାତାୟାତରେ ନିରନ୍ତର ଅଭିବୃଦ୍ଧି ଏବଂ ଉନ୍ନତ ରେଳ ସେବାକୁ ପ୍ରତିଫଳିତ କରୁଛି।

ଏହି ସଫଳତା ବର୍ଷକ୍ରମେ ହେଉଥିବା ଲଗାତାର ଉନ୍ନତିକୁ ଦର୍ଶାଉଛି। ଆହୁରି ମଧ୍ୟ ପୂର୍ବତଟ ରେଳପଥ ୨୦୨୪-୨୫ ରେ ୩୦୮ ଦିନ, ୨୦୨୩-୨୪ ରେ ୩୩୧ ଦିନ ଏବଂ ୨୦୨୨-୨୩ ରେ ୩୬୫ ଦିନରେ ୨,୦୦୦ କୋଟି ଟଙ୍କା ଅତିକ୍ରମ କରିଥିଲା, ଯାହା ବର୍ଦ୍ଧିତ ଯାତ୍ରୀ ବିଶ୍ୱାସ ଏବଂ ସୁରକ୍ଷା, ସମୟାନୁବର୍ତ୍ତିତା ଏବଂ ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଜୋନର କେନ୍ଦ୍ରିତ ପ୍ରୟାସକୁ ସ୍ପଷ୍ଟ କରୁଛି। ଯାତ୍ରୀ ରାଜସ୍ୱରେ ବୃଦ୍ଧି ଯାତ୍ରୀ ଜୋନଦ୍ୱାରା ନିଆଯାଇଥିବା ଅନେକ ଯାତ୍ରୀ କୈନ୍ଦ୍ରିକ ପଦକ୍ଷେପ ଦ୍ୱାରା ପରିଚାଳିତ ହୋଇଛି। ଡିଜିଟାଲ୍ ଟିକେଟିଂ ପ୍ଲାଟଫର୍ମର ବିସ୍ତାର, ଉନ୍ନତ ଷ୍ଟେସନ ସୁବିଧା ସହିତ ଯାତ୍ରୀ ସୁବିଧା ଏବଂ ଯାତ୍ରା ଅଭିଜ୍ଞତାର ନିରନ୍ତର ଉନ୍ନତିକରଣ ରେଳ ଯାତ୍ରାକୁ ଅଧିକ ସୁବିଧାଜନକ ଏବଂ ସମାବେଶୀ କରିଛି। ପାର୍ବଣ ଋତୁ ଚାହିଦା ପୂରଣ କରିବା ପାଇଁ, ପର୍ବ ଏବଂ ଛୁଟିଦିନଗୁଡ଼ିକରେ ୧,୫୨୩ଟି ସ୍ୱତନ୍ତ୍ର ଟ୍ରେନ୍ ପରିଚାଳିତ ହୋଇଥିଲା। ନିରନ୍ତର ସେବା ବୃଦ୍ଧି ପାଇଁ ୧୯ଟି କୋଚ୍ ସ୍ଥାୟୀ ଭାବରେ ଯୋଡିବା ସହିତ ୪,୦୫୦ଟି ଅତିରିକ୍ତ କୋଚ୍ ସହିତ ୨୦୦ଟି ମେଲ୍/ଏକ୍ସପ୍ରେସ୍ ଟ୍ରେନ୍ ବୃଦ୍ଧି କରି କ୍ଷମତାକୁ ଆହୁରି ସୁଦୃଢ଼ କରାଯାଇଥିଲା। ଯାତ୍ରା ସୁରକ୍ଷା ଏବଂ ସୁବିଧା ବୃଦ୍ଧି ପାଇଁ ଚାଲିଥିବା ପ୍ରୟାସର ଅଂଶ ଭାବରେ, ଚଳିତ ଆର୍ଥିକ ବର୍ଷରେ ଏଲଏଚବି ରେକ୍ ସହିତ ଦୁଇଟି ଟ୍ରେନ୍ ପ୍ରଚଳନ କରାଯାଇଥିଲା। ତିନୋଟି ନୂତନ ଏକ୍ସପ୍ରେସ୍ ସେବା - ବୌଦ୍ଧ-ଭୁବନେଶ୍ୱର-ବୌଦ୍ଧ ଏକ୍ସପ୍ରେସ୍, ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ଏକ୍ସପ୍ରେସ୍, ଏବଂ ବ୍ରହ୍ମପୁର-ଉଧନା-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ୍ ପ୍ରଚଳନ ସହିତ ନେଟୱାର୍କ ସମ୍ପ୍ରସାରଣ ଏବଂ ଉନ୍ନତ ଯୋଗାଯୋଗ ହାସଲ କରାଯାଇଥିଲା। ୨୧ଟି ଟ୍ରେନ୍ କୁ ଅତିରିକ୍ତ ଷ୍ଟପେଜ୍ ପ୍ରଦାନ କରି, ତିନି ଯୋଡା ଟ୍ରେନ୍ ସମ୍ପ୍ରସାରଣ କରି ଏବଂ ଗୋଟିଏ ଯୋଡା ଟ୍ରେନ୍ ର ଫ୍ରିକ୍ୱେନ୍ସି ବୃଦ୍ଧି କରି ଯାତ୍ରୀଙ୍କ ସୁବିଧାକୁ ଆହୁରି ଉନ୍ନତ କରାଯାଇଥିଲା। ଯାତ୍ରୀ ପରିବହନରେ ଦୃଢ଼ ପ୍ରଦର୍ଶନ ସହିତ ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷରେ ପଣ୍ୟ ପରିବହନ ଏବଂ ସାମଗ୍ରିକ ଆୟରେ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି ଜୋନ୍ ୨୦୯.୯୭ ନିୟୁତ ଟନ୍ ରେକର୍ଡ ପଣ୍ୟ ପରିବହନ ହାସଲ କରିଛି, ଯାହା ପୂର୍ବ ବର୍ଷର ସମାନ ସମୟ ତୁଳନାରେ ୧୧% ଅଭିବୃଦ୍ଧି ହାସଲ କରିଛି। ପୂର୍ବତଟ ରେଳପଥ ଏହାର ସବୁଠାରୁ ଦ୍ରୁତତମ ୨୩,୦୦୦ କୋଟି ଟଙ୍କାର ପଣ୍ୟ ପରିବହନ ଆୟ ମଧ୍ୟ ହାସଲ କରିଛି, ଯେତେବେଳେ ମୋଟ ପଣ୍ୟ ପରିବହନ ଆୟ ୨୧,୫୪୩ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୩,୫୯୫ କୋଟିକୁ ବୃଦ୍ଧି ପାଇଛି, ଯାହା ସାମଗ୍ରିକ ୧୧.୨୧% ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି। ଏହି ସଫଳତାଗୁଡ଼ିକ ପୂର୍ବତଟ ରେଳପଥର ଦୃଢ଼ କାର୍ଯ୍ୟକ୍ଷମ ଦକ୍ଷତା, ଯାତ୍ରୀ ଏବଂ ପଣ୍ୟ ପରିବହନ କ୍ଷେତ୍ରରେ ସନ୍ତୁଳିତ ଅଭିବୃଦ୍ଧି ଏବଂ ଦେଶର ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବା ସହିତ ନିରାପଦ, ନିର୍ଭରଯୋଗ୍ୟ ଏବଂ ଯାତ୍ରୀ-କେନ୍ଦ୍ରିକ ରେଳ ସେବା ପ୍ରଦାନ କରିବା ପ୍ରତି ଏହାର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## ତ୍ରୁଟି ସଂଶୋଧନ

ଗତ ୨୮ ତାରିଖ ସଂସ୍କରଣରେ ପୃଷ୍ଠା-୩ରେ ‘ଲୋକଭବନରେ ପତାକା ଉତ୍ତୋଳନ କଲେ ରାଜ୍ୟପାଳ’ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ତେବେ ରାଜ୍ୟପାଳ ନୁହନ୍ତି ତାଙ୍କ ସଚିବ ପତାକା ଉତ୍ତୋଳନ କରିଥିଲେ। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

## ରାମକୃଷ୍ଣ କୁଟୀରରେ ଉଡ଼ିଲା ତ୍ରିରଙ୍ଗା



**କଟକ,୨୮।୧/ଏନ୍ଏନ୍ଏସ୍:** ବଙ୍ଗାଳୀସାହିସ୍ଥିତ ରାମକୃଷ୍ଣ କୁଟୀରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କୁଟୀର ପ୍ରାଙ୍ଗଣରେ ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କଲାପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ ଓ ସହ ସମ୍ପାଦକ ଭୁବନାନନ୍ଦ ମହାନ୍ତି ଗଣତାନ୍ତ୍ରିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। କୁଟୀରର ଅନ୍ତେବାସୀମାନେ ଏହି ଆଲୋଚନାରେ ଭାଗ ନେଇଥିଲେ।

### ୱିଙ୍ଗସ୍ ଇଣ୍ଡିଆ ୨୦୨୬ରେ ଓଡ଼ିଶା ପ୍ରଦର୍ଶନ କଲା ଭବିଷ୍ୟତର ବିମାନ ଚଳାଚଳ ଦୂରଦୃଷ୍ଟି

## ମହିଳା ନେତୃତ୍ୱ ଓ ଦକ୍ଷତା ଭିତ୍ତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ହାଇଦ୍ରାବାଦର ବେଗୁମପେଟ୍‌ଠାରେ ଆୟୋଜିତ ଏସିଆର ସବୁଠାରୁ ବଡ଼ ବେସାମରିକ ବିମାନ ଚଳାଚଳ କାର୍ଯ୍ୟକ୍ରମ ‘ୱିଙ୍ଗସ ଇଣ୍ଡିଆ ୨୦୨୬’ରେ ଓଡ଼ିଶା ସରକାର ଅଂଶଗ୍ରହଣ କରିଛନ୍ତି। ଭାରତର ବିମାନ ଚଳାଚଳ କ୍ଷେତ୍ରରେ ରାଜ୍ୟର ବଢୁଥିବା ଭୂମିକାକୁ ପ୍ରତିଫଳିତ କରି ଏହି ପାଭିଲିୟନର ବିଷୟବସ୍ତୁ ‘ଓଡ଼ିଶା ଟେକ୍ସ ଫ୍ଲାଇଟ୍’ ରଖାଯାଇଛି। ଓଡ଼ିଶା ଷ୍ଟଲରେ ପରିଦର୍ଶକମାନେ ଅନୁଭବ କରୁଛନ୍ତି ଯେ କିଭଳି ପ୍ରଗତିଶୀଳ ନୀତି, ଆଞ୍ଚଳିକ ଓ ଅନ୍ତର୍ଜାତୀୟ ଯୋଗାଯୋଗର ସମ୍ପ୍ରସାରଣ, ଦକ୍ଷତା ବିକାଶ ଏବଂ ଦୀର୍ଘକାଳୀନ ଭିତ୍ତିଭୂମି ଯୋଜନା ମାଧ୍ୟମରେ ରାଜ୍ୟ ଏକ ଭବିଷ୍ୟତ-ଉପଯୋଗୀ, ଅନ୍ତର୍ଭୁକ୍ତୀକରଣ ଏବଂ ନିବେଶ-ଅନୁକୂଳ ବିମାନ ଚଳାଚଳ ବ୍ୟବସ୍ଥା ଗଠନ କରୁଛି। ଏହି ପାଭିଲିୟନରେ ଓଡ଼ିଶାର ‘ସମସ୍ତଙ୍କ ପାଇଁ ବିମାନ ଚଳାଚଳ’ ଦୂରଦୃଷ୍ଟିକୁ ପ୍ରଦର୍ଶିତ କରାଯାଇଛି। ଏଥିରେ ବିମାନବନ୍ଦର ବିକାଶ, ବିମାନ ଚଳାଚଳ ପ୍ରଶିକ୍ଷଣ, ଡ୍ରୋନ୍ ଇକୋସିଷ୍ଟମ୍ ସମ୍ଭାବନା ଏବଂ ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଥିବା ସୁଯୋଗଗୁଡ଼ିକୁ ହାଇଲାଇଟ୍ କରାଯାଇଛି, ଯାହା ‘ବିକଶିତ ଓଡ଼ିଶା ୨୦୩୬’ ଏବଂ ‘ବିକଶିତ ଭାରତ ୨୦୪୭’ର ରୋଡମ୍ୟାପ୍ ସହ ଜଡ଼ିତ। ଏହି ଅବସରରେ ଓଡିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ‘ବିମାନ ଚଳାଚଳ କ୍ଷେତ୍ରରେ ମହିଳା’ ଶୀର୍ଷକ ରାଉଣ୍ଡ ଟେବୁଲ୍ ଅଧିବେଶନରେ ଜଣେ ଆଲୋଚକ ଭାବେ ଯୋଗ ଦେଇଥିଲେ। ଏହା ବିମାନ ଚଳାଚଳ କ୍ଷେତ୍ରରେ ଲିଙ୍ଗଗତ ସମାନତା ଏବଂ ମହିଳା ନେତୃତ୍ୱ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି ଅବସରରେ ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ, ରାଜ୍ୟର ମୁଖ୍ୟ ଲକ୍ଷ୍ୟ ହେଉଛି ଝିଅମାନଙ୍କୁ ସେମାନଙ୍କ କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟରୁ ବିମାନ ଚଳାଚଳ କ୍ଷେତ୍ରରେ ଅନୁସନ୍ଧାନ କରିବାକୁ ଉତ୍ସାହିତ କରିବା। ବିଭିନ୍ନ ବିଭାଗ ଏବଂ ଅଂଶୀଦାରମାନଙ୍କ ସମନ୍ୱୟରେ ଏଭଳି ଏକ ପରିବେଶ ସୃଷ୍ଟି କରାଯାଉଛି ଯେଉଁଠାରେ ମହିଳାମାନେ ଏହି କ୍ଷେତ୍ରରେ ପ୍ରବେଶ କରିବା ସହ ଅଭିବୃଦ୍ଧି ହାସଲ କରି ନେତୃତ୍ୱ ନେଇପାରିବେ। ଦକ୍ଷତା ବିକାଶ ଆଭିମୁଖ୍ୟକୁ ଆଗକୁ ବଢ଼ାଇବା ପାଇଁ, ବାଣିଜ୍ୟ ଏବଂ ପରିବହନ ବିଭାଗ ପକ୍ଷରୁ ଆଜି ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଚୁକ୍ତିନାମା ସ୍ୱାକ୍ଷର ଅନୁଯାୟୀ, ମୟୂରଭଞ୍ଜର ଦାଣ୍ଡବୋଷ ବିମାନବନ୍ଦରଠାରେ ଏକ ‘ଫ୍ଲାଇଙ୍ଗ୍ ଟ୍ରେନିଂ ଅର୍ଗାନାଇଜେସନ୍’ ପ୍ରତିଷ୍ଠା କରାଯିବ, ଯେଉଁଠାରେ ବାର୍ଷିକ ପ୍ରାୟ ୫୦ ଜଣ ପାଇଲଟଙ୍କୁ ପ୍ରଶିକ୍ଷଣ ଦିଆଯିବ। ସେହିପରି ଅନ୍ୟ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି, ଯାହା ମାଧ୍ୟମରେ ବ୍ରହ୍ମପୁରର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ଏକ ଡ୍ରୋନ୍ ପ୍ରଶିକ୍ଷଣ ଏବଂ ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହା ଓଡ଼ିଶାର ପ୍ରଥମ ଏଭଳି କେନ୍ଦ୍ର ହେବ ଏବଂ ଏଠାରେ ବାର୍ଷିକ ୧୦୦ରୁ ଅଧିକ ଡ୍ରୋନ ପାଇଲଟଙ୍କୁ ପ୍ରଶିକ୍ଷଣ ଦିଆଯାଇପାରିବ। ସରକାରୀ-ବେସରକାରୀ ସହଭାଗିତା ମଡେଲରେ ବିମାନବନ୍ଦର ଭିତ୍ତିଭୂମି ବିକାଶ, ନୀତିଗତ ସହାୟତା ଏବଂ ସ୍ଥାୟୀ ବିକାଶ ଉପରେ ଓଡ଼ିଶା ଗୁରୁତ୍ୱ ଦେଉଛି। ଏହି ସମସ୍ତ ପଦକ୍ଷେପ ଓଡ଼ିଶାର ବିମାନ ଚଳାଚଳ କ୍ଷେତ୍ରକୁ ସଶକ୍ତ କରିବା ସହ ଆଞ୍ଚଳିକ ସଂଯୋଗୀକରଣ ଏବଂ ସମୂହ ବିକାଶକୁ ସୁନିଶ୍ଚିତ କରିବ। ଜାନୁଆରୀ ୨୮ ରୁ ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ପରିଦର୍ଶକମାନେ ହଲ୍-ସି, ଷ୍ଟଲ୍ ନମ୍ବର ୨୫-ସିକୁ ଯାଇ ଓଡ଼ିଶାର ଏହି ବିମାନ ଚଳାଚଳ ଯାତ୍ରା ସମ୍ପର୍କରେ ଅଧିକ ଜାଣିପାରିବେ।

### ‘ଓଡ଼ିଶା ଦର୍ଶନ’ ପରିଭ୍ରମଣ

## ପର୍ଯ୍ୟଟନସ୍ଥଳୀ ବୁଲିବେ ପ୍ରାୟ ୨୬୦ ସ୍ୱେଚ୍ଛାସେବୀ

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟ ଏନ୍ଏସ୍ଏସ୍ ଶାଖା ପକ୍ଷରୁ ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମ-୨୦୨୬ ଆରମ୍ଭ ହୋଇଛି। ଏହି ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମ ଆସନ୍ତା ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟର ପ୍ରାୟ ୨୬୦ ଜଣ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ମନ୍ଦିର, ବେଳାଭୂମି, ଐତିହାସିକ ସ୍ଥାନ ବୁଲି ଦେଖିବା ସହିତ ରାଜ୍ୟର ପ୍ରମୁଖ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଆଦି ମଧ୍ୟ ପରିଭ୍ରମଣ କରିବେ। ଏଥିପାଇଁ ସ୍ୱେଚ୍ଛାସେବୀମାନେ ଆଜି ନିଜର ଯାତ୍ରା ଆରମ୍ଭ କରିଛନ୍ତି। ଆଜି ରେଡ଼କ୍ରସ୍ ଭବନଠାରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା ଓ ଏନ୍ଏସ୍ଏସ୍ ଆଞ୍ଚଳିକ ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ ପରିଭ୍ରମଣରେ ଯାଉଥିବା ସମସ୍ତ ସ୍ୱେଚ୍ଛାସେବୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସମାଜର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଏବଂ ସମାଜସେବା କାର୍ଯ୍ୟରେ ସର୍ବଦା ନିଜର ଯୋଗଦାନ ଜାରି ରଖିବା ପାଇଁ ପ୍ରେରିତ କରିଥିଲେ। ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମ ମାଧ୍ୟମରେ ଆମ ରାଜ୍ୟର ଯୁବପିଢ଼ିମାନେ ଓଡ଼ିଶାର ଗୌରବମୟ ଇତିହାସ, କଳା, ଭାସ୍କର୍ଯ୍ୟ,ଐତିହ୍ୟ ଓ ସଂସ୍କୃତି ସମ୍ବନ୍ଧରେ ଅଗବତ ହେବା ସହ ଭାବ ବିନିମୟ ମାଧ୍ୟମରେ ବିଭିନ୍ନ ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ ପରିବେଶ ସମ୍ବନ୍ଧରେ ଅବଗତ ହୋଇପାରିବେ ଯାହାଦ୍ୱାରା ଆଗାମୀ ଦିନରେ ମଧ୍ୟ ସ୍ୱେଚ୍ଛାସେବୀମାନେ ନିଜର କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ମତପ୍ରକାଶ କରିଥିଲେ।

## ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ଭାରତର ୭୭ତମ ସାଧାରଣତନ୍ତ୍ର ଦିବସ ଡିଏଭି ପବ୍ଲିକ୍ ସ୍କୁଲ୍ ୟୁନିଟ୍-୮ ପରିସରରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସନ୍ତୋଷ ଉପାଧ୍ୟାୟ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଜାତୀୟପତାକା ଉତ୍ତୋଳନ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଭାରତୀୟ ସମ୍ବିଧାନର ମହତ୍ତ୍ୱ, ଗଣତନ୍ତ୍ରର ମୂଲ୍ୟବୋଧ ଓ ଦେଶ ପାଇଁ କର୍ତ୍ତବ୍ୟନିଷ୍ଠ ନାଗରିକ ହେବାର ଆହ୍ୱାନ କରିଥିଲେ। ଏହି ଅବସରରେ ସ୍କାଉଟ୍, ଗାଇଡ୍, ଏନ୍‌ସିସି, ଏୟାର ଉଇଙ୍ଗସ୍, ରେଡ କ୍ରସ୍ ଏବଂ ବିଦ୍ୟାଳୟର ଚାରୋଟି ସଦନର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରେଡ଼ ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃତି ପ୍ରତିଯୋଗୀ ଓ ଖେଳ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରିଥିବା ଅଭିଭାବକମାନଙ୍କୁ ଟ୍ରଫି ଓ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଇପ୍‌ସିତା ଦାସ ଛାତ୍ରଛାତ୍ରୀମାନଙ୍କୁ ଦେଶର ଉତ୍ତମ ନାଗରିକ ହେବା ସହ ସତ୍ୟ, ଅହିଂସା ଓ ଶୃଙ୍ଖଳାର ପଥରେ ଚାଲିବାକୁ ପ୍ରେରଣା ଦେଇଥିଲେ।

ସେହିପରି ଭୁବନେଶ୍ୱର ୟୁନିଟ୍-୬ସ୍ଥିତ କ୍ଲବ ‘ଲାଇଫ ଲାଇନ୍’ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ଗତକାଲି ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଲବର ବରିଷ୍ଠ ସଦସ୍ୟ ଯଶୋବନ୍ତ ପଟ୍ଟନାୟକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ଅଜୟ କୁମାର ନନ୍ଦ, ସୁମିତ୍ରା ନନ୍ଦନ ମହାପାତ୍ର, ପ୍ରମୋଦ କୁମାର ସୁବୁଦ୍ଧି, ଦୀନେଶ ସାହୁ, କ୍ଲବର ଅନ୍ୟ ସଦସ୍ୟ ସଦସ୍ୟା ଏବଂ ସ୍ଥାନୀୟ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉତ୍ତମ କାର୍ଯ୍ୟ କରୁଥିବା କ୍ଲବର ସଦସ୍ୟ ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ଏଆଇ-ପ୍ରସ୍ତୁତ ପାଇଁ ରିଲାଏନ୍ସ ଜିଓର ପ୍ରୟାସ

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ‘ସମସ୍ତଙ୍କ ପାଇଁ ଏଆଇ’ ମିଶନ୍‌ର ଅଂଶ ସ୍ୱରୂପ, ରିଲାଏନ୍ସ ଜିଓ ସାରା ଓଡ଼ିଶାରେ ଜିଓ ଏଆଇ କ୍ଲାସରୁମ୍ ପ୍ରୋଗ୍ରାମ ଜରିଆରେ ହଜାର ହଜାର ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କୁ ଏଆଇ-ପ୍ରସ୍ତୁତ କରିବା ପାଇଁ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିଛି। ସାରା ଓଡ଼ିଶାରେ ୬୫୦ରୁ ଅଧିକ ସ୍କୁଲର ୫୦୦୦ରୁ ଅଧିକ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଏହି ଅଭିନବ କାର୍ଯ୍ୟକ୍ରମରେ ପଞ୍ଜୀକରଣ କରିସାରିଛନ୍ତି, ଯାହାର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଛାତ୍ରଛାତ୍ରୀ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଭବିଷ୍ୟତ ପାଇଁ ସଶକ୍ତ କରିବା ତଥା ସେମାନଙ୍କ ଏଆଇ ମୌଳିକ ଜ୍ଞାନକୁ ସୁଦୃଢ଼ କରିବା। ଜିଓ ଏଆଇ କ୍ଲାସରୁମ୍ ହେଉଛି ଏକ ମାଗଣା, ସଂରଚିତ ଜାତୀୟ ଏଆଇ ତାଲିମ ପଦକ୍ଷେପ ଯାହା ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭବିଷ୍ୟତର ଦକ୍ଷତା ପ୍ରସ୍ତୁତି ନିର୍ମାଣ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ, ରାଜ୍ୟବ୍ୟାପୀ ବିଭିନ୍ନ ସ୍କୁଲ ଏବଂ କଲେଜଗୁଡ଼ିକରେ ଏଆଇ କର୍ମଶାଳାମାନ ଆୟୋଜନ କରାଯାଉଛି।



ଜିଓ ଏଆଇ କ୍ଲାସରୁମ୍ ଏକ ଚାରି-ମଡ୍ୟୁଲ୍ ବିଶିଷ୍ଟ କାର୍ଯ୍ୟକ୍ରମ ଯେଉଁଥିରେ ଭିଡିଓ ପାଠ୍ୟକ୍ରମ (ଲେକ୍ଚର), ପିଡିଏଫ ଡକ୍ୟୁମେଣ୍ଟ, ରେଫରେନ୍ସ ଭିଡିଓ ଏବଂ ପ୍ରତ୍ୟେକ ମଡ୍ୟୁଲ୍ ପରେ କୁଇଜ୍ ଓ ଆସାଇନମେଣ୍ଟ ଅନ୍ତର୍ଭୁକ୍ତ ରହିଛି। ସମସ୍ତ ମଡ୍ୟୁଲ୍ ଶେଷରେ ସମାପ୍ତି ବ୍ୟାଜ୍ ପ୍ରଦାନ କରାଯିବ। ଜିଓପିସିରେ ସ୍ୱତନ୍ତ୍ର ଭାବରେ ଅଧ୍ୟୟନ କରୁଥିବା ବ୍ୟବହାରକାରୀଙ୍କ ପାଇଁ, ଜିଓ ଇନ୍‌ଷ୍ଟିଚ୍ୟୁଟ୍ ସାର୍ଟିଫିକେସନ୍ ପ୍ରଦାନ କରାଯିବ, ଯାହା ଆସାଇନମେଣ୍ଟ ମାଧ୍ୟମରେ ଜ୍ଞାନ ଏବଂ ବ୍ୟବହାରିକ ପ୍ରୟୋଗ ଉଭୟକୁ ପ୍ରମାଣିତ କରିବ। ଛାତ୍ରଛାତ୍ରୀମାନେ jio.com/ai-classroom ମାଧ୍ୟମରେ ଡେସ୍କଟପ୍ କିମ୍ବା ଲାପଟପ୍ ବ୍ୟବହାର କରି ପାଠ୍ୟକ୍ରମକୁ ପ୍ରବେଶ ଓ ସମ୍ପୂର୍ଣ୍ଣ କରିପାରିବେ ଏବଂ ବ୍ୟବହାରିକ ଜ୍ଞାନ ତଥା ଏଆଇ ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ଅଭିଜ୍ଞତା ହାସଲ କରିପାରିବେ। ଚାରି ସପ୍ତାହ ଅବଧିର ଏହି ଏଆଇ ଶିକ୍ଷା ଯାତ୍ରା ସମସ୍ତ ଶିକ୍ଷକ ଏବଂ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ। ଏଥିରେ ସେମାନେ ଏଆଇ ମୌଳିକ ବିଷୟବସ୍ତୁ, ଜେନେରେଟିଭ୍ ମଡେଲ୍, ପ୍ରଭାବଶାଳୀ ପ୍ରମ୍ପଟିଂ, ଶିକ୍ଷା ଏବଂ ସୃଜନଶୀଳତାକୁ ବୃଦ୍ଧି ପାଇଁ ଏଆଇ ଟୁଲଗୁଡିକର ବ୍ୟବହାର କରି ସମସ୍ୟା ସମାଧାନ, ଚିତ୍ର, କଳା, ସଙ୍ଗୀତ ଓ କାହାଣୀ ତଥା ସ୍ମାର୍ଟ ସମାଧାନ ସୃଷ୍ଟି କରିପାରିବେ। ଏହା ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କୁ ଏଆଇ ଜରିଆରେ ୱେବସାଇଟ୍ ଓ ପ୍ରେଜେଣ୍ଟେସନ ନିର୍ମାଣ, ବିଷୟବସ୍ତୁ ବା କଣ୍ଟେଣ୍ଟ ପ୍ରସ୍ତୁତି ଏବଂ ରିୟଲ ୱାର୍ଲ୍ଡ ପ୍ରକଳ୍ପ ତିଆରି କରିବା ପାଇଁ ସକ୍ଷମ କରିବା ସହିତ ସେମାନଙ୍କର ନିଜର ପ୍ରଥମ ଏଆଇ ପ୍ରକଳ୍ପରେ କାମ କରିବା ସୁଯୋଗ ପ୍ରଦାନ କରିବ। ପ୍ରିମିୟମ୍ ଏଆଇ ଉପକରଣ (ଟୁଲସ) କୁ ପ୍ରବେଶ ଏବଂ ବ୍ୟବହାରିକ ଅଭିଜ୍ଞତା ସହିତ, ଏହା ଶିକ୍ଷକମାନଙ୍କ ପାଇଁ ଅନଲାଇନ୍ ବିଶେଷଜ୍ଞ ତାଲିମ ପ୍ରଦାନ କରି ସେମାନଙ୍କୁ ଅଧିକ ପ୍ରଭାବଶାଳୀ ଭାବରେ ଦୈନିକ ପାଠ୍ୟକ୍ରମ ଯୋଜନା, ଗ୍ରେଡିଂ, ଦୈନିକ ମୂଲ୍ୟାୟନ ଚାର୍ଟ, ପ୍ରଶ୍ନପତ୍ର ପ୍ରସ୍ତୁତି ଇତ୍ୟାଦି ପାଇଁ ଏଆଇ ଉପକରଣ ବ୍ୟବହାର କରିବାକୁ ସଶକ୍ତ କରିଥାଏ। ଜିଓ ଏଆଇ କ୍ଲାସରୁମ ଜିଓପିସି ଦ୍ୱାରା ପରିଚାଳିତ ଏବଂ ଏହା ଜିଓ ଇନଷ୍ଟିଚ୍ୟୁଟ ଦ୍ୱାରା ନିର୍ମାଣ କରାଯାଇଛି, ଯାହା ଉନ୍ନତ ଏଆଇ ଉପକରଣ (ଟୁଲସ) ଗୁଡ଼ିକୁ ମାଗଣା ପ୍ରବେଶ ଭଳି ସୁବିଧା ପ୍ରଦାନ କରିଥାଏ। ଏହି ପଦକ୍ଷେପ ଡିଜିଟାଲ୍ ଅପସ୍କିଲିଂ ଉପରେ ଜାତୀୟ ଶିକ୍ଷା ନୀତି (ଏନଇପି) ର ପ୍ରାଥମିକତା ଅନୁରୂପ ରହିଛି, ଯାହାଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଜିଓ ଏଆଇ କ୍ଲାସରୁମ୍ ସେସନ୍ ?ରେ ଅଂଶଗ୍ରହଣ କରି ଜିଓ ଇନଷ୍ଟିଚ୍ୟୁଟ୍‌ରୁ ଦକ୍ଷତା ପ୍ରମାଣପତ୍ର ପାଇପାରିବେ ଏବଂ ସେମାନଙ୍କର ଶିକ୍ଷାଗତ ଓ ବୃତ୍ତିଗତ ଅଭିବୃଦ୍ଧିକୁ ଆଗକୁ ଆଗକୁ ନେଇପାରିବେ। ଏହାର ଏଆଇ କ୍ଲାସରୁମ୍ ପଦକ୍ଷେପର ଏକ ଅଂଶ ଭାବରେ, ଜିଓପିସି ପକ୍ଷରୁ ଜିଓପିସି ଉପରେ ଏକ ଏଆଇ କ୍ଲାସରୁମ୍ ଛାତ୍ରବୃତ୍ତି ମଧ୍ୟ ଘୋଷଣା କରାଯାଇଛି। ଏହି ଛାତ୍ରବୃତ୍ତି ଏଆଇ ଫାଉଣ୍ଡେସନ୍ ପାଠ୍ୟକ୍ରମ (କୋର୍ସ) ସମାପ୍ତ କରିଥିବା ଶିକ୍ଷାର୍ଥୀମାନଙ୍କୁ ଜିଓପିସିରେ ରିହାତିଯୁକ୍ତ ପ୍ରବେଶ ପ୍ରଦାନ କରେ, ଯାହା ଶିକ୍ଷାର୍ଥୀମାନଙ୍କୁ ମହଙ୍ଗା କମ୍ପ୍ୟୁଟର କିଣିବା ଆବଶ୍ୟକ ନକରି ଏଆଇ ପ୍ରକଳ୍ପ, ପରୀକ୍ଷଣ ଏବଂ ବ୍ୟବହାରିକ ପ୍ରୟୋଗରେ କାମ କରିବାକୁ ସକ୍ଷମ କରିଥାଏ।

ରିଲାଏନ୍ସ ଜିଓ ପୂର୍ବରୁ ଓଡ଼ିଶାରେ ୬୦୦ରୁ ଅଧିକ କଲେଜ ଏବଂ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନରେ ଗୁଗୁଲ ଜେମିନି ପ୍ରୋ ମାଧ୍ୟମରେ ସାରା ରାଜ୍ୟରେ କଲେଜ ଛାତ୍ରଛାତ୍ରୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଉପରେ ବ୍ୟବହାରିକ ଜ୍ଞାନ ପ୍ରଦାନ ଏବଂ ସଶକ୍ତ କରିବା ପାଇଁ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିଥିଲା। ଜିଓର ବରିଷ୍ଠ ଅଧିକାରୀମାନେ ଛାତ୍ରଛାତ୍ରୀମାନଙ୍କୁ ଗୁଗୁଲର ସବୁଠାରୁ ସକ୍ଷମ ଏଆଇ ସିଷ୍ଟମ ଗୁଗୁଲ ଜେମିନି ସହିତ ପରିଚିତ କରାଇବା ପାଇଁ ଅଭିନବ ଇଣ୍ଟରାକ୍ଟିଭ୍ ସେସନଗୁଡିକର ସଞ୍ଚାଳନା କରିଥିଲେ, ଯାହା ଶିକ୍ଷାଗତ ଉତ୍କର୍ଷତା, ବୈଷୟିକ ଦକ୍ଷତା, ସୃଜନଶୀଳତା ଏବଂ ଆସିଷ୍ଟେଡ଼ ଶିକ୍ଷା ପାଇଁ ବ୍ୟବହାରିକ ପ୍ରୟୋଗ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। ଏହି ସେସନ ଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ଏଆଇ ଜରିଆରେ ନୋଟ୍ ପ୍ରସ୍ତୁତ କରିବା ଏବଂ ଆସାଇନମେଣ୍ଟ ଲେଖିବା, କୋଡିଂ, ପ୍ରୋଜେକ୍ଟ ପରିକଳ୍ପନା, ଡିଜାଇନ୍, ସାକ୍ଷାତକାର ପ୍ରସ୍ତୁତି ଇତ୍ୟାଦି ପାଇଁ ନୋଟବୁକ୍ ଏଲଏମ ଭଳି ଏଆଇ ଟୁଲସ ବ୍ୟବହାର କରି ସେମାନଙ୍କର ବ୍ୟକ୍ତିଗତ ଏବଂ ବୃତ୍ତିଗତ ଅଭିବୃଦ୍ଧି ହାସଲ କରିବା ଉପରେ ଆଲୋକପାତ କରାଯାଇଥିଲା। ଏହାର ବ୍ୟାପକ ୫ଜି ନେଟୱାର୍କ ସହିତ ଅତ୍ୟାଧୁନିକ ଏଆଇ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରି, ଜିଓ ସାରା ଓଡ଼ିଶାରେ ଡିଜିଟାଲ୍ ବୈଷମ୍ୟକୁ ଦୂର କରି ଭବିଷ୍ୟତର ଡିଜିଟାଲ୍ ଅର୍ଥନୀତିରେ ଅର୍ଥପୂର୍ଣ୍ଣ ଅବଦାନ ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବା ଦିଗରେ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି ପଦକ୍ଷେପ ଛାତ୍ରଛାତ୍ରୀମାନଙ୍କୁ ଶକ୍ତିଶାଳୀ ଏଆଇ ଟୁଲସ୍ ଏବଂ ବିଶେଷଜ୍ଞଙ୍କ ସହାୟତାରେ ଏଆଇ ବ୍ୟବହାର ସହିତ ପରିଚିତ ହେବାରେ ସହାୟକ ହେଉଛି, ଯାହା ସେମାନଙ୍କୁ ଆତ୍ମବିଶ୍ୱାସର ସହିତ ଏଆଇ-ରେଡି ପ୍ରଫେସନାଲ ହେବା ଦିଗରେ ସଶକ୍ତ କରୁଛି। ଏହି ମିଶନର ସହାୟତା ପାଇଁ ଗୁଗୁଲ୍ ଜେମିନି ପ୍ରୋ ପ୍ଲାନ ସମସ୍ତ ସକ୍ରିୟ ଜିଓ ଅନଲିମିଟେଡ୍ ୫ଜି ଉପଭୋକ୍ତାମାନଙ୍କ ପାଇଁ ମାଗଣାରେ ଉପଲବ୍ଧ, ଯାହା ୩୫,୧୦୦ ଟଙ୍କା ମୂଲ୍ୟର ୧୮ ମାସର ସବସ୍କ୍ରିପସନ୍ ମାଗଣାରେ ପ୍ରଦାନ କରୁଛି। ଏହି ପ୍ରିମିୟମ୍ ଏଆଇ ପ୍ଲାନରେ ଅନ୍ତର୍ଭୁକ୍ତ ରହିଛି ସର୍ବାଧୁନିକ ଗୁଗୁଲ୍ ଜେମିନି ୩ ପ୍ରୋ ମଡେଲ୍, ଏଆଇ ସହାୟତାରେ ଡିଜାଇନ ଚିତ୍ର ସୃଷ୍ଟି ପାଇଁ ନାନୋ ବନାନା ପ୍ରୋ (Nano Banana Pro), ଭିଡିଓ ପ୍ରସ୍ତୁତି ପାଇଁ ଭିଓ ୩.୧ (Veo 3.1), ଶିକ୍ଷାଭିତ୍ତିକ ଗବେଷଣା ପାଇଁ ନୋଟବୁକଏଲଏମ (NotebookLM) ଏବଂ ୨ ଟିବି କ୍ଲାଉଡ୍ ଷ୍ଟୋରେଜ୍ ଭଳି ଉନ୍ନତ ଏଆଇ ଟୁଲସର ବ୍ୟବହାର ସୁଯୋଗ। ଜିଓ ଅନଲିମିଟେଡ଼ ୫ଜି ଉପଭୋକ୍ତାମାନେ ମାଇଁ ଜିଓ ଆପ୍ ମାଧ୍ୟମରେ ଅତି ସହଜରେ ଏହି ପ୍ଲାନକୁ ସକ୍ରିୟ କରିପାରିବେ, ଯାହା ଶିକ୍ଷା ଏବଂ ସୃଜନଶୀଳତାକୁ ବଢାଇବା ପାଇଁ ପରିବର୍ତ୍ତନକାରୀ ଏଆଇ କ୍ଷମତାଗୁଡ଼ିକର ତୁରନ୍ତ ଆକ୍ସେସ ପ୍ରଦାନ କରିଥାଏ।

## ଅଜିତ ପାୱାରଙ୍କ ଅକାଳ ବିୟୋଗ ଅତ୍ୟନ୍ତ ଦୁଃଖଦ:ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଅକାଳ ବିୟୋଗରେ ଦୁଃଖପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରି କହିଛନ୍ତି ଯେ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାରେ ଅକାଳ ବିୟୋଗ ଖବର ଅତ୍ୟନ୍ତ ଦୁଃଖଦ ଏବଂ ହୃଦୟ ବିଦାରକ। ଅଜିତ ପାୱାର ଜଣେ ତୀକ୍ଷ୍ଣ ରାଜନେତା ଏବଂ ଜଣେ ଉତ୍ସର୍ଗୀକୃତ ସରକାରୀ ସେବକ ଥିଲେ। ଏହି ଗଭୀର ଦୁଃଖର ମୁହୂର୍ତ୍ତରେ ମୁଁ ଶୋକସନ୍ତପ୍ତ ପରିବାର, ସହକର୍ମୀ ଏବଂ ମହାରାଷ୍ଟ୍ରର ଜନସାଧାରଣଙ୍କ ପ୍ରତି ମୋର ସମବେଦନା ପ୍ରକାଶ କରୁଛି । ମୁଁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଜୀଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ସେ ସ୍ୱର୍ଗତଃ ଆତ୍ମାଙ୍କୁ ତାଙ୍କ ପାଦରେ ସ୍ଥାନ ଦିଅନ୍ତୁ ଏବଂ ଶୋକସନ୍ତପ୍ତ ପରିବାରକୁ ଏହି କ୍ଷତି ସହିବା ପାଇଁ ଶକ୍ତି ଦିଅନ୍ତୁ।'

## ଅଜିତ ପାୱାରଙ୍କ ବିୟୋଗରେ ରାଜ୍ୟ ବିଜେପି ସଭାପତିଙ୍କ ଶୋକ

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ବରିଷ୍ଠ ରାଜନେତା ତଥା ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ସମେତ ସାଙ୍ଗରେ ଥିବା ସଦସ୍ୟ ଓ ସୁରକ୍ଷା କର୍ମୀଙ୍କ ଆଜି ବିମାନ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଛି। ଏହା ଅତ୍ୟନ୍ତ ଦୁଃଖଦ ଓ ମର୍ମନ୍ତୁଦ ଘଟଣା। ସ୍ୱର୍ଗତଃ ପାୱାର ଦୀର୍ଘ ୪ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ରାଜନୀତିରେ ସକ୍ରିୟ ଥିଲେ । ସେ ମହାରାଷ୍ଟ୍ରରେ ସର୍ବାଧିକ ୬ ଥର ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବା ସହ ୮ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ମହାରାଷ୍ଟ୍ର ରାଜନୀତିରେ ସ୍ୱର୍ଗତଃ ପାୱାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ବିୟୋଗରେ ମହାରାଷ୍ଟ୍ର ତଥା ଦେଶର ରାଜନୀତିରେ ବିରାଟ କ୍ଷତି ହେବା ସହ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିବା ସହ ଶୋକବ୍ୟକ୍ତ କରିଛନ୍ତି। ପରଲୋକଗତ ଅମର ଆତ୍ମାର ସଦଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ଶ୍ରୀ ସାମଲ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ଅଜିତ ପାୱାରଙ୍କ ବିୟୋଗରେ ନବୀନଙ୍କ ଶୋକ ପ୍ରକାଶ

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ଅଜିତ ପାୱାରଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ, ବାରାମତିରେ ବିମାନ ଅବତରଣ ବେଳେ ଦୁର୍ଘଟଣାରେ ଅଜିତ ପାୱାରଙ୍କ ଦୁଃଖଦ ଦେହାନ୍ତ ଘଟିଛି। ଦୁର୍ଘଟଣାରେ ଅଜିତଙ୍କ ସମେତ ମୋଟ୍ ୫ ଜଣଙ୍କ ଦେହାନ୍ତ ହୋଇଛି। ଏହି ମର୍ମନ୍ତୁଦ ଘଟଣାରେ ମୁଁ ସ୍ତବ୍ଧ ହୋଇଯାଇଛି। ଏହି ବିଷୟରେ ଜାଣି ମୁଁ ଗଭୀର ଭାବେ ମର୍ମାହତ ଏବଂ ଦୁଃଖିତ। ପରିବାର, ବନ୍ଧୁ ଏବଂ ସମର୍ଥକଙ୍କ ପ୍ରତି ମୋର ହୃଦୟର ସହାନୁଭୂତି । ଓମ୍ ଶାନ୍ତି ବୋଲି ଶ୍ରୀ ପଟ୍ଟନାୟକ ଏକ୍ସରେ ଉଲ୍ଲେଖ କରିଛନ୍ତି।



ଷଷ୍ଠ ରାଜ୍ୟ ଅର୍ଥ କମିଶନର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବୃତ୍ତାନ୍ତ ରିପୋର୍ଟ ପ୍ରଦାନ କରୁଛନ୍ତି

### ଲାଞ୍ଚ ନେବା ମାମଲା

## ପୁଲିସ ଏଏସ୍ଆଇଙ୍କୁ ୩ ବର୍ଷ ଜେଲ୍

**ଫୁଲବାଣୀ,୨୮।୧/ଏନ୍ଏନ୍ଏସ୍:** ମାମଲା କୋହଳ କରିବା ପାଇଁ ଲାଞ୍ଚ ନେବା ମାମଲାରେ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଜଣେ ପୁଲିସ ଏଏସ୍ଆଇଙ୍କୁ ତିନି ବର୍ଷ ଜେଲଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜୋରିମାନା କରାଯାଇଛି। ଜୋରିମାନା ଅନାଦେୟ ଅଭିଯୁକ୍ତଙ୍କୁ ଅଧିକ ୪ ମାସ ଜେଲ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲ୍ଲା ବୁଟୁପାଲିର ନବୀନ କୁମାର ଶତପଥୀ। ସୂଚନା ଅନୁଯାୟୀ ୨୦୨୩ ମସିହାରେ ଶ୍ରୀ ଶଥପଥୀ ଅନୁଗୁଳ ଜିଲ୍ଲା କିଆକଟା ଥାନାରେ ଏଏସ୍ଆଇ ଭାବେ କାର୍ଯ୍ୟରତ ଥିବା ବେଳେ ଏକ ମାମଲାକୁ କୋହଳ କରିବା ସହିତ ଅଭିଯୁକ୍ତମାନଙ୍କୁ ଗିରଫ ନକରିବା ପାଇଁ ୮ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଅଭିଯୋଗକାରୀ ପଞ୍ଚାନନ ମେହେର ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ୨୦୨୩ ଜୁଲାଇ ୨୫ ତାରିଖ ଦିନ ଶ୍ରୀ ଶତପଥୀ ଅଭିଯୋଗକାରୀ ପଞ୍ଚାନନଙ୍କ ଠାରୁ ବୌଦ୍ଧ ବସ୍ଷ୍ଟାଣ୍ଡ ଠାରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ପୂର୍ବ ପ୍ରସ୍ତୁତି ଅନୁସାରେ ଭିଜିଲାନ୍ସ ବିଭାଗ ତାଙ୍କୁ ଧରିଥିଲେ। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ୧୨/୨୩ରେ ଏକ ମାମଲା ରୁଜୁ ହୋଇଥିଲା। ଆଜି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଏହି ମାମଲାର ଶୁଣାଣି କରି ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ବର୍ତ୍ତମାନ ଦେବଗଡ ଜିଲ୍ଲା କୋର୍ଟ ଏଏସ୍ଆଇ ଭାବେ କାର୍ଯ୍ୟରତ ଅଛନ୍ତି। ମାମଲାଟିକୁ ସ୍ୱତନ୍ତ୍ର ପିପି ପରିଚାଳନା କରୁଥିଲେ।

### ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା କନ୍‌କ୍ଲେଭ୍

# ଶକ୍ତି ବିଭାଗର ପାଭିଲିୟନକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

### ଟିପିସିଓଡିଏଲ୍ ପକ୍ଷରୁ ଉପଭୋକ୍ତା-କୈନ୍ଦ୍ରିକ ପଦକ୍ଷେପ ପ୍ରଦର୍ଶିତ

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ରାଉରକେଲାରେ ଚାଲିଥିବା ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା କନକ୍ଲେଭରେ ଓଡ଼ିଶାର ଶକ୍ତି କ୍ଷେତ୍ରରେ ଭିଜନକୁ ପ୍ରଦର୍ଶନ କରିବା ପାଇଁ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ପକ୍ଷରୁ ଏକ ପାଭିଲିୟନ ଖୋଲାଯାଇଛି। ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ଏହି ପାଭିଲିୟନର ଅଂଶବିଶେଷ ହୋଇ ଗର୍ବିତ ଅନୁଭବ କରୁଥିବାବେଳେ ଏହି ମଞ୍ଚ ମାଧ୍ୟମରେ ପରିଦର୍ଶନରେ ଆସୁଥିବା ଉପଭୋକ୍ତା ମାନଙ୍କୁ ସଚେତନ କରିବା ସହ ପ୍ରମୁଖ ସରକାରୀ ଯୋଜନା ଏବଂ କମ୍ପାନୀ ଦ୍ୱାରା ପରିଚାଳିତ ବିଭିନ୍ନ ପଦକ୍ଷେପକୁ ପ୍ରୋତ୍ସାହିତ କରୁଛି। ଏହି ପାଭିଲିୟନକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଶିଳ୍ପ ନେତୃବୃନ୍ଦ ଏବଂ ଅଂଶୀଦାରମାନେ ଉପସ୍ଥିତ ଥିଲେ।

ବିଭିନ୍ନ ଆଲୋଚନାତ୍ମକ ପ୍ରଦର୍ଶନୀ ଏବଂ ସଚେତନତା ଶିବିର ମାଧ୍ୟମରେ ଟିପିସିଓଡିଏଲ୍ ଉପଭୋକ୍ତା ସଶକ୍ତିକରଣ, ଶକ୍ତି ଦକ୍ଷତା ଏବଂ ଦୀର୍ଘସ୍ଥାୟୀ ଶକ୍ତି ସମାଧାନ ଉପରେ ଧ୍ୟାନ ଦେଇ ସ୍ମାର୍ଟ ମିଟରିଂ ଏବଂ ପିଏମ୍ ସୋଲାର ଘୁଏଲଏ ମଡେଲର ଲାଭ ବିଷୟରେ ଆଲୋକପାତ କରିଥିଲା। ଏହି ପଦକ୍ଷେପଗୁଡ଼ିକର ଉଦ୍ଦେଶ୍ୟ ହେଉଛି ସ୍ୱଚ୍ଛତା ବୃଦ୍ଧି କରିବା, ସେବା ପ୍ରଦାନରେ ଉନ୍ନତି ଆଣିବା ଏବଂ ଉପଭୋକ୍ତାମାନଙ୍କ ମଧ୍ୟରେ ଅକ୍ଷୟ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂ କହିଛନ୍ତି ଯେ, 'ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା କନକ୍ଲେଭ ହେଉଛି ଶିଳ୍ପ ନେତୃବୃନ୍ଦ ଏବଂ ନୀତି ନିର୍ଦ୍ଧାରକମାନଙ୍କ ସହ ଜଡ଼ିତ ହେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ଶକ୍ତି ବିଭାଗର ପାଭିଲିୟନରେ ଆମର ଅଂଶଗ୍ରହଣ ଉପଭୋକ୍ତା ସଚେତନତା ଏବଂ ଦୀର୍ଘସ୍ଥାୟୀ ବିକାଶ ପ୍ରତି ଟିପିସିଓଡିଏଲ୍‌ର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ସ୍ମାର୍ଟ ମିଟରିଂ ଏବଂ ପିଏମ୍ ସୋଲାର ଘୁଏଲଏ ମଡେଲ ଭଳି ପଦକ୍ଷେପଗୁଡ଼ିକୁ ପ୍ରଦର୍ଶନ କରି ଆମେ ଅଧିକ ସ୍ୱଚ୍ଛତା, ଉନ୍ନତ ସେବା ପ୍ରଦାନ ଏବଂ ସ୍ୱଚ୍ଛ ଶକ୍ତି ସମାଧାନକୁ ଆପଣେଇ ଉପଭୋକ୍ତାମାନଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ରାଜ୍ୟ ପାଇଁ ଏକ ଭରସାଯୋଗ୍ୟ, ଦକ୍ଷ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ଗଠନ କରିବା ପାଇଁ ଟିପିସିଓଡିଏଲ୍ ଓଡ଼ିଶା ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ ଜାରି ରଖିବ।'



### ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗ

## ନବୀନଙ୍କୁ ଭେଟିବାକୁ ସମୟ ମାଗିଲେ ଭକ୍ତ

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ସମୟ ମାଗିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ଫେବୃଆରୀ ପ୍ରଥମ ସପ୍ତାହରେ ନବୀନ ପଟ୍ଟନାୟକଙ୍କୁ ଭେଟିବା ନେଇ ପିସିସି ସଭାପତି ନିଜେ ସୂଚନା ଦେଇଛନ୍ତି। କିନ୍ତୁ ନବୀନ ନିବାସରୁ କୌଣସି ସ୍ପଷ୍ଟତା ଆସିନାହିଁ। ଶ୍ରୀ ଦାସ କହିଛନ୍ତି ଯେ ଆମେ ବିରୋଧୀ ଦଳ। ବିଜେଡି ମଧ୍ୟ ବିରୋଧୀ ଦଳ। ଦୁଇ ଦଳ ମିଶିଲେ ଜଣେ ପ୍ରାର୍ଥୀ ଜିତି ପାରିବେ। ଆମେ ପ୍ରାର୍ଥୀ ଦେଲେ ସେମାନେ ସମର୍ଥନ କରିବେ କି ନାହିଁ ସନ୍ଦେହ। ସେମାନେ ପ୍ରାର୍ଥୀ ଦେଲେ ଆମେ ସମର୍ଥନ କରିବୁ କି ନାହିଁ ସନ୍ଦେହ। କାରଣ ଦୁଇ ଦଳ ମଧ୍ୟରେ ସେହି ରାଜନୀତିକ ତାଳମେଳ ନାହିଁ। କିନ୍ତୁ ବିଜେପିକୁ ଆମେ ବିରୋଧ କରୁଛୁ। ଦେଶରେ ବିଜେପି ସବୁ କ୍ଷେତ୍ରରେ ବିଫଳ ହୋଇଛି। ରାଜ୍ୟରେ ବି ଏହା ବିଫଳ ହୋଇଛି। ଲୋକେ ହଇରାଣ ହେଉଛନ୍ତି। ଏଭଳି ସ୍ଥିତିରେ ଓଡ଼ିଶାର ଜଣେ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ନେଇ ଯଦି ରାଜନୀତିକ ନିଷ୍ପତ୍ତି ହୁଏ, ତା'ହେଲେ ଏହା ସପକ୍ଷରେ ଯିବାକୁ ଆମେ ଚାହିଁବୁ।



ସେ ଆହୁରି କହିଛନ୍ତି ଯେ ଓଡ଼ିଶାର ମାନସମ୍ମାନ, ସୁରକ୍ଷା ଓ ଗର୍ବଗୌରବକୁ ଦେଖି ଯଦି କୌଣସି ପ୍ରକାର ନିଷ୍ପତ୍ତି ହୁଏ, ତା'ହେଲେ ଆମେ ଚିନ୍ତା କରିବା ଉଚିତ। କାରଣ ଆମ ପାଖରେ ଭୋଟ୍ ଅଛି। ନହେଲେ ଦଳକୁ ସକ୍ରିୟ ରଖିବା ପାଇଁ ଜଣେ ପ୍ରାର୍ଥୀ ଦେବାକୁ ପଡ଼ିବ। ଶ୍ରୀ ଦାସ କହିଛନ୍ତି, ଏ ବିଷୟରେ ଆଲୋଚନା କରିବା ପାଇଁ ମୁଁ ନବୀନ ପଟ୍ଟନାୟକଙ୍କୁ ସମୟ ମାଗିଛି। ଫେବୃଆରୀ ପ୍ରଥମ ସପ୍ତାହରେ ସମୟ ମାଗିଛି। ତେବେ 'ସମଦୂରତ୍ୱ' କଥା କହିଆସୁଥିବା ବିଜେଡି ଯଦି କଂଗ୍ରେସ ସହିତ ମିଶି ଜଣେ ପ୍ରାର୍ଥୀଙ୍କୁ ସମର୍ଥନ କରେ, ତାହା ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

## 'ହୋଇପାରେ ବଡ଼ ଗେମ୍'

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ରାଜନୀତିରେ କିଛି ଅସମ୍ଭବ ନୁହେଁ। ଆମକୁ ଅପେକ୍ଷା କରିବାକୁ ହେବ। ଆଗକୁ ବହୁତ୍ କିଛି ବଡ଼ ଗେମ୍ ହୋଇପାରେ। ୨୦୨୬ରେ ବହୁତ କିଛି ହେବ। ଆଗାମୀ ରାଜ୍ୟସଭା ନିର୍ବାଚନରେ ଚତୁର୍ଥ ଆସନ ପାଇଁ ଶାସକ ଓ ବିରୋଧୀ ଦଳ ଭିତରେ ଛକାପଞ୍ଝା ଚାଲିଥିବାବେଳେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା କୃଷ୍ଣଚନ୍ଦ୍ର ପାତ୍ର ଏଭଳି ବଡ଼ ବୟାନ ଦେଇଛନ୍ତି। ଇଙ୍ଗିତରେ ସେ ଅନେକ କଥା ପ୍ରକାଶ କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ରାଜ୍ୟସଭା ନିର୍ବାଚନ ପାଖେଇ ଆସୁଥିବାରୁ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପ୍ରସ୍ତୁତି ଆରମ୍ଭ କରିବା ସ୍ୱାଭାବିକ। କିଏ କାହା ସହ ମେଣ୍ଟ କରିବ ଏବଂ କେମିତି ନୂଆ ସମୀକରଣ ହେବ ତାହା ଦଳର ଆଭ୍ୟନ୍ତରୀଣ ବ୍ୟାପାର। ବିଜେପି ତା'ର ରଣନୀତି କରିଛି। ଆଗକୁ କଣ ଘଟିବ ଆପଣମାନେ ଦେଖିବେ। ବଡ଼ ଗେମ୍ ହୋଇପାରେ। ସବୁ ଆଡ଼କୁ ଧ୍ୟାନ ଦେଇଛୁ, କେଉଁଠି କିଏ ବକ୍ତବ୍ୟ ଦେଲେ ସବୁ ନଜରରେ ରହିଛି। ଖାଲି ଏତିକି ନୁହେଁ,କେଉଁଠି କିଏ ଭୋଜିଭାତ କରି ମେଳି କଲେ, ତା ଉପରେ ବି ନଜର ରହିଥିବା ସେ କହିଛନ୍ତି। ବହୁତ କିଛି ସମୀକରଣ ୨୦୨୬ ମସିହାରେ ହେବାକୁ ଯାଉଛି ବୋଲି ସେ ଦୋହରାଇଛନ୍ତି।



### ମହାନଦୀ ବଞ୍ଚାଓ ଆନ୍ଦୋଳନର ଚେତାବନୀ

## 'କଲମା ବ୍ୟାରେଜ ତଳମୁଣ୍ଡ ବାଲିବନ୍ଧ ଭାଙ୍ଗିଦେବୁ'

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** କଲମା ବ୍ୟାରେଜ ତଳମୁଣ୍ଡରେ ଛତିଶଗଡ଼ ସରକାରଙ୍କ ଦ୍ୱାରା ନିର୍ମାଣ ହୋଇଥିବା ବେଆଇନ ବାଲିବନ୍ଧକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ସଂପୂର୍ଣ୍ଣ ଭାଙ୍ଗିଦେବ ବୋଲି ଚେତାବନୀ ଦେଇଛି। ଏନେଇ ଆନ୍ଦୋଳନର ସଦସ୍ୟମାନେ ଛତଶଗଡ଼ ଯାଇ ପ୍ରସ୍ତୁତି ଶେଷ କରିଛି।

ବୁଧବାର ଗଣମାଧ୍ୟମକୁ ମହାନଦୀ ବଞ୍ଚାଅ ଆନ୍ଦୋଳନର ମୁଖ୍ୟ ସୁଦର୍ଶନ ଦାସ କହିଛନ୍ତି ଯେ ବାରମ୍ବାର ତାଗିଦ୍ ସତ୍ତ୍ୱେ ମହାନଦୀରେ ବାଲି ବନ୍ଧ ନିର୍ମାଣ କରିଛି ଛତିଶଗଡ଼। ଏନେଇ ଉଭୟ ଓଡିଶା ଓ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ହେଲେ ପ୍ରତିକାର ଶୂନ। ବିଶେଷକରି ଓଡ଼ିଶା ସରକାର ବର୍ତ୍ତମାନସୁଦ୍ଧା କୌଣସି ପଦକ୍ଷେପ ନେଇ ନାହାନ୍ତି। ପୂର୍ବ ସରକାର ଯାହା କରିଥିଲେ ତାର ପୁନରାବୃତ୍ତି ଘଟୁଛି। ରାଜ୍ୟ ସରକାରଙ୍କ ଅବହେଳା ଯୋଗୁଁ ଛତିଶଗଡ଼ ସରକାର ଏପରି ବେଆଇନ ପଦକ୍ଷେପ ନେଇଛି। ଶ୍ରୀ ଦାସ କହିଛନ୍ତି ଯେ, ଆନ୍ଦୋଳନ କମିଟି ଛତିଶଗଡ଼ରେ ପ୍ରସ୍ତୁତି ବୈଠକ ଶେଷ କରିବା ପରେ ଛତିଶଗଡ଼ରେ ନଦୀ ପାଇଁ କାମ କରୁଥିବା ସଂଗଠନ ଓ ରାଜନେତାଙ୍କୁ ଭେଟିବ। ଗୁରୁବାର କଲମା ବ୍ୟାରେଜ ତଳମୁଣ୍ଡରେ ନିର୍ମାଣ ହୋଇଥିବା ବାଲିବନ୍ଧକୁ ଭଙ୍ଗାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

## କୃଷକ ଆନ୍ଦୋଳନ ସୁପର୍ ଫ୍ଲପ୍: ମନ୍ତ୍ରୀ

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** କୃଷକ ଆନ୍ଦୋଳନ ସୁପର୍ ଫ୍ଲପ୍। ଆଜି ନବ ନିର୍ମାଣ କୃଷକ ସଂଗଠନ ଓଡ଼ିଶା ବନ୍ଦ ଡାକରାକୁ ନେଇ କିଛି ଏଭଳି କହିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ରାଜ୍ୟର କୌଣସି ଜାଗାରେ ବି କୃଷକ ତାଙ୍କ ସହ ବାହାରି ନାହାନ୍ତି। ପ୍ରକୃତ କୃଷକ ଆନ୍ଦୋଳନରେ ନାହାନ୍ତି। ରାଜରାସ୍ତାକୁ ବାହାରି ନାହାନ୍ତି ଚାଷୀ। ତେଣୁ ନବ ନିର୍ମାଣ କୃଷକ ସଂଗଠନର ବନ୍ଦ ଡାକରା ସୁପର ଫ୍ଲପ୍ ହେଲା। ପ୍ରମାଣ ହେଲା ଯେ ଚାଷୀ ମାନେ ସରକାରଙ୍କ ସହ ଅଛନ୍ତି। ସେମାନେ ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି ଯାହା ବିଫଳ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ସେ କହିଛନ୍ତି ଯେ ଗତକାଲି ସୁଦ୍ଧା ରାଜ୍ୟରେ ୩୭ ଲକ୍ଷ ୯୧ ହଜାର ୨୨୫ ମେଟ୍ରିକ ଟନ ଧାନ କିଣା ସରିଲାଣି। ୮ ହଜାର କୋଟିରୁ ଅଧିକ ଟଙ୍କା କୃଷକ ମାନଙ୍କ ଖାତାକୁ ଯାଇ ସାରିଲାଣି। କିଛି ଜିଲ୍ଲାରେ ଧାନ କିଣା ସରି ଆସିଲାଣି। ଧାନ କିଣା ସୁରୁଖୁରୁରେ ଚାଲିଛି ବୋଲି ସେ ଦୋହରାଇଛନ୍ତି।

### ଜାତୀୟସ୍ତରୀୟ ମଡେଲ ଯୁବ ଗ୍ରାମସଭା ପ୍ରତିଯୋଗିତା

## ଓଡ଼ିଶାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ସଫଳତା

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ଜାତୀୟସ୍ତରରେ ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ। କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଜାତୀୟସ୍ତରୀୟ ମଡେଲ ଯୁବ ଗ୍ରାମ ସଭା ପ୍ରତିଯୋଗିତାରେ ନବରଙ୍ଗପୁର ଜିଲ୍ଲାସ୍ଥିତ ହିର୍ଲି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଦ୍ୱିତୀୟ ସ୍ଥାନ ଅଧିକାର କରି ସମ୍ମାନିତ ହୋଇଛନ୍ତି। ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ସାରା ଦେଶର ପ୍ରାୟ ୨୦୦ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମଡେଲ ଯୁବ ଗ୍ରାମ ସଭା ପ୍ରତିଯୋଗିତାଜାତୀୟ ପୁରସ୍କାର ସମାରୋହ ବୁଧବାର ନୂଆଦିଲ୍ଲୀର ପ୍ରଗତି ମଇଦାନ ସ୍ଥିତ ଭାରତ ମଣ୍ଡପମ୍ ଠାରେ ଆୟୋଜିତ ହୋଇଥିଲା। ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ହିର୍ଲିର ଛାତ୍ରଛାତ୍ରୀ, ଅଧକ୍ଷ ଏବଂ ଗାଇଡ୍ ଶିକ୍ଷକଙ୍କୁ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଛି। ଏଥିସହ ପୁରସ୍କାର ବାବଦକୁ ଏକ ସ୍ମାରକୀ ସହିତ ୭୫ ଲକ୍ଷ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଛି ।

ଏହି ସଫଳତା ଓଡ଼ିଶାର ସମସ୍ତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଓଡ଼ିଶା ମଡେଲ ଆଦିବାସୀ ଶିକ୍ଷା ସମାଜ ଏବଂ ସମଗ୍ର ଓଡ଼ିଶା ରାଜ୍ୟ ପାଇଁ ପ୍ରେରଣାର ଉତ୍ସ ରହିବ। ଏହି ସଫଳତା ଆଦିବାସୀ ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ, ନାଗରିକ ସଚେତନତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରତିଫଳିକ କରିବ। ତେବେ ଏହି ସଫଳତା ହାସଲ୍ କରିବା ପରେ ଛାତ୍ରଛାତ୍ରୀମାନେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ବା. ପରମେଶ୍ୱରନ, ସଚିବ ସୁରେନ୍ଦ୍ର କୁମାର ମୀନା ଏବଂ ନୋଡାଲ ଅଧିକାରୀ ସୁଶ୍ରୀ ପ୍ରଣତି ପାତ୍ରଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।



### ନିର୍ମାଣ ବିଭାଗର ପ୍ରକଳ୍ପ ସମୀକ୍ଷା କଲେ ମନ୍ତ୍ରୀ

# ଭିତ୍ତିଭୂମି ନିର୍ମାଣରେ ବିଳମ୍ୱ ହେଲେ କାର୍ଯ୍ୟାନୁଷ୍ଠାନ

- ନିର୍ମାଣର ସୁରକ୍ଷା ଓ ଗୁଣବତ୍ତା ଉପରେ ଗୁରୁତ୍ୱ
- ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ସମାପ୍ତ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ରାସ୍ତାଘାଟ ଠାରୁ ଆରମ୍ଭ କରି କୋଠାବାଡ଼ି, ଐତିହ୍ୟ କୀର୍ତ୍ତିରାଜି ଏବଂ ବିଭିନ୍ନ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତା ଦିଗରେ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ଚାଲୁ ରହିଥିବା ଭିତ୍ତିଭୂମି ପ୍ରକଳ୍ପର ତ୍ୱରିତ କାର୍ଯ୍ୟାନ୍ୱୟନ କରି ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆଗେଇ ନେବାରେ ଇଞ୍ଜିନିୟରଙ୍କଠାରୁ ଆରମ୍ଭ କରି ଠିକା ସଂସ୍ଥାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନେକ ପ୍ରକଳ୍ପର ନିର୍ମାଣ ଅଗ୍ରଗତି ସନ୍ତୋଷଜନକ ଅଟେ। ତେବେ ବିଳମ୍ବିତ ହେଉଥିବା ପ୍ରକଳ୍ପର କାରଣ ସମାଧାନ କରି ନିର୍ମାଣ କାର୍ଯ୍ୟକୁ ଆଗେଇ ନେବା ପାଇଁ ଆମକୁ ଏକାଠି ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ବୁଧବାର ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ହଲ୍‌ରେ ନିର୍ମାଣ ବିଭାଗ ପକ୍ଷରୁ ୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ ପୁରୀ-କୋଣାର୍କ ରୋଡ୍, ଖୋର୍ଦ୍ଧା ବାଇପାସ୍ ରୋଡ୍, ନୟାଗଡ଼ ଟାଉନ୍ ବାଇପାସ୍, ଜୟପୁର ଟାଉନ ବାଇପାସ୍, କନ୍ଦରପୁର-ବାଲିକୁଦା ରାସ୍ତା, ବଲାଙ୍ଗିର ବାଇପାସ୍ ରୋଡ୍ ସମେତ ପୁରୀ ଐତିହ୍ୟ ପ୍ରକଳ୍ପ, ଏକାମ୍ର କ୍ଷେତ୍ର ଉନ୍ନୟନ ପ୍ରକଳ୍ପ, ମା'ତାରେଣୀ ଓ ସାରଳା ପୀଠର ଉନ୍ନତିକରଣ, ଏସ୍‌ସିବି ପ୍ରକଳ୍ପ, ବିଧାୟକ କଲୋନୀ ନିର୍ମାଣ ସହ ବୈତରଣୀ, ବ୍ରାହ୍ମଣୀ, ତେଲ୍ ଆଦି ବିଭିନ୍ନ ନଦୀରେ ହାଇଲେବୁଲ୍ ସେତୁ ନିର୍ମାଣ କାର୍ଯ୍ୟ ବିଭାଗ ପକ୍ଷରୁ କାର୍ଯ୍ୟକାରୀ କରାଯାଉଛି। ଏହିସବୁ ପ୍ରକଳ୍ପ ରାଜ୍ୟର ବିକାଶ ଓ ସାଧାରଣ ଜନତାଙ୍କ ଲାଗି ବେଶ୍ ଗୁରୁତ୍ୱ ବହନ କରୁଛି। ତେଣୁ ଏହିସବୁ ପ୍ରକଳ୍ପକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସାରିବା ନେଇ ପଦକ୍ଷେପ ନେବାକୁ ସେ ବିଭାଗୀୟ ଇଞ୍ଜିନିୟର ଓ ଠିକା ସଂସ୍ଥାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ। ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଥିଲେ ଯେ ଲକ୍ଷ୍ୟ କରାଯାଉଛି କି ଜମି ଅଧିଗ୍ରହଣ ଓ ଜଙ୍ଗଲ ଜମି ଅନୁମୋଦନ ଏବଂ ଅନ୍ୟାନ୍ୟ ଅନୁମୋଦନ ପ୍ରକ୍ରିୟା ପାଇଁ ଅନେକ ପ୍ରକଳ୍ପ ବିଳମ୍ବିତ ହେଉଛି । ତେଣୁ ନିୟମିତ ବ୍ୟବଧାନରେ ସମ୍ପୃକ୍ତ ବିଭାଗ ସହ ଯୋଗସୂତ୍ର ରଖି ଅନୁମୋଦନ ପ୍ରକ୍ରିୟାକୁ ଶୀଘ୍ର ଶେଷ କରିବା ଉପରେ ଇଞ୍ଜିନିୟରମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଏଥି ସହିତ ପ୍ରକଳ୍ପ କାର୍ଯ୍ୟକୁ ଅହେତୁକ ବିଳମ୍ୱ କରୁଥିବା ଠିକା ସଂସ୍ଥାର ତାଲିକା ପ୍ରସ୍ତୁତ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।



ଏଠାରେ ସୂଚନାଯୋଗ୍ୟ ଯେ ଆଜିର ବୈଠକରେ ଜାତୀୟ ରାଜପଥର ୨୯ଟି ପ୍ରକଳ୍ପ, ଓବିସିସିର ୨୧ଟି ପ୍ରକଳ୍ପ, ୧୨ଟି ରାସ୍ତା ପ୍ରକଳ୍ପ, ୧୨ଟି ସେତୁ ଏବଂ ୧୨ଟି କୋଠାବାଡ଼ି ପ୍ରକଳ୍ପ ଆଦିର ନିର୍ମାଣ ସ୍ଥିତି ସମ୍ପର୍କରେ ବିଶଦ ଆଲୋଚନା କରାଯିବା ସହିତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା।

ବୈଠକରେ ନିର୍ମାଣ ବିଭାଗର ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି ସିଭିଲ୍ ଇଂ ସତ୍ୟବ୍ରତ ବେହେରା, ଅତିରିକ୍ତ ଶାସନ ସଚିବ ଦୀପକ ରଞ୍ଜନ ଦାସ, ପ୍ରଦୀପ ସାହୁ, ଇଆଇସି ଇଂ ଧ୍ୟାନଚାନ୍ଦ ନାୟକ, ମୁଖ୍ୟଯନ୍ତ୍ରୀ (ବିଲ୍ଡିଂ) ଇଂ ପ୍ରିୟବ୍ରତ ସାମନ୍ତରାୟ, ଅର୍ଥ ପରାମର୍ଶଦାତା ରତୀକାନ୍ତ ମହାପାତ୍ର, ଯୁଗ୍ମ ଶାସନ ସଚିବ ଦୀପ୍ତି ରଞ୍ଜନ ବେହେରାଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ଆସିଥିବା ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ନବନିର୍ମାଣ କୃଷକ ସଂଗଠନର ଓଡ଼ିଶା ବନ୍ଦ



**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ମଣ୍ଡିରେ ବେଆଇନ୍ କଟନୀ ଛଟନୀ, ମଣ୍ଡିରେ ଚାଷୀଙ୍କ ବଦଳରେ ବେପାରୀମାନେ ଲମ୍ବା ଲାଇନ ଲଗାଇ ଧାନ ଦେବା ଏବଂ ଚାଷୀଙ୍କୁ ତାଙ୍କ ଧାର୍ଯ୍ୟ ପରିମାଣ ବଦଳରେ କିଣିବା ପାଇଁ ଟୋକନରେ କମ୍ ପରିମାଣରେ ଆସିବା, ବହୁ ବିଳମ୍ବରେ ମଣ୍ଡିରେ ଧାନ ସଂଗ୍ରହ ହେବା ଓ ପ୍ରଦୂଷଣ ନାମରେ ଲକ୍ଷ ଲକ୍ଷ ଲୋକଙ୍କ ଉପରେ ଜୋରିମାନା, ଟାଟା ପାୱାର ସ୍ମାର୍ଟ ମିଟର ନାଁରେ ଗ୍ରାହକ ଶୋଷଣ ବିରୁଦ୍ଧରେ ବୁଧବାର ଓଡ଼ିଶା ବନ୍ଦ ଡାକରା ଦେଇଥିବା ନବନିର୍ମାଣ କୃଷକ ସଂଗଠନ ବନ୍ଦ ପାଳନ ସଫଳ ହୋଇଛି ବୋଲି ଦାବି କରିଛି। ଆଜି ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ସାରା ରାଜ୍ୟରେ ବନ୍ଦ ପାଳନ ପ୍ରଭାବିତ ଭାବରେ କରାଯାଇଛି। ଆଜି ମୟୂରଭଞ୍ଜର ବେତନଟୀ ଠାରୁ ଆରମ୍ଭ କରି ଜଗତସିଂହପୁରର ବାଲିକୁଦା, ଯାଜପୁରର ଚଣ୍ଡିଖୋଲ, ଖୋର୍ଦ୍ଧାର ଜଟଣୀ ଓ ବାଘମାରୀ, ପୁରୀର ଗୋପ, ନୟାଗଡ଼, ଗଜପତି, କଟକ, ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର, ସୋନପୁର, ବଲାଙ୍ଗୀର, ମାଲକାନାଗିରି ଆଦି ଅଞ୍ଚଳରେ ବନ୍ଦର ପ୍ରଭାବ ଜୋରାଦାର ଅନୁଭୂତ ହୋଇଛି। ସରକାର ଯଦି ଏଭଳି ଘଟଣାରେ ହସ୍ତକ୍ଷେପ ନକରନ୍ତି ତେବେ ଆଗାମୀ ଦିନରେ ପ୍ରତିବାଦକୁ ତୀବ୍ର କରାଯିବ। ରାଜଧାନୀ ଭୁବନେଶ୍ୱରରେ ସଂଗଠନର ଯୁବଛାତ୍ର ସଂଗଠନ ବିଶାଳ ମଟର ସାଇକଲ ଶୋଭାଯାତ୍ରାରେ ସହର ପରିକ୍ରମା କରି ବନ୍ଦ ପାଳନ କରିଥିବା ବେଳେ ଏହି ଶୋଭାଯାତ୍ରାରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଓ ମନୱର ଅଲ୍ଲୀ ସାମିଲ ଥିଲେ। ଯୁବଛାତ୍ର ସଂଗଠନର ଆହ୍ୱାନ କ୍ରମେ ଅଧିକାଂଶ ଦୋକାନ ବଜାର ବନ୍ଦ ଥିବା ବେଳେ ଯେଉଁମାନେ ଦୋକାନ ବଜାର ଖୋଲା ରଖିଥିଲେ ସେମାନଙ୍କୁ ସଂଗଠନ କର୍ମୀମାନେ ନିବେଦନ କରି ଦୋକାନ ବନ୍ଦ କରିବା ପାଇଁ କହିଥିଲେ।

# ଲୋକସଭାରେ ଶୋକସଭା

ବଜେଟ୍ ଅଧିବେଶନର ପ୍ରଥମ ଦିନରେ ଅଜିତ୍ ପୱାରଙ୍କ ଦେହାନ୍ତ ଖବର ପ୍ରସାରିତ ହେବା ପରେ ତାଙ୍କ ସମ୍ମାନାର୍ଥେ ଆଜି ଦିନରେ ଲୋକସଭାରେ ଶୋକସଭା ପାଳନ କରାଯାଇଥିଲା। ଶୋକପ୍ରସ୍ତାବ ପରେ ଉଭୟ ଗୃହକୁ ଆସନ୍ତା କାଲି ଯାଏ ମୁଲତବୀ ରଖାଯାଇଛି। ପ୍ରକାଶ, ଅଜିତ୍ ପୱାର ୧୯୯୧ ମସିହାରେ ଲୋକସଭା ସାଂସଦ ଥିଲେ। ତେବେ ଆସନ୍ତା କାଲି ଅର୍ଥାତ୍ ଗୁରୁବାର ମଧ୍ୟ ସଂସଦର ଉଭୟ ଗୃହରେ ଏନେଇ ନୀରବ ପ୍ରାର୍ଥନା କରାଯିବ ଏବଂ ଏହାପରେ ଅଧିବେଶନ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଅନେକ ସାଂସଦ ପାୱାର ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଅନେକ ନେତା, କେନ୍ଦ୍ରମନ୍ତ୍ରୀ, ସାଂସଦ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

'ବିମାନ ଦୁର୍ଘଟଣା ପଛରେ ବଡ଼ ଷଡ଼ଯନ୍ତ୍ର ଥିବା ସନ୍ଦେହ'

## ମହାଯୁତି ମେଣ୍ଟ ଛାଡ଼ିବାକୁ ଚାହୁଁଥିଲେ ଅଜିତ୍: ମମତା

**କୋଲକାତା, ୨୮।୧/ଏଜେନ୍ସି:** ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି ମୁଖ୍ୟ ଅଜିତ ପୱାରଙ୍କ ବିମାନ ଦୁର୍ଘଟଣାଜନିତ ମୃତ୍ୟୁକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକ ବଡ଼ ଅଭିଯୋଗ ଆଣିଛନ୍ତି। ମମତା ନିଜ ସୋସିଆଲ ମିଡିଆ ଏକ୍ସ'ରେ ଲେଖିଛନ୍ତି, "ଅଜିତ ପୱାରଙ୍କ



ଆକସ୍ମିକ ବିୟୋଗରେ ମୁଁ ଗଭୀର ଭାବରେ ମର୍ମାହତ ଏବଂ ସ୍ତବ୍ଧ। ପୱାର ପରିବାର ପ୍ରତି ଗଭୀର ସମବେଦନା। ତେବେ ଅଜିତ୍‌ଙ୍କ ବିମାନ ଦୁର୍ଘଟଣା ପଛରେ ମୋତେ ଏକ ବଡ଼ ଷଡଯନ୍ତ୍ରର ଗନ୍ଧ ମିଳୁଛି। ସୁତରାଂ ମୁଁ ଏହି ଘଟଣାରେ ଏକ ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଉଚ୍ଚସ୍ତରୀୟ ତଦନ୍ତ ଦାବି କରୁଛି।" ମମତା କହିଛନ୍ତି, ଅଜିତ ପୱାର ମହାରାଷ୍ଟ୍ରରେ କ୍ଷମତାସୀନ ବିଜେପି ନେତୃତ୍ୱାଧୀନ ମହାଯୁତି ମେଣ୍ଟ ଛାଡ଼ିବାକୁ ଚାହୁଥିଲେ। ଅଜିତ୍ ମହାଯୁତି ଗଠବନ୍ଧନରୁ ନିଜକୁ ଦୂରେଇ ରଖୁଥିଲେ। ଦୁଇ/ତିନି ଦିନ ପୂର୍ବେ ଅଜିତ୍ ତାଙ୍କ ସହ ଫୋନ୍‌ରେ କଥା ହୋଇଥିବା ବେଳେ ମହାଯୁତି ମେଣ୍ଟକୁ ନେଇ ସେ ଅସନ୍ତୁଷ୍ଟ ଥିବା କଥା କହିଥିଲେ। ତେଣୁ ତାଙ୍କ ବିମାନ ଦୁର୍ଘଟଣା ନେଇ ଷଡ଼ଯନ୍ତ୍ରର ଆଶଙ୍କାକୁ କଦାପି ଏଡାଇ ଦିଆଯାଇନପାରେ।

## ତଦନ୍ତ ପ୍ରତିଶ୍ରୁତି ଦେଲେ ବେସାମରିକ ଚଳାଚଳ ମନ୍ତ୍ରୀ

ଅଜିତ ପୱାରଙ୍କର ବିମାନ ଦୁର୍ଘଟଣାରେ ମୃତ୍ୟୁ ଘଟଣାର ତଦନ୍ତ ପ୍ରତିଶ୍ରୁତି ଦେଇଛନ୍ତି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରପୁ। ସେ କହିଛନ୍ତି ଏହି ଘଟଣାର ଉଚ୍ଚସ୍ତରୀୟ ତଥା ସ୍ୱଚ୍ଛ ଏବଂ ଦାୟିତ୍ୱପୂର୍ଣ୍ଣ ତଦନ୍ତ କରାଯିବ। ସେ ଗଭୀର ଶୋକ ବ୍ୟକ୍ତ କରିବା



ସହ କହିଛନ୍ତି, ଅଜିତ୍ ପୱାରଙ୍କ ଭଳି ନେତାଙ୍କ ଅବର୍ତ୍ତମାନକୁ ବିଶ୍ୱାସ କରିବା ମଧ୍ୟ କଷ୍ଟକର। ଅଜିତ୍ ଦାଦା ସାର୍ବଜନୀନ ସେବାରେ ତାଙ୍କର ଅଭିଜ୍ଞତା ଯୋଗୁଁ ଅନେକ ଯୁବନେତାମାନଙ୍କୁ ମାର୍ଗଦର୍ଶନ କରୁଥିଲେ। ତାଙ୍କ ବିୟୋଗ କେବଳ ମହାରାଷ୍ଟ୍ର ପାଇଁ ନୁହେଁ ବରଂ ଦେଶ ପାଇଁ ମଧ୍ୟ ଏକ ଅପୂରଣୀୟ କ୍ଷତି। ତାଙ୍କ ଭଳି ନେତା ପାଇବା ବହୁତ କଷ୍ଟକର। ଏହି ଘଟଣାରେ ମୃତ୍ୟୁବରଣ କରିଥିବା ଅନ୍ୟ ପାଞ୍ଚ ଜଣଙ୍କ ପରିବାର ପ୍ରତି ମଧ୍ୟ ସେ ସମବେଦନା ଜଣାଇଛନ୍ତି।

ହାତ ଘଣ୍ଟା ଦେଖି ଅଜିତ ପୱାରଙ୍କୁ ଚିହ୍ନିବା ସମ୍ଭବ ହେଲା

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ହେବ ଶେଷକୃତ୍ୟ: ମୁଖ୍ୟମନ୍ତ୍ରୀ

**ମୁମ୍ବାଇ, ୨୮।୧/ଏଜେନ୍ସି:** ବୁଧବାର ଏକ ଦୁର୍ଭାଗ୍ୟଜନକ ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପୱାରଙ୍କ ମୃତ୍ୟୁ ହୋଇଛି। ପୱାରଙ୍କ ସହ ବିମାନରେ ଥିବା ଅନ୍ୟ ୫ଜଣ ମଧ୍ୟ ପ୍ରାଣ ହରାଇଛନ୍ତି। ତେବେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ତଳକୁ ଖସିପଡ଼ିବା ପରେ ପରେ ହିଁ ନିଆଁ ଲାଗିଯାଇଥିଲା। ଫଳରେ ଏଥିରେ ଥିବା ସମସ୍ତ ୬ଜଣଙ୍କ ଶରୀର ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏପ୍ରକାର ସ୍ଥିତି ହୋଇଥିଲା ଯେ, ମୃତଦେହଗୁଡ଼ିକୁ ଚିହ୍ନିବା ମଧ୍ୟ କଷ୍ଟକର ହୋଇଥିଲା। ତେବେ ସୂଚନାରୁ



ଜଣାପଡ଼ିଛି ଯେ, ଅଜିତ ପୱାର ପିନ୍ଧିଥିବା ହାତ ଘଣ୍ଟା ଯୋଗୁ ହିଁ ତାଙ୍କ ମୃତଦେହକୁ ଚିହ୍ନଟ କରାଯାଇପାରିଛି। ପରିବାର ଲୋକେ ତାଙ୍କ ଘଣ୍ଟାକୁ ଦେଖି ତାଙ୍କୁ ଚିହ୍ନଟ କରିଥିଲେ।

ଅଜିତ୍‌ଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭୀସ ରାଜ୍ୟରେ ଛୁଟି ଏବଂ ତିନି ଦିନ ଶୋକ ଘୋଷଣା କରିଛନ୍ତି। ସେହିପରି ତାଙ୍କ ପରିବାର ସହିତ ପରାମର୍ଶ କରିବା ପରେ ପୱାରଙ୍କ ଶେଷକୃତ୍ୟ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଫଡନଭୀସ କହିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, ଫଡନଭୀସଙ୍କ ଠାରୁ ଆରମ୍ଭ କରି ଅନେକ ରାଜନେତା ଏବେ ବାରାମତୀ ଅଭିମୁଖେ ଗସ୍ତ ଆରମ୍ଭ କରିଦେଇଛନ୍ତି। ରିପୋର୍ଟ ଅନୁସାରେ ଅଜିଙ୍କ ଅନ୍ତିମ ସଂସ୍କାର ଗୁରୁବାର ସକାଳ ୧୧ଟାରେ ବାରାମତୀ ଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ଅନ୍ତର୍ଗତ କରାଯିବ। ଅଜିତ୍‌ଙ୍କ ପରିବାର ଲୋକେ ମଧ୍ୟ ବାରାମତୀ ଠାରେ ଆସି ପହଞ୍ଚିଛନ୍ତି।

# ନିରବିଗଲେ ମହାରାଷ୍ଟ୍ର ରାଜନୀତିର ଅନ୍ୟତମ ଧୁରନ୍ଧର ଅଜିତ୍ ପୱାର୍



ବିମାନ ଦୁର୍ଘଟଣାରେ ଏନ୍‌ସିପି ମୁଖ୍ୟ ତଥା ମହାରାଷ୍ଟ୍ର ରାଜନୀତିର ଅନ୍ୟତମ ଧୁରନ୍ଧର ଭାବେ ପ୍ରଖ୍ୟାତ ଅଜିତ୍ ପୱାରଙ୍କ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ତାଙ୍କ ଅବର୍ତ୍ତମାନରେ ଏନ୍‌ସିପରି ଭବିଷ୍ୟତ କ'ଣ ହେବ ସେନେଇ ଚର୍ଚ୍ଚା ଚାଲିଛି। ଗୋଟିଏ ପଟେ ତାଙ୍କ ପତ୍ନୀ ସୁନେତା ପୱାର ନିଜ ସ୍ୱାମୀଙ୍କ ସ୍ଥାନ ନେବେ ଏବଂ ଦଳର ଦାୟିତ୍ୱ ଗ୍ରହଣ କରିବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିବା ବେଳେ ଅନ୍ୟପକ୍ଷେ ଅଜିତ୍‌ଙ୍କ ଏନ୍‌ସିପି ଗୋଷ୍ଠୀ, ଶରଦ ପୱାରଙ୍କ ଏନ୍‌ସିପି ଗୋଷ୍ଠୀରେ ପୁଣିଥରେ ବିଲୟ ହୋଇପାରେ ବୋଲି ମଧ୍ୟ କୁହାଯାଉଛି। ଶରଦ୍ ପୱାର ନିଜ ପୁତୁରା ଅଜିତ୍‌ଙ୍କ ଦେହାନ୍ତ ଖବର ଶୁଣି ବାରାମତୀ ଅଭିମୁଖେ ବାହାରିଯାଇଛନ୍ତି। ଆସନ୍ତା କାଲି ଅଜିତ୍‌ଙ୍କ ଶେଷକୃତ୍ୟ ହେବା ନେଇ ସୂଚନା ରହିଛି।



### ସମବାୟ ଆନ୍ଦୋଳନର ନେତୃତ୍ୱ ରାଜନୀତିକୁ ବାଟ ଫିଟାଇଥିଲା

ରାଜନେତା ୨୨ ଜୁଲାଇ ୧୯୫୯ରେ ମହାରାଷ୍ଟ୍ରର ଅହମଦ୍‌ନଗର ଜିଲ୍ଲା ଦେଓଲାଲି ପ୍ରଭାରା ଗାଁରେ ଜନ୍ମଗ୍ରହଣ କରିଥିଲେ ଅଜିତ୍ ପୱାର। ସେ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ପ୍ରତିଷ୍ଠାତା ଶରଦ ପୱାରଙ୍କ ନିଜ ପୁତୁରା ଥିଲେ। ସୁତରାଂ ଅଜିତ ନିଜ କକାଙ୍କ ପଦାଙ୍କ ଅନୁସରଣ କରିବା ପୂର୍ବକ ମାତ୍ର ୨୩ ବର୍ଷ ବୟସରେ ସକ୍ରିୟ ରାଜନୀତିରେ ପ୍ରବେଶ କରିଥିଲେ। ସେ ୧୯୮୨ରେ ଏକ ସମବାୟ ଚିନି ଫ୍ୟାକ୍ଟ୍ରିର ବୋର୍ଡ ସଦସ୍ୟ ହୋଇଥିଲେ। ଏହିକ୍ରମେ ୧୯୯୧ ମସିହାରେ ସେ ପୁଣେ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଅଧ୍ୟକ୍ଷ ହୋଇଥିଲେ। ଏହି ପଦବୀରେ ସେ ଦୀର୍ଘ ୧୬ ବର୍ଷ ଧରି ରହିଥିଲେ। ଏହି ସମୟରେ ସେ ଅନେକ ଥର ସମବାୟ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଆନ୍ଦୋଳନ/ବିକ୍ଷୋଭ ତାଙ୍କୁ ଏକ ଦୃଢ଼ ନେତା ଭାବେ ପରିଚୟ ଦେଇଥିଲା। ବାସ୍ ଏହି ଠାରୁ ହିଁ ତାଙ୍କର ରାଜନୀତି ପ୍ରବେଶର ମାର୍ଗ ଉନ୍ମୁକ୍ତ ହୋଇଥିଲା।

ପ୍ରଥମ ସଂସଦୀୟ ନିର୍ବାଚନରେ ହିଁ ମିଳିଥିଲା ସଫଳତା

### ବାରାମତୀ ଆସନକୁ କରିଥିଲେ ଅଭେଦ୍ୟ ଦୁର୍ଗ

୧୯୯୧ରେ ହିଁ ପରେ ତାଙ୍କୁ ବାରାମତୀ ସଂସଦୀୟ କ୍ଷେତ୍ରରୁ ସାଂସଦ ଭାବେ ନିର୍ବାଚନ ଲଢ଼ିବାକୁ ସୁଯୋଗ ମିଳିଥିଲା। ଅଜିତ୍ ନିଜ ପ୍ରଥମ ସଂସଦୀୟ ନିର୍ବାଚନରେ ହିଁ ବିଜୟୀ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ନିଜ କକା ଅର୍ଥାତ୍ ଶରଦ୍ ପୱାରଙ୍କ ପାଇଁ ନିଜ ଆସନକୁ ଛାଡିଦେଇଥିଲେ। ଶରଦ ପୱାର ସେସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି ନରସିମ୍ହା ରାଓଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାରରେ ପ୍ରତିରକ୍ଷା ମନ୍ତ୍ରୀ ହୋଇଥିଲେ। ଅନ୍ୟପକ୍ଷେ ଅଜିତ୍ ପୱାର ବାରାମତୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ମହାରାଷ୍ଟ୍ର ବିଧାନସଭାକୁ ୭ ଥର ବିଧାୟକ ନିର୍ବାଚିତ ହୋଇଥିଲେ। ସେ ପ୍ରଥମ ଥର ପାଇଁ ୧୯୯୧ ମସିହାରେ ହୋଇଥିବା ଉପନିର୍ବାଚନରେ ବିଜୟ ଲାଭ କରିଥିଲେ। ଏହା ପରେ ସେ କେବେ ପଛକୁ ଫେରି ଚାହିଁ ନଥିଲେ। ସେ ଏଠାରୁ କ୍ରମାଗତ ୫ ଥର ୧୯୯୫, ୧୯୯୯, ୨୦୦୪, ୨୦୦୯ ଏବଂ ୨୦୧୪ରେ ମଧ୍ୟ ବିଜୟୀ ହୋଇଥିଲେ ଏବଂ ବାରାମତୀ ବିଧାନସଭାକୁ ନିଜର ଏକ ଗଡ଼ ଭାବେ ଗଢ଼ି ତୋଳିଥିଲେ। ଏହି ସମୟ ସୁଦ୍ଧା ସେ ଅନେକ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧୀନ ସରକାରରେ ଭିନ୍ନ ଭିନ୍ନ ବିଭାଗର ମନ୍ତ୍ରୀ ହେବାର ମଧ୍ୟ ସୌଭାଗ୍ୟ ଲାଭ କରିଥିଲେ।

### ଦୀର୍ଘକାଳୀନ ଉପମୁଖ୍ୟମନ୍ତ୍ରୀ ହେବାର କୃତୀତ୍ୱ

ଅଜିତ୍ ପୱାରଙ୍କ ପୁରା ନାମ ଅଜିତ୍ ଅନନ୍ତରାଓ ପୱାର। ସେ ମହାରାଷ୍ଟ୍ରର ସର୍ବାଧିକ ସମୟ ଉପମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିବାର ଏକ ବିରଳ କୃତୀତ୍ୱର ଅଧିକାର ଥିଲେ। ସେ ୨୦୧୦ ରୁ ୨୦୧୨, ୨୦୧୨ ରୁ ୨୦୧୪ ପର୍ଯ୍ୟନ୍ତ ଉପମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ୨୦୧୯ରେ କିଛି ଦିନ ପାଇଁ, ୨୦୨୨ ରୁ ୨୦୨୩, ୨୦୨୩ ପରଠାରୁ ଏବଂ ଡିସେମ୍ବର ୨୦୨୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ। ଅର୍ଥାତ୍ ୨୦୨୬ ଜାନୁଆରୀ ୨୮ ତାରିଖରେ ତାଙ୍କର ଦେହାନ୍ତ ହେବା ବେଳକୁ ମଧ୍ୟ ସେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ମହାରାଷ୍ଟ୍ରରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସରକାର ଯେପରିକି ପୃଥ୍ୱୀରାଜ ଚଭନ୍, ଦେବେନ୍ଦ୍ର ଫଡନଭୀସ, ଉଦ୍ଧବ ଠାକ୍‌ରେ ଏବଂ ଏକନାଥ ଶିନ୍ଦେ ଭଳି ମୁଖ୍ୟମନ୍ତ୍ରୀଙ୍କ ସରକାରରେ କ୍ୟାବିନେଟ୍ ମନ୍ତ୍ରୀ ରହିବା ସହ ଉପମୁଖ୍ୟମନ୍ତ୍ରୀ ପଦ ମଧ୍ୟ ସମ୍ଭାଳୁଥିଲେ। ଉପମୁଖ୍ୟମନ୍ତ୍ରୀ ଭାବରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ଅର୍ଥ, ଜଳସେଚନ ଏବଂ ଜଳସମ୍ପଦ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିଥିଲେ। ୨୦୨୨ରୁ ୨୦୨୩ ପର୍ଯ୍ୟନ୍ତ ସେ ମହାରାଷ୍ଟ୍ର ବିଧାନସଭାରେ ବିରୋଧୀ ଦଳ ନେତା ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ଅଜିତ୍ ପୱାରଙ୍କୁ ମହାରାଷ୍ଟ୍ର ରାଜନୀତିର ଅନ୍ୟତମ ପୁରୁଖା ନେତା ଭାବେ ବିବେଚନା କରାଯାଏ।

### ରାଜନୈତିକ ଗୁରୁଙ୍କ ସହ ଧୋକାବାଜି

ଅଜିତ ପୱାରଙ୍କ ରାଜନୈତିକ ଯାତ୍ରା ଉତ୍ଥାନ-ପତନ, ବିବାଦରେ ପରିପୂର୍ଣ୍ଣ ରହିଛି। ବାପା ଅନନ୍ତରାଓ ପୱାରଙ୍କ ମୃତ୍ୟୁ ପରେ, ପରିବାରର ଦାୟିତ୍ୱ ନେବା ପାଇଁ ତାଙ୍କୁ ପାଠପଢ଼ା ଛାଡିବାକୁ ପଡିଥିଲା। ନିଜ କକା ଶରଦ ପୱାରଙ୍କ ରାଜନୈତିକ କ୍ୟାରିୟରରେ ପ୍ରେରିତ ହୋଇ ସେ ରାଜନୀତିକୁ ଆସିଥିଲେ ମଧ୍ୟ ନିଜ ଦମ୍ ତଥା ସାମର୍ଥ୍ୟ ବଳରେ ହିଁ ରାଜନୀତିରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପ୍ରଥମେ କଂଗ୍ରେସରୁ କ୍ୟାରିୟର ଆରମ୍ଭ କରିଥିବା ଅଜିତ୍ ପରବର୍ତ୍ତୀ ସମୟରେ ନିଜ କକା ଶରଦ୍ ଗଢ଼ିଥିବା ଏନ୍‌ସିପିର ଅଗ୍ରଣୀ ନେତୃତ୍ୱ ପାଲଟିଯାଇଥିଲେ। ସମୟକ୍ରମେ ରାଜନୈତିକ ମତଭେଦ ଯୋଗୁ ନିଜ କକା ଶରଦ ପୱାରଙ୍କ ନେତୃତ୍ୱ ବିରୋଧରେ ସେ ସ୍ୱର ଉତ୍ତୋଳନ କରିଥିଲେ। ଏନ୍‌ସିପି ସହିତ ଦୀର୍ଘ ସମୟ ଧରି ସମ୍ପର୍କ ରଖିବା ସତ୍ତ୍ୱେ ସେ ୨୦୨୩ରେ ବିଦ୍ରୋହ କରିଥିଲେ ଏବଂ ଅଧିକାଂଶ ବିଧାୟକଙ୍କ ସହିତ ଏକ ପୃଥକ୍ ଗୋଷ୍ଠୀ ଗଠନ କରିଥିଲେ। ୨୦୨୪ରେ, ନିର୍ବାଚନ କମିଶନ ତାଙ୍କ ଗୋଷ୍ଠୀକୁ ଦଳର ମୂଳ ନାମ (ଏନ୍‌ସିପି) ଏବଂ ନିର୍ବାଚନ ଚିହ୍ନ ଘଣ୍ଟା' ପ୍ରଦାନ କରିଥିଲେ, ଯାହା ପରେ ତାଙ୍କ ଦଳ ଏନ୍‌ସିପି ଅଜିତ ପାୱାର ଗୋଷ୍ଠୀ ଭାବରେ ପରିଚିତ ହୋଇଥିଲା। ସେ ସମ୍ପ୍ରତି ବିଜେପି ଏବଂ ଶିବସେନା (ଶିନ୍ଦେ ଗୋଷ୍ଠୀ) ସହ ମିଶି ମହାୟୁତି ମେଣ୍ଟରେ ଥିଲେ ଏବଂ ୨୦୨୬ରେ ଦେବେନ୍ଦ୍ର ଫଡନଭୀସ ସରକାରରେ ଉପମୁଖ୍ୟମନ୍ତ୍ରୀ ପଦରେ ଥିଲେ। ଅଜିତ୍ ପୱାର ଜଣେ କଠିନ, ସମୟାନୁବର୍ତ୍ତୀ ଏବଂ ବିକାଶ-କୈନ୍ଦ୍ରିକ ନେତା ଭାବରେ ଖ୍ୟାତି ଅର୍ଜନ କରିଥିଲେ। ତେବେ ତାଙ୍କ ବିରୋଧରେ ୨୦୧୨ରେ ଜଳସେଚନ ଦୁର୍ନୀତି ଏବଂ ୨୦୧୩ରେ ମରୁଡି ଉପରେ ବିବାଦୀୟ ବୟାନ ପାଇଁ ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି।



ଅତୀତର ସେହି ଦୁର୍ଭାଗ୍ୟପୂର୍ଣ୍ଣ ବିମାନ ଦୁର୍ଘଟଣା...

## ପ୍ରାଣ ହରାଇଛନ୍ତି ୩ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନେକ ବଡ଼ ନେତା









**ନୂଆଦିଲ୍ଲୀ, ୨୮।୧/ଏଜେନ୍ସି:** ୨୦୨୬ ଜାନୁଆରୀ ୨୮ରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପୱାର ଏକ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ତେବେ ଦେଶରେ ଏହା ପ୍ରଥମ ଘଟଣା ନୁହେଁ, ଅଜିତ୍‌ଙ୍କ ପୂର୍ବରୁ ମଧ୍ୟ ଅନେକ ବଡ଼ ନେତା ଏହି ପ୍ରକାରେ ବିଭିନ୍ନ ସମୟରେ ବିମାନ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇସାରିଛନ୍ତି। ଏମାନଙ୍କ ମଧ୍ୟରେ ୩ଜଣ (ବଲବନ୍ତରାୟ ମେହେଟ୍ଟା, ଦୋର୍ଜି ଖାଣ୍ଡୁ ଏବଂ ୱାଇ. ରାଜଶେଖର ରେଡ୍ଡୀ) ମୁଖ୍ୟମନ୍ତ୍ରୀ ପଦରେ ଅବସ୍ଥାପିତ ଥିବା ବେଳେ ହିଁ ପ୍ରାଣ ହରାଇଛନ୍ତି।

ବଲବନ୍ତରାୟ ମେହେଟ୍ଟା ୧୯୬୩ରୁ ୧୯୬୫ ପର୍ଯ୍ୟନ୍ତ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲେ। ତେବେ ଏହି ସମୟରେ ଅର୍ଥାତ୍ ୧୯୬୫ ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ଏକ ଯୁଦ୍ଧ ସମୟରେ ବିମାନରେ ଯାଉଥିବାବେଳେ ପାକିସ୍ତାନ ତାଙ୍କ ବିମାନକୁ ଗୁଳି କରି ଖସାଇ ଦେଇଥିଲା। ଏଥିରେ ବଲବନ୍ତରାୟ, ତାଙ୍କ ପତ୍ନୀ ଏବଂ ତାଙ୍କର ୩ ଜଣ କର୍ମଚାରୀ, ଜଣେ ସାମ୍ବାଦିକ ଏବଂ ଦୁଇ ଜଣ କ୍ରୁ ସଦସ୍ୟ ଓ ଜଣେ ପାଇଲଟ୍‌ଙ୍କ ସମେତ ମୋଟ୍ ୯ଜଣଙ୍କର ମୃତ୍ୟୁ ହୋଇଥିଲା। ମେହେଟ୍ଟା ପ୍ରଥମ ପ୍ରମୁଖ ରାଜନେତା ଥିଲେ ଯିଏ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ସେହିପରି ପ୍ରମୁଖ କଂଗ୍ରେସ ନେତା ମାଧବରାଓ ସିନ୍ଧିଆଙ୍କର ମଧ୍ୟ ଏକ ବିମାନ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ୩୦ ସେପ୍ଟେମ୍ବର ୨୦୦୧ରେ, ସିନ୍ଧିଆ କାନପୁରରେ ଏକ ରାଲିରେ ଯୋଗଦେବାକୁ ଯାଉଥିଲେ। ମୈନପୁରୀର ମୋଟାଗାଁ ନିକଟରେ ତାଙ୍କର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୫୬ ବର୍ଷୀୟ ମାଧବରାଓ ସିନ୍ଧିଆ ପ୍ରାଣ ହରାଇଥିଲେ।

୨୦୦୯ରେ ଆନ୍ଧ୍ରପ୍ରଦେଶରେ ଆଉ ଏକ ଦୁଃଖଦ ଘଟଣା ଘଟିଥିଲା। ଆନ୍ଧ୍ରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ୱାଇ. ରାଜଶେଖର ରେଡ୍ଡୀ ବିମାନ ଦୁର୍ଘଟଣାର ଶିକାର ହୋଇଥିଲେ। ସେପ୍ଟେମ୍ବର ୨୦୦୯ରେ, ରେଡ୍ଡୀ ତାଙ୍କ ଅଧିକାରୀଙ୍କ ସହିତ ଆନ୍ଧ୍ରପ୍ରଦେଶର ନାଲାମାଲା ଅଞ୍ଚଳ ଦେଇ ଯାତ୍ରା କରୁଥିବାବେଳେ ତାଙ୍କ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ନକ୍ସଲମାନେ ତାଙ୍କ ହେଲିକପ୍ଟରକୁ ଗୁଳି କରି ଖସାଇ ଦେଇଥିବା ଅଭିଯୋଗ ହୋଇଥିଲା। ଅନ୍ୟ ଏକ ଘଟଣାକ୍ରମେ ଅରୁଣାଚଳ ପ୍ରଦେଶର ୫୬ ବର୍ଷୀୟ ମୁଖ୍ୟମନ୍ତ୍ରୀ ଦୋର୍ଜୀ ଖାଣ୍ଡୁ ମଧ୍ୟ ୨୦୧୧ରେ ଏକ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଖାଣ୍ଡୁ ତୱାଙ୍ଗରୁ ରାଜଧାନୀ ଇଟାନଗର ଯାତ୍ରା କରୁଥିଲେ।

ଏମାନଙ୍କ ବ୍ୟତୀତ ଗତ ଜୁନ୍ ୧୨, ୨୦୨୫ରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ ମଧ୍ୟ ଅହମଦାବାଦ୍ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ମୃତ୍ୟୁଲାଭ କରିଥିଲେ। ଏହି ବିମାନ ଦୁର୍ଘଟଣାରେ ୨୭୫ରୁ ଅଧିକ ପ୍ରାଣ ହରାଇଥିବା ଦାବି କରାଯାଇଥିଲା। ରୂପାଣୀ ଏହି ବିମାନ ଯୋଗେ ତାଙ୍କ ଝିଅଙ୍କୁ ଭେଟିବା ପାଇଁ ଲଣ୍ଡନ ଯାତ୍ରା କରୁଥିଲେ। ତେବେ ଏହି ଘଟଣାକୁ ୭ ମାସ ନ ବିତୁଣୁ ଏବେ ବିମାନ ଦୁର୍ଘଟଣାରେ ଅଜିତ୍ ପୱାରଙ୍କ ଦେହାନ୍ତ ହୋଇଛି।

## ତଦନ୍ତ ଦାବି କରିବ କଂଗ୍ରେସ: ମଲ୍ଲିକାର୍ଜୁନ ଖର୍ଗେ

ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପୱାରଙ୍କ ଅସମାୟିକ ମୃତ୍ୟୁକୁ ନେଇ ଶୋକବ୍ୟକ୍ତ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ। ପରିବାର ପ୍ରତି ସମବେଦନା ଜଣାଇବା ସହ ସେ ଏହି ବିମାନ ଦୁର୍ଘଟଣାର ତଦନ୍ତ ଦାବି କରିଛନ୍ତି। ରାଜ୍ୟସଭା



ବିରୋଧୀ ଦଳ ନେତା ଖର୍ଗେ କହିଛନ୍ତି, ଅଜିତ୍‌ଙ୍କ ଅକାଳ ବିୟୋଗ ଏକ ଅତ୍ୟନ୍ତ ଦୁଃଖଦ ଘଟଣା। ତାଙ୍କ ଭଳି ଜଣେ କଠିନ ପରିଶ୍ରମୀ ବ୍ୟକ୍ତିଙ୍କ ଦେହାନ୍ତ ଆମ ସମସ୍ତଙ୍କୁ ମର୍ମାହତ କରିଛି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଆମେ ତାଙ୍କ ପରିବାର ସହିତ ଅଛୁ। କିନ୍ତୁ ଅଜିତ୍‌ଙ୍କ ଏପ୍ରକାର ଆକସ୍ମିକ ବିମାନ ଦୁର୍ଘଟଣାରେ ଦେହାନ୍ତ ହେବାକୁ କଂଗ୍ରେସ ସହଜରେ ଗ୍ରହଣ କରିପାରୁନାହିଁ। ନିକଟରେ ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନରେ ସେ ତାଙ୍କ ଦଳୀୟ ପ୍ରାର୍ଥୀଙ୍କୁ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ ଠାରୁ ପୃଥକ୍ ଭାବେ ନିର୍ବାଚନ ଲଢ଼ିବାକୁ ଟିକେଟ୍ ଦେଇଥିଲେ। ଅଜିତ୍ ବେଶ୍ କିଛି ଦିନ ଧରି ମହାୟୁତି ମେଣ୍ଟ ଠାରୁ ମଧ୍ୟ ସମଦୂରତା ଅବଲମ୍ବନ କରୁଥିଲେ। ସୁତରାଂ ଦୁର୍ଘଟଣାର କାରଣ ଜାଣିବା ପାଇଁ ଆମେ ଏହି ଦୁର୍ଘଟଣାର ତଦନ୍ତ ଦାବି କରିବୁ।

## ଆସାମରେ ଡଙ୍ଗା ବୁଡ଼ି ୬ ମୃତ ଆଶଙ୍କା

**ଦିସ୍‌ପୁର, ୨୮।୧/ଏଜେନ୍ସି:** ବ୍ରହ୍ମପୁତ୍ର ନଦୀରେ ଏକ ଡଙ୍ଗା ବୁଡ଼ି ଘଟଣାରେ ୬ଜଣଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଦୀର୍ଘ ସମୟ ସତ୍ତ୍ୱେ ଏମାନଙ୍କ କୌଣସି ଖୋଜଖବର ମିଳିନଥିବା ବେଳେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ଏନ୍‌ଡିଆର୍‌ଏଫ୍ ଓ ଏସ୍‌ଡିଆର୍‌ଏଫ୍‌ଙ୍କ ସହ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଦ୍ୱାରା ଏମାନଙ୍କୁ ଖୋଜିବା ଜାରି ରହିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ରିପୋର୍ଟ ଅନୁସାରେ ଆସାମ ବାରପେଟା ଜିଲ୍ଲାର ରାହାମପୁର ଅଞ୍ଚଳରେ ଗତ ମଙ୍ଗଳବାର ଦିନ ଏହି ଅଘଟଣ ଘଟିଛି। ତେବେ ବୁଧବାର ସୁଦ୍ଧା ଏନ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛି। ବାରପେଟା ଜିଲ୍ଲାର ବରିଷ୍ଠ ପୋଲିସ ଅଧିକ୍ଷକ ସୁଶାନ୍ତ ବିଶ୍ୱ ଶର୍ମା ଗଣମାଧ୍ୟମକୁ କହିଛନ୍ତି ଯେ, ପ୍ରାୟ ୨୨ଜଣଙ୍କୁ ନେଇ ଯାଉଥିବା ବେଳେ ଡଙ୍ଗାଟି ଦୁର୍ଘଟଣାର ଶିକାର ହୋଇଥିଲା। ନଦୀର ପ୍ରବଳ ସ୍ରୋତ ଯୋଗୁଁ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଘଟଣାଟି ଅବହେଳା ଏବଂ ସୁରକ୍ଷା ନିୟମ ପାଳନ ଉପରେ ଗମ୍ଭୀର ଚିନ୍ତା ସୃଷ୍ଟି କରୁଛି। ଅନ୍ୟପକ୍ଷରେ, ସ୍ଥାନୀୟ ଲୋକମାନେ



ଅଭିଯୋଗ କରିଛନ୍ତି ଯେ ଡଙ୍ଗାରେ ଲାଇଫ୍ ଜ୍ୟାକେଟ୍ ନଥିଲା। ନିଖୋଜଙ୍କ ମଧ୍ୟରେ ୪ ପିଲା ରହିଥିବା ଜାଣିବାକୁ ମିଳିଛି। ୪ ପିଲାମାନେ ହେଲେ ଅମିନା ପରବୀନ୍ (୮), ରାହୁଲ୍ ଅମିନ୍ (୭), ଆର୍ଯ୍ୟନ୍ ଇସ୍‌ଲାମ୍ (୪) ଏବଂ ଜୁନୁଫା ୟାସମିନ୍ (୫)। ଏମାନଙ୍କ ସହ ଯେଉଁ ଅନ୍ୟ ୨ ଜଣ ନିଖୋଜ ଅଛନ୍ତି ସେମାନେ ହେଲେ ୬୦ ବର୍ଷୀୟା ମଧୁ ମିଆ ଏବଂ ୪୫ ବର୍ଷୀୟା ସୁକୁରଜାନ୍ ନେସା।

ୟୁଜିସିର ନୂଆ ନିୟମକୁ ଚ୍ୟାଲେଞ୍ଜ

## ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ରାଜି

**ନୂଆଦିଲ୍ଲୀ, ୨୮।୧/ଏଜେନ୍ସି:** ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଜାତିଭିତ୍ତିକ ଭେଦଭାବ ରୋକିବା ସଂକ୍ରାନ୍ତ ନୂଆ ନିୟମକୁ ଦେଶ ସାରା ସବର୍ଣ୍ଣ ବର୍ଗ ପକ୍ଷରୁ ବିରୋଧ ଚାଲିଛି। ତେବେ ୟୁଜିସିର ନୂଆ ନିୟମକୁ ଚାଲେଞ୍ଜ କରି ହୋଇଥିବା ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ତୁରନ୍ତ ତାଲିକାଭୁକ୍ତ କରିବା ପାଇଁ ବୁଧବାର ସୁପ୍ରିମକୋର୍ଟ ସହମତି ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସମ୍ମୁଖରେ ଏହି ଆବେଦନ ରଖାଯାଇଥିବାବେଳେ ନୂଆ ନିୟମ ସାଧାରଣବର୍ଗର ଛାତ୍ରଛାତ୍ରୀଙ୍କ ବିରୋଧରେ ହୋଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ କ'ଣ ଘଟୁଛି, ସେ ବିଷୟରେ ଅବଗତ ଥିବା ଖଣ୍ଡପୀଠ କହିବା ସହିତ ଜନସ୍ୱାର୍ଥ ମାମଲାରେ ରହିଥିବା ତ୍ରୁଟି ସୁଧାରିବାକୁ ପରାମର୍ଶ ଦେଇଛନ୍ତି। ଜାନୁଆରି ୧୩ରେ ୟୁଜିସି ଏହାର ନୂତନ ନିୟମ 'ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ସମାନତା ପ୍ରୋତ୍ସାହନ ନିୟମାବଳୀ, ୨୦୨୬' କୁ ସୂଚିତ କରିଥିଲା। ଏହା ଅଧୀନରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ଜାତିଭିତ୍ତିକ ଭେଦଭାବକୁ ରୋକିବା ପାଇଁ ସ୍ୱତନ୍ତ୍ର କମିଟି, ହେଲ୍ପଲାଇନ ଓ ମନିଟରିଂ ଟିମ୍ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କମିଟିରେ ଏସ୍‌ସି, ଏସ୍‌ଟି, ଓବିସି ଓ ପିଡବ୍ଲ୍ୟୁଡି ବର୍ଗର ସଦସ୍ୟଙ୍କ ସହିତ ମହିଳା ସଦସ୍ୟଙ୍କୁ ସାମିଲ କରିବାକୁ କୁହାଯାଇଛି। ଏହି ନୂଆ ନିୟମ ୟୁଜିସିର ପୂର୍ବ ନିୟମ ବଦଳରେ ଲାଗୁ ହେବ। ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂରକ୍ଷିତ ବର୍ଗର ଛାତ୍ରଛାତ୍ରୀଙ୍କ ପ୍ରତି ହେଉଥିବା ଜାତିଭିତ୍ତିକ ଭେଦଭାବକୁ ରୋକିବା ପାଇଁ କେନ୍ଦ୍ର ସରକାର ଏହି ନିୟମ ଜାରି କରିଛନ୍ତି।

## ପୁଣି କଂଗ୍ରେସ ବୈଠକରେ ଥରୁର୍ ଅନୁପସ୍ଥିତ

**ନୂଆଦିଲ୍ଲୀ, ୨୮।୧/ଏଜେନ୍ସି:** କଂଗ୍ରେସ ସାଂସଦ ଶଶି ଥରୁର ବୁଧବାର ପୁଣି ଏକ ଦଳୀୟ ବୈଠକରେ ଅନୁପସ୍ଥିତ ରହି ସବୁକିଛି କଳ୍ପନା ଜଳ୍ପନାକୁ ସତ ବୋଲି ସ୍ପଷ୍ଟ କରିଦେଇଛନ୍ତି। ଦଳର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲେ ମଧ୍ୟ ଥରୁର ବୈଠକରେ ଯୋଗଦେଇନଥିଲେ। ରିପୋର୍ଟ



ଅନୁସାରେ ଆସନ୍ତାକାଲି ଠାରୁ ଆରମ୍ଭ ହେଉଥିବା ସଂସଦର ବଜେଟ୍ ଅଧିବେଶନ ପାଇଁ ଦଳର ରଣନୀତି ଉପରେ ଆଲୋଚନା କରିବାକୁ ଏହି ବୈଠକ ଡକାଯାଇଥିଲା। ବୈଠକରେ ସମସ୍ତ ସାଂସଦଙ୍କୁ ଉପସ୍ଥିତ ରହିବାକୁ ମଧ୍ୟ ହ୍ୱିପ୍ ଜାରି କରାଯାଇଥିଲା। ସୁତରାଂ ଆଜିର ଏହି ବୈଠକରେ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ, ସୋନିଆ ଗାନ୍ଧୀ ଏବଂ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପି. ଚିଦାମ୍ବରମ, ଜୟରାମ ରମେଶ, ପ୍ରମୋଦ ତିୱାରୀ ଏବଂ ମନୀଷ ତିୱାରୀଙ୍କ ସମେତ କଂଗ୍ରେସର ପ୍ରାୟ ସମସ୍ତ ସାଂସଦମାନେ ଉପସ୍ଥିତ ରହିଥିଲେ। ଅନ୍ୟପକ୍ଷେ ଥରୁର ଏକ ସାହିତ୍ୟ ମହୋତ୍ସବରେ ଯୋଗ ଦେବାପାଇଁ ଦୁବାଇ ଯାଇଥିବା ସମ୍ପର୍କରେ ସୂଚନା ମିଳିଛି। ତେବେ ଥରୁର ଆଜିର ବୈଠକରେ ଯୋଗଦେଇନପାରିବା ନେଇ ଦଳକୁ ବହୁ ପୂର୍ବରୁ ହିଁ ସୂଚୀତ କରିସାରିଥିବା କୁହାଯାଉଛି। ପ୍ରକାଶ, ଗତ ସପ୍ତାହରେ ମଧ୍ୟ ଥରୁର କେରଳରେ ବିଧାନସଭା ନିର୍ବାଚନ ବିଷୟରେ ଆଲୋଚନା ବୈଠକରେ ଯୋଗ ଦେଇନଥିଲେ। ରାହୁଲ ଗାନ୍ଧୀଙ୍କ କେରଳ ଗସ୍ତ ସମୟରେ ଥରୁରଙ୍କୁ ସମ୍ମାନ ମିଳିବାରେ ତ୍ରୁଟି ରହିଥିବା ଏବଂ ଏହାକୁ ନେଇ ସେ ଅସନ୍ତୁଷ୍ଟ ହୋଇପଡ଼ିଥିବା ଥରୁରଙ୍କ ନିକଟତମ ସୂତ୍ରରୁ ଅଭିଯୋଗ କରାଯାଇଥିଲା। ଏହାପରେ ସେ ଗତ ନଭେମ୍ବର ଏବଂ ଡିସେମ୍ବର ମଧ୍ୟରେ ପ୍ରାୟ ତିନୋଟି କଂଗ୍ରେସ ବୈଠକରେ ଅନୁପସ୍ଥିତ ରହିଆସୁଥିବା ଦେଖିବାକୁ ମିଳିଛି।

# ୨୦ ଶିକ୍ଷାନୁଷ୍ଠାନକୁ ଜମିପଟ୍ଟା ପ୍ରଦାନ

**ପୁରୀ,୨୮।୧/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ସ୍କୁଲର ପ୍ରତିଷ୍ଠା ୧୮୫୩ ମସିହାରେ। ପ୍ରାୟ ୧୭୫ ବର୍ଷର ଶିକ୍ଷାନୁଷ୍ଠାନ। ବିଶ୍ୱମ୍ଭର ବିଦ୍ୟା ପୀଠ ସ୍ଥାପିତ ୧୯୪୫ ମସିହାରେ। ଏହି ଶିକ୍ଷାନୁଷ୍ଠାନ ମାନେ ଇତି ମଧ୍ୟରେ ଲକ୍ଷାଧିକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ଆଲୋକରେ କେବଳ ଉଦଭାସିତ କରି ନାହିଁ, ବରଂ ଉନ୍ନତ ସମାଜ ଗଠନରେ ସେହି ସୁଯୋଗ୍ୟ ଛାତ୍ରଛାତ୍ରୀଙ୍କ ଅବଦାନ ସ୍ମରଣଯୋଗ୍ୟ ହୋଇଛି। ହେଲେ ବିଦ୍ୟାଳୟ ପ୍ରତିଷ୍ଠା ର ଦୀର୍ଘ ବର୍ଷ ପରେ ମଧ୍ୟ ସେମାନେ ପାଇ ପାରି ନ ଥିଲେ ନିଜସ୍ୱ ଜମି ପଟ୍ଟା। ଚଳିତ ୭୭ତମ ସାଧାରଣତନ୍ତ୍ର ଦିବସ କିନ୍ତୁ ସେମାନଙ୍କ ପାଇଁ ଥିଲା ସବୁ ବର୍ଷ ଠାରୁ ନିଆରା ଓ ମଧୁର। ସେଦିନ ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଜିଲ୍ଲା ସ୍କୁଲ, ବିଶ୍ୱମ୍ଭର ବିଦ୍ୟା ପୀଠ ସହ ମୋଟ ୨୦ଗୋଟି ଶିକ୍ଷାନୁଷ୍ଠାନ ର ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଅଭିଭାବକ ଗର୍ବ ଅନୁଭବ କରିଥିଲେ। ସେମାନଙ୍କ ମୁହଁର ହସରେ ଥିଲା ସରକାର,ପଟ୍ଟା ପ୍ରଦାନ କରିଥିବା ରାଜସ୍ୱ ମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନକୁ କୃତଜ୍ଞତାର ସ୍ୱାକ୍ଷର। ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ



ଜିଲ୍ଲା ସଂସ୍କୃତି ଭବନଠାରେ ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ୧୪ଜଣ ଭୂମିହୀନ ବ୍ୟକ୍ତି ବିଶେଷଙ୍କୁ ଓ ୨୦ ଗୋଟି ଶିକ୍ଷାନୁଷ୍ଠାନକୁ ପଟ୍ଟା ବଣ୍ଟନ କରିଥିଲେ। ଜମି ପଟ୍ଟା ପାଇ ସମସ୍ତ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ ଖୁସି ବ୍ୟକ୍ତ କରିଥିଲେ। ପୁରୀ ତହସିଲ ଅଧିନ ଅଠରଭାଗ ପ୍ରାଥମିକ ବିଦ୍ୟାଳୟ, କାଳିକା ନୂଆପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବିଜୟ ରାମଚନ୍ଦ୍ର ପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡିହସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ,ପଲ୍ଲୀ ପ୍ରାଥମିକ ବିଦ୍ୟାଳୟ, କରଡି ପ୍ରାଥମିକ ବିଦ୍ୟାଳୟ,ଢୋଲ ବୀରଞ୍ଚିଦାଶପୁର ପ୍ରାଥମିକ ବିଦ୍ୟାଳୟ, ଅନ୍ତିକେରା ପ୍ରାଥମିକ ବିଦ୍ୟାଳୟ, ଆରିହଁ ପ୍ରାଥମିକ ବିଦ୍ୟାଳୟ, ବିଶ୍ୱମ୍ଭର ବିଦ୍ୟାପୀଠ,ପୁରୀ ଜିଲ୍ଲା ସ୍କୁଲ, ରାମଚଣ୍ଡୀ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହରିହର ସଂସ୍କୃତ ବିଦ୍ୟାଳୟ,ସତ୍ୟବାଦୀ ତହସିଲର ଶ୍ରୀରାମଚନ୍ଦ୍ରପୁର ମଧ୍ୟ ଇଂରାଜୀ ବିଦ୍ୟାଳୟ, ଉତ୍ତନସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ବଳପୁର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ, ରାୟଚକ୍ରଧରପୁର ନୋଡାଲ ଉଚ୍ଚ ବିଦ୍ୟାଳୟ, ବିରାମଚନ୍ଦ୍ରପୁର ମଧ୍ୟ ଇଂରାଜୀ ବିଦ୍ୟାଳୟ, ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ଅଲଗୁମ ଓ ବ୍ରହ୍ମଗିରି ତହସିଲର ଅରଖକୁଦା ପଞ୍ଚାୟତ ପଞ୍ଚାୟତ ହରିଜନ ଉଚ୍ଚ ବିଦ୍ୟାଳୟକୁ ମନ୍ତ୍ରୀ ଶ୍ରୀ ପୂଜାରୀ ଜମି ପଟ୍ଟା ବଣ୍ଟନ କରିଥିଲେ। ଜିଲ୍ଲା ସ୍କୁଲର ଶିକ୍ଷକ ବିଦ୍ୟାଧର ମିଶ୍ର ସମସ୍ତ ଶିକ୍ଷାନୁଷ୍ଠାନ ପକ୍ଷରୁ ଏହି ପଟ୍ଟା ପାଇଁ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କୁ, ସରକାରଙ୍କୁ ଓ ପ୍ରଶାସନକୁ ଭୁରି ଭୁରି ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## ରାଧାକୃଷ୍ଣ ଥିଏଟର ପକ୍ଷରୁ ୭୭ ତମ ସାଧାରଣତନ୍ତ୍ର ଦିବସ

# ସମାଜସେବୀ ଇଲାସ ସୁବୁଦ୍ଧିଙ୍କୁ 'ସେବାରତ୍ନ' ସମ୍ମାନ

**ଓଡ଼ଗାଁ,୨୮।୧/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳର ସର୍ବପୁରାତନ ଅନୁଷ୍ଠାନ ରାଧାକୃଷ୍ଣ ଥିଏଟର ପକ୍ଷରୁ ୭୭ ତମ ସାଧାରଣତନ୍ତ୍ର ଦିବସ ଉତ୍ସବ ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ସୋମବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଗୌରଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୁରାଳର ସମସ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷାର୍ଥୀମାନେ ଯୋଗଦେଇ ଥିବାବେଳେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ଦେଶ ମାତୃକାର ସେବାପାଇଁ ପ୍ରତି ଭାରତୀୟ ନିରନ୍ତର ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ପରେ ଗ୍ରାମର ମେଧାବୀ ଛାତ୍ର ହରେକୃଷ୍ଣ ମିଶ୍ର ଓ କୁରାଳ ମାଟିର ଅନ୍ୟତମ ଗର୍ବ ଶିକ୍ଷକ ତଥା କବି ଲଳିତ ମୋହନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଯୁଧିଷ୍ଠିର ସୁବୁଦ୍ଧି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆକର୍ଷଣୀୟ ଟ୍ରଫି, ଉତ୍ତରୀୟ ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ ପ୍ରତିଯୋଗୀଙ୍କୁ କୁରାଳର ଅନ୍ୟତମ ଗର୍ବଗୌରବ ତଥା



ରାଜ୍ୟର ବରିଷ୍ଠ ଶିଳ୍ପପତି କୃଷ୍ଣଚନ୍ଦ୍ର ପାତ୍ରଙ୍କ ପକ୍ଷରୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥିଭାବେ ୧ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ଝିଲି ପ୍ରଧାନ, ସମିତିସଭ୍ୟା କନକ ପାତ୍ର, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଅଧ୍ୟକ୍ଷ ରାମେଶ୍ୱର ପଣ୍ଡା, ବରିଷ୍ଠ ନାଗରିକ ରାମକୃଷ୍ଣ ଦାସ,ଶିବପ୍ରସାଦ ଖଟେଇ, ସୁବାଷ ଚନ୍ଦ୍ର ସାହୁ, ରଜତ ମହାପାତ୍ର, ମନୋଜ କୁମାର ନାୟକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ହୋଇଥିବା ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଦଳଗତ ନୃତ୍ୟ, ସଂସ୍କାର ଧର୍ମି ଡୁଏଟ ଏବଂ ଡ୍ରାମା ଦର୍ଶକ ମାନଙ୍କୁ ଆତ୍ମବିଭୋର କରିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ଯୋଗଦେଇ ପ୍ରତିଭାମାନଙ୍କୁ ପୁରସ୍କୃତ କରିବା ସହିତ ଯୁଧିଷ୍ଠିର ସୁବୁଦ୍ଧି ମେମୋରିଆଲ ଟ୍ରଷ୍ଟର ପରିଚାଳିକା ତଥା ସମାଜସେବୀ ଇଲାସ ସୁବୁଦ୍ଧିଙ୍କୁ 'ସେବାରତ୍ନ' ସମ୍ମାନରେ ସମ୍ମାନୀତ କରାଯାଇଥିଲା।ଏବଂ ମେଡିକାଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଭା ଅଜିତ କୁମାର ମାଝିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କାର୍ଯ୍ୟକୁ ରାଧାକୃଷ୍ଣ ଥିଏଟରର ସମ୍ପାଦକ ତଥା ସମ୍ବାଦିକ ଗଣେଶ୍ୱର ସାହୁ ପରିଚାଳନା କରିଥିବାବେଳେ ସିମାଞ୍ଚଳ ସାହୁ, ବିଭୁ ମହାରଣା, ରାଜକିଶୋର ନାୟକ, ରଜତ ନାୟକ, ବିରଞ୍ଚି ସହୁଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଡେଲାଙ୍ଗ ହରିରାଜପୁର ମେଳଣ ପ୍ରସ୍ତୁତି ବୈଠକ

**ପୁରୀ,୨୮।୧/ଏନ୍ଏନ୍ଏସ୍:** ଡେଲାଙ୍ଗର ହରିରାଜପୁର ମେଳଣ ଏକ ପ୍ରାଚୀନ ମେଳଣ ଭାବେ ରାଜ୍ୟରେ ଖ୍ୟାତି ଲାଭ କରିଛି। ପଶ୍ଚିମା ଶମ୍ଭୁ ପ୍ରଭୁସୋମନାଥଙ୍କ ପଞ୍ଚୁଦୋଳ ମେଳଣ ଚଳିତ ବର୍ଷ ମାର୍ଚ୍ଚ ୮ ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୪ଶହ ବର୍ଷ ପ୍ରାଚୀନ ଏହି ମେଳଣରେ ଲକ୍ଷାଧିକ ଶ୍ରଦ୍ଧାଳୁ ଙ୍କ ସମାଗମ ହୋଇଥାଏ। ତେଣୁ ଏହାକୁ ଶୃଙ୍ଖଳା ର ସହ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏକ ପ୍ରାଚୀନ ମେଳଣ ଭାବେ ହରିରାଜପୁର ର ସୁଖ୍ୟାତି ରହିଛି। ଏହାକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଭାବେ ପରିଚାଳନା ସହ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇବା କୁ ପରାମର୍ଶ ଦେଇଥିଲେ। ଏସପି ପ୍ରତୀକ ସିଂ ମେଳା ରେ ଶୃଙ୍ଖଳା ରକ୍ଷା ସହ ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଯାତ୍ରୀ ସୁରକ୍ଷା, ଭିଡ ନିୟନ୍ତ୍ରଣ ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ। ମେଳଣ ପଡିଆକୁ ପରିଷ୍କାର ପରିଚ୍ଛନ୍ନ, ଅସ୍ଥାୟୀ ରହଣୀ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଶିବିର, ଅଗ୍ନି ନିର୍ବାପକ ବ୍ୟବସ୍ଥା ସହ ଅଗ୍ନି ଶମ ଅଧିକାରୀ ଙ୍କ ପରାମର୍ଶ ଅନୁସାରେ ଆକସ୍ମିକ ଅଗ୍ନିକାଣ୍ଡ ର ମୁକାବିଲା ପାଇଁ ଫାୟାର ଗାଡି ଯାତାୟାତ ପାଇଁ ରାସ୍ତା ବ୍ୟବସ୍ଥା କରି ଅସ୍ଥାୟୀ ଦୋକାନ ନିର୍ମାଣ, ସମସ୍ତ ବ୍ୟବସାୟୀ ନିଜର ବ୍ୟକ୍ତିଗତ ଅଗ୍ନି ନିର୍ବାପକର ସର୍ବନିମ୍ନ ବ୍ୟବସ୍ଥା ରଖିବା, ପାନୀୟ ଜଳ



ଯୋଗାଣ, ସମସ୍ତ ଜଳ ଉତ୍ସ ଗୁଡିକ ବିଶୋଧନ, ବିଦ୍ୟୁତ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱ କୁ ସୁଚାରୁ ରୂପେ ପରିଚାଳନା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇପିଏସ ପ୍ରୋବେସନର ଅନଖା କେ ବିଜୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡିଏସପି ଦେବାଶିଷ ମିଶ୍ର, ଡେଲାଙ୍ଗ ବିଡ଼ିଓ ସମୀର ବେହେରା,ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ମେଳଣ କମିଟିର ସଦସ୍ୟ ମାନେ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ପଞ୍ଚୁଦୋଳ ମେଳଣ କମିଟିର ସମ୍ପାଦକ ପ୍ରସନ୍ନ କୁମାର ମହାରଥୀ, ସମସ୍ତଙ୍କୁ ସ୍ୱାଗତ କରିବା ସହ ପଞ୍ଚୁଦୋଳ ମେଳଣର ଐତିହ୍ୟ, ପରମ୍ପରା ଓ କାର୍ଯ୍ୟ ସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ।

# ଖଣ୍ଡପଡ଼ାରେ ବନ୍ଦ ଡାକରା ପ୍ରଭାବ ଶୂନ୍ୟ

**ଖଣ୍ଡପଡ଼ା,୨୮।୧/ଏନ୍ଏନ୍ଏସ୍:** ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବୁଧବାର ଦିଆଯାଇଥିବା ଓଡିଶା ବନ୍ଦ ଡାକରାର ପ୍ରଭାବ ଖଣ୍ଡପଡ଼ା ଅଞ୍ଚଳରେ ସେତେଟା ଦେଖିବାକୁ ମିଳିନଥିଲା। ଖଣ୍ଡପଡ଼ା ସହରରେ ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡିକ ଖୋଲା ରହିଥିବା ବେଳେ କେବଳ ଯାନବାହନ ଓ ଯାତ୍ରୀବାହୀ ବସ ଗୁଡିକ ଚଳାଚଳ କରୁନଥିଲା। ଫଳରେ ଯାତାୟାତ ନିମନ୍ତେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିବା ଜଣାପଡିଛି। ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା, ପ୍ରଦୂଷଣ ରୋକିବା ନାମରେ ଜନସାଧାରଣଙ୍କ ଠାରୁ ମୋଟା ଅଙ୍କର ଜୋରିମାନା ଆଦାୟ କରିବା, ଟାଟା ପାୱାରର ମନମାନୀ, ସ୍ମାର୍ଟ ମିଟର ଲଗାଇ ବିଦ୍ୟୁତ ଉପଭୋକ୍ତାଙ୍କୁ ଶୋଷଣ କରିବା ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡିଶା ବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଥିବା ବେଳେ ଖଣ୍ଡପଡ଼ା ଅଞ୍ଚଳରେ ଏହି ବନ୍ଦ ଡାକରା ସଂପୂର୍ଣ୍ଣ ପ୍ରଭାବଶୂନ୍ୟ ଥିବା ପରିଲକ୍ଷିତ ହୋଇଥିଲା। କୃଷକ ସଂଗଠନର ଏହି ବନ୍ଦ ଡାକରାକୁ ବିଜେଡି ଓ କଂଗ୍ରେସ ଦଳ ସମର୍ଥନ କରୁଥିଲେ ହେଁ ଦଳୀୟ ନେତା, ସଂଗଠକ ଓ କର୍ମୀମାନେ କେହିହେଲେ ଆନ୍ଦୋଳନରେ ସାମିଲ ନହୋଇ ନୀରବଦ୍ରଷ୍ଟା ସାଜିଥିବା ଜଣାପଡିଛି। ଦୁର୍ବଳ ସଂଗଠନ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି।

# ଓଡ଼ିଶା ପ୍ରସିଦ୍ଧ ବଳଙ୍ଗା ପଞ୍ଚୁଦୋଳ ମେଳଣ ଏବର୍ଷ ଦୁଇଦିନ

**ବଳଙ୍ଗା,୨୮।୧/ଏନ୍ଏନ୍ଏସ୍:** ଐତିହାସିକ ଓଡିଶା ପ୍ରସିଦ୍ଧ ବଳଙ୍ଗା ପଞ୍ଚୁ ଦୋଳ ମେଳଣ ଚଳିତବର୍ଷ ଠାରୁ ୨ଦିନ ଅନୁଷ୍ଠିତ ହେବ। ଏହି ମେଳଣରେ ନିମାପଡ଼ା, ପିପିଲି,ଓ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରୁ ୧୦୮ ବିମାନ ମେଳଣ ପଡ଼ିଆରେ ଉପବେସନ କରିଥାନ୍ତି। ଏହି ମେଳଣ ଗୋଟିଏ ଦିନପାଇଁ ଅନୁଷ୍ଠିତ ହେଉଥିବାରୁ ହଜାର ହଜାର ଭକ୍ତମାନେ ଠାକୁରଙ୍କୁ ଦର୍ଶନ ପାଇଁ ଗହଳି ଲଗାଇ ଥାଆନ୍ତି। ଜନସମାଗମ ଦୃଷ୍ଟିରୁ ଏହି ମେଳଣ କୁ ଅଧିକ ସରସ ସୁନ୍ଦର କରିବା ପାଇଁ ମେଳଣ କମିଟି ତରଫରୁ ମେଳଣକୁ ଚଳିତବର୍ଷ ୨ ଦିନ ପାଇଁ କରାଯିବା ପାଇଁ ପ୍ରୟାସ ଆରମ୍ଭ କରାଯାଇଛି। ଏ ନେଇ ବଳଙ୍ଗା ମେଳଣ କମିଟି ତରଫରୁ ସଭାଗୃହରେ ସୋମବାର ସନ୍ଧ୍ୟାରେ ମେଳଣ କମିଟି ପକ୍ଷରୁ ଦୋଳ ନେଇ ଆସୁଥିବା ବିଭିନ୍ନ ଗ୍ରାମର ଯଥା ବେରବୋଇ, ତରବୋଇ, ସୁନିନ୍ଦା, ଖଣ୍ଡାୟତ ପାଟଣା, ସମ୍ଭୁଭାରତୀ ପାଟଣା,ତେରହଳ,ବିରାଟ ସାହି, କମାକନ୍ତିଆ, ଚନ୍ଦ୍ରାଦେଇପୁର, ଗୋକନ ଆଦି ଗ୍ରାମର ମୁରବୀମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ କମିଟିର ଏଭଳି ପ୍ରସ୍ତାବକୁ ଆସିଥିବା ମୁରବୀ ମାନେ ସ୍ୱାଗତ କରିଛନ୍ତି। ତେବେ ଅଧିକ ଗୋଟିଏ ଦିନ ପଡ଼ିଆରେ ରହୁଥିବା ଠାକୁରଙ୍କ ପୂଜାର୍ଚ୍ଚନା ସହ ସମସ୍ତ ନୀତି କାନ୍ତି ନିମନ୍ତେ ବିମାନ ସହିତ ଥିବା ମହାପାତ୍ର ଓ ପୂଜାରୀଙ୍କ ପାଇଁ ମେଳଣ କମିଟିରୁ ସମସ୍ତ ପ୍ରକାର



ସହାୟତା ଯୋଗାଇଦେବାକୁ ନିଷ୍ପତ୍ତି କରାଯାଇଛି। ସେହିଭଳି ମେଳଣ ଶୋଭାଯାତ୍ରାରେ କୌଣସି ପ୍ରକାରେ ଡିଜେ ବାଦ୍ୟକୁ ଅନୁମତି ନାହିଁ ବୋଲି କମିଟି ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୂର୍ବରୁ ମେଳଣରେ ଜମାଣ ଉତ୍ସବ ସହ ଗୋଟିଏ ଦିନ ମେଳଣ ହୋଇଥାଏ। ସେହି ରାତିରେ ଆତସବାଜି ପ୍ରତିଯୋଗୀତା ଅନୁଷ୍ଠିତ ହେବା ପରେ ପରଦିନ ଠାକୁରଙ୍କ ହରିହର ଭେଟ କରାଯାଇଥାଏ। ମେଳଣ କମିଟିର କାର୍ଯ୍ୟକାରୀ ସଭାପତି ବୈଦ୍ୟନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଭାପତି ପ୍ରଭାକର ଦଳାଇ ସମ୍ପାଦକ ବଳଭଦ୍ର ଜେନା, ପ୍ରସନ୍ନ କୁମାର ଶତପଥୀ, ପ୍ରଫୁଲ୍ଲ କୁମାର ବେହେରା, ପୂର୍ବତନ ସମିତି ସଭ୍ୟ କୃପାସିନ୍ଧୁ ଦତ୍ତଙ୍କ ସହ ମେଳଣ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

# ରାଧାକୃଷ୍ଣଙ୍କ ଦଶମ ବାର୍ଷିକ ଉତ୍ସବ ଓ ଯାଦବ ସମ୍ମିଳନୀ

**ଚାରିଛକ,୨୮।୧/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଚାରିଛକ ନିକଟସ୍ଥ ଜୁଣ୍ଡପୁର ଗୋଠପଡିଆ (ଗୋବିନ୍ଦପୁର) ଠାରେ ରାଧାକୃଷ୍ଣ ଙ୍କ ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସ୍ୱ ରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ଯାଦବ ମହାସଭାର ସଭାପତି ଗୋପାଳ ଚନ୍ଦ୍ର ବେହେରା , ମୁଖ୍ୟବକ୍ତା ନିମାପଡା ଯାଦବମହାସଭା ସଭାପତି ବିମ୍ବାଧର ବେହେରା, ସମ୍ମାନିତ ଅତିଥି ପୁରୀ ଜିଲ୍ଲା ଯାଦବ ମହାସଙ୍ଘ ର ସମ୍ପାଦକ ଚିତନ ବେହେରା, ନିମାପଡା ବ୍ଲକ ଯାଦବ ମହାସଭା କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ନାଥ ବେହେରା, ଗୋପ ବ୍ଲକ କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ବେହେରା ,ଚାରିଛକ ଜୋନ୍ର ଯାଦବ ସଭାପତି ରାମଚନ୍ଦ୍ର ବେହେରା ,ଗୋପ ବ୍ଲକ ଯାଦବ ମହାସଭା ସଭାପତି ଦେବେନ୍ଦ୍ର ନାଥ ବେହେରା, ଅଠର ଦେଶ ଯାଦବ ମହାସଭା ସଭାପତି ଗଙ୍ଗାଧର ବେହେରା, ଅଠର ଦେଶ ଯାଦବ ମହାସଭା ସମ୍ପାଦକ ଲିଟନ ଜେନା, ନିଆଳି ବ୍ଲକ ଯାଦବ ମହାସଭା ମହାସଚିବ ଯୋଗେନ୍ଦ୍ର ବେହେରା, ନିଆଳି ବ୍ଲକ ଯାଦବ ମହାସଭା ଉପ ସଭାପତି କେଦାରନାଥ ବେହେରା ଯୋଗଦେଇ ରାଧାକୃଷ୍ଣ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ଜାଳି ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବ୍ରଜମୋହନ ଦାସ ସଭାପତିତ୍ୱ କରିଥିଲେ। ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠାର ଦଶମ ବାର୍ଷିକ ଉତ୍ସବ ରେ ଗୋ ସୁରକ୍ଷା ପାଇଁ ଆଗାମୀ ଦିନରେ ସରକାର ନିକଟରେ ଦାବି ପ୍ରସ୍ତାବ କରିବା ପାଇଁ ମଞ୍ଚାସିନ ଅତିଥିମାନେ



ବକ୍ତବ୍ୟରେ କହିଥିଲେ। ରାଧାକୃଷ୍ଣ ଦଶମ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ବୈଷ୍ଣବ ଚରଣ ଡାଲୁଆ, ଶରତ ବେହେରା, ତନ୍ମୟ ବେହେରା, କାହ୍ନୁ ବେହେରା, ବିଜୟ ବେହେରା, ସନାତନ ଦାସ, ବାନାମ୍ବର ଦାସ,ବିଜୟ ଦାସ, ହେମନ୍ତ ବେହେରା, ଦିବାକର ଦାସ, କୈଳାସ ବେହେରା, ଗୌରାଙ୍ଗ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ଯାଦବ ବନ୍ଧୁ ମାନଙ୍କୁ ଉତରୀୟ ଓ ପୁଷ୍ପମାଲ୍ୟ ଦେଇ ସମ୍ମାନିତ କରାଯାଇଥିଲା। ପରେ ଯାଦବ ପିଲାଙ୍କ ଦ୍ୱାରା ଲଉଡି ଖେଳ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଜୟ ଯାଦବ ଜୟ ମାଧବ ଧ୍ୱନିରେ ମଞ୍ଚ କମ୍ପିଉଠି ଥିଲା। ଏହି ଉତ୍ସବରେ ବିଭିନ୍ନ ଅଞ୍ଚଳର ଶତାଧିକ ଯାଦବ ଭାଇମାନେ ଯୋଗଦେଇଥିଲେ।

# ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି



**ନୟାଗଡ଼,୨୮।୧/ଏନ୍ଏନ୍ଏସ୍:** ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ ଚାହାଳୀଙ୍କ ଆନୁକୁଲ୍ୟରେ ଉତ୍କଳ ସମ୍ମିଳନୀ ନୟାଗଡ ଜିଲ୍ଲା ଶାଖା ' ବନ୍ଦେ ମାତରମ' ର ୧୫୦ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସଚେତନତା ପାଇଁ ଏକ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ନିରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପଞ୍ଚସଖା ସେତୁ ସମ୍ପାଦକ ଜ୍ଞାନ ପ୍ରକାଶ ବାରିକ ଅତିଥି ପରିଚୟ ଏବଂ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ ।ମୁଖ୍ୟ ବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ମହମ୍ମଦ ଉମାର୍ ମାଲିକ ଜାତୀୟ ଶିକ୍ଷାନୀତି - ୨୦୨୦ ର ଶିକ୍ଷ୍ୟା, ସଂସ୍କୃତି ଓ କୌଶଳ ମନ୍ତ୍ରକୁ ବୁଝାଇଥିଲେ। ସଂସ୍କୃତିର ପରିଚୟ, ଭାରତୀୟ ଉପମହାଦେଶ, ଜାତୀୟତାକୁ ଉଜ୍ଜୀବିତ ଉଦ୍ଦେଶ୍ୟରେ 'ବନ୍ଦେ ମାତରମ୍' ର ଆବଶ୍ୟକତା ଦର୍ଶାଇଥିଲେ। ମୁଖ୍ୟ ଅତିଥି ଉତ୍କଳ ସମ୍ମିଳନୀ ନୟାଗଡ ଜିଲ୍ଲା ସଭାପତି ତଥା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଲେଖିକା ବସିରନ୍ ବିବି ଉତ୍କଳ ସମ୍ମିଳନୀର ଗଠନ ଓ ଆବଶ୍ୟକତା ତଥା ଓଡ଼ିଶା ଅସ୍ମିତାର ବାହକ ବୋଲି କହିବା ସହିତ 'ବନ୍ଦେ ମାତରମ୍' ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ଗୋକୁଳ କୁମାର ଷଡ଼ଙ୍ଗୀ ଛାତ୍ର ସମାଜରେ 'ବନ୍ଦେ ମାତରମ୍' ଗାନରେ ଜାତୀୟତା ଜାଗ୍ରତ ଉପରେ ବର୍ଣ୍ଣନା କରିବା ସହିତ ପିଲାମାନଙ୍କୁ ଶିକ୍ଷା ଗ୍ରହଣରେ ଏକାଗ୍ରତା ରଖିବାକୁ ଉପଦେଶ ଦେଇଥିଲେ। ବିଦ୍ୟାଳୟ ପଞ୍ଚସଖା ସେତୁର ସଭାପତି ଦିଲୀପ କୁମାର ମିଶ୍ର ଏବଂ ଅନ୍ତର୍ଯ୍ୟାମୀ ମିଶ୍ର ଉପସ୍ଥିତ ଥିଲେ।

# ଉପ୍ରା ବିଦ୍ୟାଳୟକୁ ଲାଇଟ୍ ଆପ୍ରିସିଏସନ୍ ପୁରସ୍କାର



**ଓଡ଼ଗାଁ,୨୮।୧/ଏନ୍ଏନ୍ଏସ୍:** ଓଡ଼ଗାଁ ଶିକ୍ଷାମଣ୍ଡଳ ଅନ୍ତର୍ଗତ କୁରାଳ କ୍ଲଷ୍ଟର୍ ଅଧୀନସ୍ଥ ଦଣ୍ଡୋର ଉ.ପ୍ରା.ବିଦ୍ୟାଳୟ ନିଜ ବିଦ୍ୟାଳୟରେ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀମାନଙ୍କ ପାଇଁ ମାଗଣା ଚକ୍ଷୁ ଓ ମଧୁମେହ ପରୀକ୍ଷା ଶିବିର ଆୟୋଜନ କରି ଉତ୍ତର ପ୍ରଦେଶର ଏକ ବେସରକାରୀ ସଂସ୍ଥା ଦୀପକ ଫାଉଣ୍ଡେସନ ଓ ଗୁଜୁରାଟର ଲାଇଟ୍ ଫାଇନାନ୍ସ ପକ୍ଷରୁ ହାସଲ କରିଛି ଲାଇଟ୍ ଆପ୍ରିସିଏସନ୍ ପୁରସ୍କାର। ବିଦ୍ୟାଳୟ ତରଫରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଶିଶୁବାଟିକାରୁ ଆରମ୍ଭକରି ଦଶମଶ୍ରେଣୀ ପର୍ଯ୍ୟନ୍ତ ତିନିଶହ ପନ୍ଦର ଜଣ ଛାତ୍ରଛାତ୍ରୀଙ୍କ ସମେତ ତିନିଶହ ପଚାଶରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେଇ ମାଗଣାରେ ଚକ୍ଷୁ ଓ ମଧୁମେହ ପରୀକ୍ଷା ସହ ମାଗଣା ଚଷମା ଗ୍ରହଣ କରିଥିଲେ। ଏହା ବ୍ୟତୀତ ଅହମଦାବାଦ ଓମେନ୍ ଆକସନ୍ ଗ୍ରୁପ୍ ମୁଖ୍ୟ ପରିଚାଳକ ମିସ୍ ଫର୍ଣ୍ଣାଜ୍ ଓ ସହଯୋଗୀ ମିସ୍ ସୋନଲଙ୍କ ଦ୍ୱାରା ବାଳିକାମାନଙ୍କୁ ସ୍ୱାସ୍ଥ୍ୟ ଓ ସୁସ୍ଥତା ତଥା ଗୁଡ୍ ଟଚ୍ ବ୍ୟାଡ୍ ଟଚ୍ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରିଶେଷରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ପଠନ ସାମଗ୍ରୀ ଥିବା ବ୍ୟାଗ୍ ଯୋଗାଇ ଦିଆଯାଇଥିଲା। ଅନୁଷ୍ଠାନର ମୁଖ୍ୟ ଜିଗର୍ ଠାକୁର, ଜୋନାଲ୍ ମୁଖ୍ୟ ନବଘନ ପଣ୍ଡା ଓ କ୍ଲଷ୍ଟର୍ ମୁଖ୍ୟ ରିଙ୍କୁନା ସାହୁଙ୍କ ଦ୍ୱାରା ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଲୋଟସ୍ ବିଦ୍ୟାଳୟ ପକ୍ଷରୁ ଲାଇଟ୍ ଆପ୍ରିସିଏସନ୍ ପୁରସ୍କାର ଗ୍ରହଣ କରି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଶିକ୍ଷକ ଯଶୋବନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ପବିତ୍ର ମୋହନ ସାହୁ, ଜିତେନ୍ କୁମାର ଡାକୁଆ, ଶିକ୍ଷୟିତ୍ରୀ ଜାନକୀ ପଣ୍ଡା, ସୁନିତା ସେଠୀ, ସୁଶାନ୍ତି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ରାଧାନାଥ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଆଠଗଡ଼,୨୮।୧/ଏନ୍ଏନ୍ଏସ୍:** ଦେଶର ଭବିଷ୍ୟତକୁ ଗଢି ତୋଳିବାକୁ ହେଲେ ଶିକ୍ଷା ଗୁରୁତ୍ୱ ଅଧିକ ହେଲେ ଦେଶରେ ଚାଲୁଥିବା ଶିକ୍ଷା ବ୍ୟବସ୍ଥା ନୈତିକ ମୌଳିକ ମୁଖ୍ୟବୁଦ୍ଧିରୁ ଦୁରେଇ ଯାଇଛି। ଏବେ ଶିକ୍ଷା ବ୍ୟବସ୍ଥାକୁ ରକ୍ଷା କରିବା ପ୍ରତ୍ୟେକ ଭାରତୀୟଙ୍କ ଦାୟିତ୍ୱ କର୍ତ୍ତବ୍ୟ ଏଣୁ ଏଥିପାଇଁ ସଂଘର୍ଷର ଆବଶ୍ୟକତା ରହିଛି ଏବଂ ଏହି ସଂଘର୍ଷରେ ସାମିଲ ହେବାକୁ ସ୍ଥାନିୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଜି ସମସ୍ତ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନଙ୍କୁ ଅହ୍ୱାନ ଦେଇଛନ୍ତି। ଆଠଗଡ ବ୍ଲକ ଅନ୍ତର୍ଗତ ଖୁଣ୍ଟୁଣୀ ରାଧାନାଥ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ସ୍ୱାଇଁ ଏହି ଆହ୍ୱାନ ଦେବାସହିତ ଜାତୀୟ ଶିକ୍ଷାନୀତି ୨୦୨୦କୁ ସମାଲୋଚନା କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶଳିଭୂଷଣ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶ୍ୱେତକାନ୍ତ ବେହେରା, ଶିକ୍ଷାବିତ୍ ବିପିନି ବିହାରୀ ପ୍ରଧାନ, ଗୌରହିରି ମହାନ୍ତି, ନୃସିଂହ ଚରଣ ସାହୁ, ମହେନ୍ଦ୍ର କୁମାର ପରିଡା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ଜଣେ ଜଣେ ସୁନାଗରିକ ହେବା ପାଇଁ ଅହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳର ପ୍ରଶାସନିକ ଅଧିକାରୀ କୁନ୍ତଳା ବେଉରାୟ, ଓଡିଆ ବିଭାଗର ମୁଖ୍ୟ ଅମିତ ରଞ୍ଜନ ମିଶ୍ର, ଇଂରାଜୀ ବିଭାଗର ମୁଖ୍ୟ ଜିତେନ୍ଦ୍ର କୁମାର ପ୍ରଧାନ, ରାଜନିତୀ ବିଜ୍ଞାନର ମୁଖ୍ୟ ଡ. ମନୋରଞ୍ଜନ ନାୟକ, ଉଦ୍ଭିଦ ବିଜ୍ଞାନର ମୁଖ୍ୟ ଡ. ଜୁଗଯ୍ୟୋତି ସ୍ୱାଇଁ, ଶିକ୍ଷାବିଭାଗର ମୁଖ୍ୟ ଡ. ଶାଗରିକା ରାଉତଙ୍କ ସମେତ ମହାବିଦ୍ୟାଳର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ୨୮୮ତମ ରାଜ୍ୟସ୍ତରୀୟ ଜୟନ୍ତୀ

**ଶରଣକୁଳ,୨୮।୧/ଏନ୍ଏନ୍ଏସ୍:** ଓଡିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ଓ ସଦାନନ୍ଦ ସାହିତ୍ୟ ପରିଷଦ ଶରଣକୁଳ ମିଳିତ ଆନୁକୂଲ୍ୟରେ ରୀତିଯୁଗୀୟ ମହାନ କବି କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ୨୮୮ ତମ ଜୟନ୍ତୀ ଉତ୍ସବ ତାଙ୍କ ଜନ୍ମ ମାଟି ଭିକାରୀପଡା ସ୍ଥିତ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ ପରିସରରେ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ରାଜ୍ୟ ସ୍ତରୀୟ କବିତା ପାଠ ଉତ୍ସବ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସାହିତ୍ୟ ପରିଷଦର କାର୍ଯ୍ୟକାରୀ ସଭାପତି କିଶୋର ଚନ୍ଦ୍ର କରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବ ଓ ଆଲୋଚନା ଚକ୍ରକୁ ଓଡିଶା ବିଧାନସଭା ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିବା ବେଳେ ବରିଷ୍ଠ କବି ଓ ସାହିତ୍ୟ ଗବେଷକଅଧ୍ୟକ୍ଷ ରାଜ ଭାଷା ପରିଷଦ ତଥା ଅନୁବାଦକ ରାଜ ଭବନ ଡ଼ ନାରାୟଣ ମୁଦୁଲି, କୈବଲ୍ୟ ସାହିତ୍ୟ ସଂସଦ ପ୍ରତିଷ୍ଠାତା ସୁ ସାହିତ୍ୟିକ ଡ଼. ସଂଗ୍ରାମ କେଶରୀ ସାମନ୍ତରାୟ, ଅଧ୍ୟାପିକା ମନୋଜିନି ଦଳବେହେରା, ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ପ୍ରମୋଦ ପଟ୍ଟନାୟକ, ଓଡିଶା ରାଜ୍ୟ ପାଲା ଗାୟକ ସଙ୍ଘ ସଂଗଠନ ସମ୍ପାଦକ ଗାୟକ କଳାନିଧି ପଣ୍ଡିତ ମନୋଜ କୁମାର ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସଦାନନ୍ଦଙ୍କ ବାଲ୍ୟ ଜୀବନ ଓ କାବ୍ୟ କୃତି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କଳା, ସାହିତ୍ୟ, ସଂସ୍କୃତି ଓ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କବି ତଥା ଗୀତିକାର, ସଂସ୍କୃତ ପାଲା ଗାୟକ ଗଦାଧର ଦାଶ 'କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସାହିତ୍ୟ ସମ୍ମାନ, ବରିଷ୍ଠ କବି ପ୍ରତିଷ୍ଠିତ ସାହିତ୍ୟିକ ମୀନକେତନ ଷଡ଼ଙ୍ଗୀ, କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସାହିତ୍ୟ ପ୍ରତିଭା ସମ୍ମାନ, କବି ଦେବରାଜ ପ୍ରଧାନ ସଦାନନ୍ଦ ବ୍ରହ୍ମା ସ୍ମୃତି ସମ୍ମାନ, କବି କାଶୀନାଥ ଦାସଙ୍କୁ ଶିଶୁ ସାହିତ୍ୟ ସମ୍ମାନ, ବ୍ୟଙ୍ଗକବି ତଥା ନାଟ୍ୟ ଅଭିନେତା ପ୍ରତାପ କୁମାର ସାହୁଙ୍କୁ 'କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ବ୍ୟଙ୍ଗ



ସାହିତ୍ୟ ସମ୍ମାନ', ବିଶିଷ୍ଟ କବି ଅରୁଣ କୁମାର ମହାଖୁଡ଼ଙ୍କୁ 'କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସାହିତ୍ୟ ପ୍ରତିଭା ସମ୍ମାନ', କଣ୍ଠଶିଳ୍ପୀ ପ୍ରାଣ କୃଷ୍ଣ ମହାରଣା ଙ୍କୁ 'କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସଙ୍ଗୀତ ସମ୍ମାନ, କବି ବଂଶୀଧରଙ୍କୁ 'କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସାହିତ୍ୟ ପ୍ରତିଭା ସମ୍ମାନ', ସଂଗ୍ରାହକ ସଞ୍ଜୟ କୁମାର ସାହୁଙ୍କୁ 'କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସେବା ସମ୍ମାନ' ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ନିଳିମା ନନ୍ଦ, ଗାଳ୍ପିକ ଗୋପୀନାଥ ସେଠି, ବଂଶୀଧର ମହାପାତ୍ର ଓ ନୀଳମାଧବ ମିଶ୍ରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। କବି କୁସୁମ ନିରାକାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

**ନିତି ଭାରତୀ**

ପ୍ରତ୍ୟେକ ନବଜାତ ଶିଶୁ ଏଇ ବାର୍ତ୍ତାଟିଏ ସାଙ୍ଗରେ ନେଇ ଆସିଥାଏ ଯେ ଈଶ୍ୱର ଏ ପର୍ଯ୍ୟନ୍ତ ସୁଦ୍ଧା ମଣିଷ ଉପରେ ନିରାଶା ବ୍ୟକ୍ତ କରି ନାହାନ୍ତି। - **ରବୀନ୍ଦ୍ରନାଥ ଠାକୁର**



NITIDIN
ନିତିଦିନ
ଗୁରୁବାର , ୨୯ ଜାନୁଆରୀ,୨୦୨୬

# ଚନ୍ଦ୍ରକୁ ଧକ୍କା ଦେବ ଗ୍ରହାଣୁ



ନିକୁଞ୍ଜ ବିହାରୀ ସାହୁ

ଅନ୍ତରୀକ୍ଷରେ ଅନେକ ଗ୍ରହାଣୁ ଘୁରି ବୁଲୁଛନ୍ତି। ସେଭଳି କେତେକ ଗ୍ରହାଣୁ ଅତୀତରେ ପୃଥିବୀରେ ଜୀବନ ସଞ୍ଚାର କରିଥିଲା ବେଳେ ଅନ୍ୟ କିଛି ଗ୍ରହାଣୁ ଆମ ପାଇଁ ବିପଦର କାରଣ ହୋଇଥାନ୍ତି। ଏକ ଚାଞ୍ଚଲ୍ୟକର ଖବର ଅନୁଯାୟୀ, ଏବେ ଏକ ଗ୍ରହାଣୁ ବିପଦପୂର୍ଣ୍ଣ ଭାବେ ଆମର ପଡ଼ୋଶୀ ଚନ୍ଦ୍ର ଆଡ଼କୁ ଅଗ୍ରସର ହେଉଛି। ଏହା ଆଗାମୀ ୨୦୩୨ ମସିହା ଡିସେମ୍ବର ମାସରେ ଚନ୍ଦ୍ରକୁ ଧକ୍କା ଦେବ ବୋଲି ଆଶଙ୍କା ପ୍ରକାଶ କରା ଯାଉଛି। ଏହି ଗ୍ରହାଣୁର ନାମ ୨୦୦୪ ୱାଇଆର୍ ୪। ଏହାର ବ୍ୟାସ ପ୍ରାୟ ୬୦ ମିଟର, ଯାହା ଏକ ବିରାଟ ଅଟ୍ଟାଳିକା ସଦୃଶ ଓ ଏହାର ସଂଘର୍ଷରେ ଚନ୍ଦ୍ର ପୃଷ୍ଠରେ ୧ କି.ମି. ଓସାରର ଏକ ଗର୍ତ୍ତ ସୃଷ୍ଟି ହେବ। ଏହି ସଂଘାତରେ ନିର୍ଗତ ଶକ୍ତି ୬ ନିୟୁତ ଟନ୍ ଟିଏନ୍‌ଟି ସଙ୍ଗେ ତୁଳନୀୟ, ଯାହା ହିରୋସୀମା ଉପରେ ପଡ଼ିଥିବା ପରମାଣୁ ବୋମାର ଶକ୍ତିଠାରୁ ୪୦୦ ଗୁଣ ଅଧିକ। ଏହି ବିପୁଳ ଶକ୍ତିର ନିର୍ଗତ ଫଳରେ ଚନ୍ଦ୍ର ପୃଷ୍ଠ ଅସମ୍ଭବ ଭାବେ ଥରି ଉଠିବ ଏବଂ ଏହା ଝଲସାଏ ଆଲୁଅ ଆକାରରେ ପୃଥିବୀକୁ ଦୃଶ୍ୟ ହେବ। ଏହି ବିରଳ ଦୃଶ୍ୟ ଉତ୍ତର ଆମେରିକା, ହଂକଂ ଓ ହାୱାଇ ଭଳି କିଛି ସ୍ଥାନରେ ଦୃଶ୍ୟ ହେବ। ଏହା ଚନ୍ଦ୍ର ଇତିହାସର ବିଗତ ୫୦୦୦ ବର୍ଷ ମଧ୍ୟରେ ସବୁଠାରୁ ବଡ଼ ମହାକାଶୀୟ ଆଘାତଜନିତ ଘଟଣା ହେବ। ଏହି ସଂଘାତରେ ଚନ୍ଦ୍ର ପୃଷ୍ଠରୁ ଅନେକ ଶିଳାଖଣ୍ଡ ନିର୍ଗତ ହୋଇ ଉଲ୍‌କା ପିଣ୍ଡ ରୂପରେ ମହାକାଶକୁ ନିକ୍ଷିପ୍ତ ହେବ। ଏହି ଉଲ୍‌କା ପିଣ୍ଡସବୁ ପୃଥିବୀ ଚାରିପଟେ ପ୍ରଦକ୍ଷିଣରତ କୃତ୍ରିମ ଉପଗ୍ରହଗୁଡ଼ିକ ପ୍ରତି ଘୋର ବିପଦ ବହନ କରିବେ ବୋଲି ଆଶଙ୍କା ପ୍ରକାଶ କରାଯାଏ।

ଏହି ଗ୍ରହାଣୁର ମଧ୍ୟ ପୃଥିବୀ ସହିତ ସଂଘର୍ଷ ହେବାର ଆଶଙ୍କା ରହିଛି; ଅବଶ୍ୟ ଏହି ସମ୍ଭାବନା ବହୁତ କ୍ଷୀଣ। ସେଥିପାଇଁ ଆମ ଦୃଶ୍ୟମାନ ଅନ୍ତରୀକ୍ଷରେ ଏହି ଗ୍ରହାଣୁର ଆଗମନ ବୈଜ୍ଞାନିକମାନଙ୍କ ମହଲରେ ଘୋର ଉଦ୍‌ବେଗ ସଞ୍ଚାର କରିଛି। ଆମ ପୃଥିବୀକୁ ମଧ୍ୟ ଅତୀତରେ ଅନେକ ଉଲ୍‌କା ଓ ଗ୍ରହାଣୁ ପିଣ୍ଡ ଆଘାତ କରିଛନ୍ତି; ମାତ୍ର ପୃଥିବୀର ବାୟୁମଣ୍ଡଳ ଥିବାରୁ ସେଥିରେ ଘଷି ହୋଇ ଖସୁଥିବା ପିଣ୍ଡଗୁଡ଼ିକ ଜଳି ଯାଆନ୍ତି ଏବଂ କେବଳ ପାଉଁଶ ରୂପରେ ପୃଥିବୀ ପୃଷ୍ଠରେ ପଡ଼ିଥାନ୍ତି। ମାତ୍ର ଚନ୍ଦ୍ରର କୌଣସି ବାୟୁମଣ୍ଡଳ ନ ଥିବାରୁ ଛୋଟ ଛୋଟ ପିଣ୍ଡଗୁଡ଼ିକ ଚନ୍ଦ୍ର ପୃଷ୍ଠରେ ପହଞ୍ଚି ପାରନ୍ତି ଏବଂ ସେଠାରେ ପିଟିହୋଇ ଯଥେଷ୍ଟ କ୍ଷତି ସାଧନ କରି ପାରନ୍ତି।

ଏହି ଗ୍ରହାଣୁକୁ ୨୦୦୪ ମସିହା ଡିସେମ୍ବର ୨୭ ତାରିଖରେ ଚିଲିର ଏକ ପର୍ଯ୍ୟବେକ୍ଷଣାଗାରରେ ଆଟ୍‌ଲାସ୍ ଦୂରବୀକ୍ଷଣ ଯନ୍ତ୍ର ବ୍ୟବହାର କରି ଅବିଷ୍କାର କରା ଯାଇଥିଲା। ଏହି ଗ୍ରହାଣୁଟି ବର୍ତ୍ତମାନ ସୂର୍ଯ୍ୟ ପଛ ପଟରେ ଅଛି। ସୂର୍ଯ୍ୟର ଉଜ୍ଜ୍ୱଳ ଆଲୋକରେ ଏହାକୁ ଦେଖି ହେଉ ନାହିଁ। ଏଭଳି ଏକ ସ୍ଥାନରେ ଭୂପୃଷ୍ଠସ୍ଥ ଦୂରବୀକ୍ଷଣ ଯନ୍ତ୍ର ପକ୍ଷରେ ଗ୍ରହାଣୁକୁ ଦେଖିବା ସମ୍ଭବପର ନୁହେଁ ଏବଂ ସେଥିପାଇଁ ମହାକାଶର ଏଭଳି ଅଭାବନୀୟ ଏଭଳି ସ୍ଥାନକୁ 'ଅନ୍ଧତ୍ୱ ଇଲାକା' ବୋଲି କୁହାଯାଏ। ସୁତରାଂ, ଗ୍ରହାଣୁଟିର ଏଭଳି ଅଜ୍ଞାତବାସ ପାଇଁ ଏହା ଏବେ ବୈଜ୍ଞାନିକମାନଙ୍କ ପାଇଁ ରହସ୍ୟାବୃତ୍ତ ହୋଇ ରହିଛି ଏବଂ ବୈଜ୍ଞାନିକମନେ ଏହାର ବସ୍ତୁତ୍ୱ, ଆକାର ଓ କକ୍ଷପଥ ସମ୍ପର୍କରେ ଅନଭିଜ୍ଞ ଅଟନ୍ତି। ଏହା ଆଗାମୀ ଫେବ୍ରୁଆରୀ ମାସରେ ସୂର୍ଯ୍ୟର ପଶ୍ଚାତ୍ ଭାଗରୁ ବାହାରିଲା ପରେ ଅନ୍ତରୀକ୍ଷରେ ଅବସ୍ଥାପିତ ଜେମ୍ସ ୱେବ୍ ଦୂରବୀକ୍ଷଣ ଯନ୍ତ୍ରରେ ଅତି ସ୍ୱଳ୍ପ ସମୟ ପାଇଁ ଦୃଶ୍ୟ ହେବ। ଏହାକୁ ପୁଣି ଆଉ ଥରେ ଆଗାମୀ ୨୦୨୮ ମସିହାରେ ଦେଖିହେବ, ମାତ୍ର ସେତେବେଳେ ଏହା ଚନ୍ଦ୍ରର ଅତି ନିକଟବର୍ତ୍ତୀ ହୋଇଥିବାରୁ ଏହାକୁ ପ୍ରତିହତ କରିବା ନିମନ୍ତେ ବେଶୀ କିଛି ପଦକ୍ଷେପ ଗ୍ରହଣ କରିହେବ ନାହିଁ। ଏହା ହିଁ ହେଉଛି ଏହି ଗ୍ରହାଣୁ ସମ୍ପର୍କୀୟ ସବୁଠାରୁ ବଡ଼ ବିପଦ।



ତେବେ ଆମ ଦୃଶ୍ୟମାନ ଅନ୍ତରୀକ୍ଷରେ ଏଭଳି ଏକ ବିପଦ ସଙ୍କୁଳ ପିଣ୍ଡର ଆବିର୍ଭାବ ଯେ ଚନ୍ଦ୍ର ଓ ପୃଥିବୀ ପାଇଁ ଘୋର ବିପଦ ସୃଷ୍ଟି କରିଛି, ଏଥିରେ ସନ୍ଦେହ ନାହିଁ। ସେଥିପାଇଁ ବୈଜ୍ଞାନିକମାନେ ଏବେଠୁ ଗ୍ରହାଣୁଟିକୁ ଠାବ କରି ବଡ଼ କିଛି ବିପଦ ଘଟେଇବା ପୂର୍ବରୁ ମହାକାଶରେ ନଷ୍ଟ କରିଦେବା ପାଇଁ ଯୋଜନା କରୁଛନ୍ତି। ଏଥିପାଇଁ ଗୋଟିଏ ଉପାୟ ହେଉଛି: ୨୦୨୯ରୁ ୨୦୩୧ ମସିହା ମଧ୍ୟରେ ଅନ୍ତରୀକ୍ଷକୁ ଏକ ପରମାଣୁ ଚାଳିତ ରକେଟ୍ ପ୍ରେରଣ କରି ଗ୍ରହାଣୁକୁ ଅଘାତ ପୂର୍ବକ ଏହାର ପଥକୁ ବିକ୍ଷେପିତ କରି ସଂଘର୍ଷକୁ ସମ୍ପୂର୍ଣ୍ଣ ଏଡ଼ାଇ ଦେଇହେବ କିମ୍ବା ଏହାକୁ ଖଣ୍ଡ ବିଖଣ୍ଡିତ କରି ଚନ୍ଦ୍ର ସହିତ ସଂଘାତର ତୀବ୍ରତାକୁ ଯଥେଷ୍ଟ ହ୍ରାସ କରାଯାଇ ପାରିବ। ଅତୀତରେ ଚେଲ୍ୟାବିନ୍ସ୍କ ନାମକ ଏକ ଉଲ୍‌କା ପିଣ୍ଡ ଅତର୍କିତ ଭାବେ ଆମ ବାୟୁମଣ୍ଡଳରେ ପ୍ରବେଶ କରି ଧନ ଜୀବନର ବ୍ୟାପକ କ୍ଷତି ସାଧନ କରିଥିଲା ଏବଂ ଏହି ଦାଗ ଏବେ ବି ଆମ ମନରୁ ଲିଭି ନାହିଁ। ଆମେ ଏହା ସମ୍ପର୍କରେ ନିମ୍ନରେ ଆଲୋଚନା କରିବା।

ଚେଲ୍ୟାବିନ୍ସ୍କ ଉଲ୍‌କା ପିଣ୍ଡ: ୨୦୧୩ ମସିହା ଫେବ୍ରୁଆରୀ ୧୫ ତାରିଖରେ ରୁଷିଆର ୟୁରାଲ୍ ଅଞ୍ଚଳରେ ଏକ ବଡ ଉଲ୍‌କାପିଣ୍ଡ ଖସିଥିଲା। ଏହା ଚେଲ୍ୟାବିନ୍ସ୍କ ଉଲ୍‌କାପିଣ୍ଡ ନାମରେ ଜଣାଶୁଣା। ଏହାର ବ୍ୟାସ ଥିଲା ୬୦ ଫୁଟ ଏବଂ ଓଜନ ଥିଲା ୯୧୦୦ ଟନ୍। ଏହା ପୃଥିବୀର ବାୟୁମଣ୍ଡଳରେ ମାତ୍ର ୧୮ ଡିଗ୍ରୀ କୋଣରେ ଅଚାନକ ପ୍ରବେଶ କରି ଆକାଶରେ ୧୯.୨ କି.ମି. ଭଳି ଦୂରନ୍ତ ବେଗରେ ଛୁଟି ଯାଇଥିଲା। ବାୟୁମଣ୍ଡଳର ପ୍ରଚଣ୍ଡ ଘର୍ଷଣ ଓ ତଜ୍ଜନିତ ଉତ୍ପନ୍ନ ତାପରେ ଏହା ଜଳି ଉଠିଥିଲା ଏବଂ ଏଥିରୁ ନିର୍ଗତ ଆଲୁଅ ସୂର୍ଯ୍ୟଠାରୁ ମଧ୍ୟ ଅଧିକ ଉଜ୍ଜ୍ୱଳ ଥିଲା, ଯାହା ୧୦୦ କି.ମି. ଦୂର ପର୍ଯ୍ୟନ୍ତ ଦୃଶ୍ୟ ହୋଇଥିଲା। ଏହା ଭୂପୃଷ୍ଠରୁ ପ୍ରାୟ ୩୦ କି.ମି. ଉଚ୍ଚତାରେ ବିସ୍ଫୋରିତ ହୋଇଥିଲା। ଏହା ଏକ ଉଜ୍ଜ୍ୱଳ ଆଲୋକ ମେଞ୍ଚା ରୂପରେ ଦୃଶ୍ୟ ହେବା ସଙ୍ଗେ ସଙ୍ଗେ ପ୍ରଚଣ୍ଡ ଧୂଳି ଓ ଗ୍ୟାସ୍ ନିର୍ଗତ କରିଥିଲା, ଯାହା ବାୟୁମଣ୍ଡଳର ୨୬ କି.ମି. ଅଭ୍ୟନ୍ତରକୁ ଭେଦ କରି ଯାଇଥିଲା। ଏଥିରୁ ନିର୍ଗତ ଅଧିକାଂଶ ଶକ୍ତି ବାୟୁମଣ୍ଡଳ ଦ୍ୱାରା ଅବଶୋଷିତ ହୋଇ ଯାଇଥିଲା, ଯାହା ଶକ୍ତିଶାଳୀ ସକ୍‌ୱେଭ୍ ତରଙ୍ଗ ଆକାରରେ ସଞ୍ଚାରିତ ହୋଇଥିଲା। ବାୟୁମଣ୍ଡଳରେ ପ୍ରବେଶ ପୂର୍ବରୁ ଉଲ୍‌କା ପିଣ୍ଡର ଗତିଜ ଶକ୍ତି ୪୦୦ ରୁ ୫୦୦ ଟିଏନ୍‌ଟି ବିସ୍ଫୋରକ ପାଦାର୍ଥରର କ୍ଷମତା ସଙ୍ଗେ ସମାନ ଥିଲା, ଯାହା ୩୦ଟି ହିରୋସୀମା ବୋମାର ଶକ୍ତି ସଙ୍ଗେ ସମକକ୍ଷ ଥିଲା। ଏହାର ଉତ୍ପତ୍ତି ସ୍ଥଳ ସୂର୍ଯ୍ୟର ଅତି ପାଖରେ ଥିବାରୁ ଏହାକୁ ସୂର୍ଯ୍ୟର ତେଜ ମଧ୍ୟରେ ଆରମ୍ଭରୁ ଠାବ କରି ହୋଇ ନଥିଲା ଏବଂ ଏହିଭଳି ଉଲ୍‌କାଟି ଅତ୍ୟନ୍ତ ଅତର୍କିତ ଭାବେ ବାୟୁମଣ୍ଡଳରେ ପ୍ରବେଶ କରିଥିଲା। ଫଳରେ ଏହାକୁ ଆକାଶରେ ପ୍ରତିହତ କରିବା ପାଇଁ ବୈଜ୍ଞାନିକମାନଙ୍କ ପକ୍ଷରେ ଯଥେଷ୍ଟ ସମୟ ନଥିଲା। ଏହାର ପ୍ରଭାବରେ ଚତୁଃପାର୍ଶ୍ୱସ୍ଥ ଛଅଟି ସହରର ସମୁଦାୟ ୭୨୦୦ଟି କୋଠାଘର କ୍ଷତିଗ୍ରସ୍ତ ହୋଇଥିଲା ଏବଂ ୧୪୯୧ ଜଣ ଲୋକ ଆଘାତପ୍ରାପ୍ତ ହୋଇଥିଲେ।

କୌଣସି ଗ୍ରହାଣୁ କିମ୍ବା ଉଲ୍‌କା ପୃଥିବୀର ଜୀବନ ପ୍ରତି ଯଥେଷ୍ଟ ବିପଦ ବହନ କରିଥାଏ। ଆଜିଠୁ ପ୍ରାୟ ୬.୫ କୋଟି ବର୍ଷ ପୂର୍ବେ ଏକ ବିଶାଳ ଗ୍ରହାଣୁର ପୃଥିବୀ ସହିତ ସଂଘର୍ଷ ହେବା ଫଳରେ ଡାଇନୋସରମାନଙ୍କର ସମୂହ ମୃତ୍ୟୁ ଘଟିଥିଲା। ୨୦୦୪ ୱାଇଆର୍ ୪ ଗ୍ରହାଣୁଟି ଚେଲ୍ୟାବିନ୍ସ୍କ ଉଲ୍‌କା ପିଣ୍ଡ ପରି ଏ ପର୍ଯ୍ୟନ୍ତ ଦୃଶ୍ୟ ହୋଇପାରି ନାହିଁ, ଯେହେତୁ ଏହାର ଉତ୍ପତ୍ତି ସ୍ଥଳ ସୂର୍ଯ୍ୟର ତେଜୋଦୀପ୍ତ ଅଞ୍ଚଳ ମଧ୍ୟରେ ରହିଛି। ସୁତରାଂ, ବୈଜ୍ଞାନିକମାନେ ଏହାକୁ ଗଭୀର ଭାବେ ଅଧ୍ୟୟନ କରିପାରି ନାହାନ୍ତି। ସେଥିପାଇଁ ଏହାକୁ ଆକାଶରେ ପ୍ରତିହତ କରି ଚନ୍ଦ୍ର ତଥା ପୃଥିବୀକୁ ସୁରକ୍ଷିତ ରଖିବା ବୈଜ୍ଞାନିକମାନଙ୍କ ପାଇଁ ଏକ ଆହ୍ୱାନ ପାଲଟି ଯାଇଛି।■

**ଏଜୁକେସନ୍ ଅଫିସର**
**ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର**
**ଭୁବନେଶ୍ୱର, ମୋ: ୮୯୧୭୬୩୭୯୭୪**

# ରେ ଆତ୍ମନ୍, ନିଦ୍ରା ପରିହରି...



ସଂଗ୍ରାମ କେଶରୀ ପୃଷ୍ଟି

ଏ ମଧୁମୟ ସୃଷ୍ଟିର ଏକ ଚିରନ୍ତନ ସତ୍ୟ ହେଉଛି ମୃତ୍ୟୁ। ଜୀବନ ଥିଲେ ମୃତ୍ୟୁ ଅନିବାର୍ଯ୍ୟ। ତେଣୁ ଏ କ୍ଷଣଭଙ୍ଗୁର ଜୀବନରେ ଗର୍ବ, ଅହଙ୍କାର, ଅଭିମାନ କାହିଁକି ? ମୃତ୍ୟୁ ସାମ୍ନାରେ ଏସବୁ ଯେ ତୁଚ୍ଛ। ସଂସାରରେ ସବୁକିଛି ଅନିତ୍ୟ। ଧନ, ଜନ ଓ ଯୌବନ- ସବୁ କ୍ଷଣସ୍ଥାୟୀ। ଅଳୀକ ଧରଣୀ ବୁକୁରେ ସବୁକିଛି ପ୍ରହେଳିକା। ଏଣୁ ସବୁକିଛି ଭୁଲି ଈଶ୍ୱରଙ୍କ ଶରଣାପନ୍ନ ହେବା ପାଇଁ ଯେଉଁ କବି ଜଣକ ଉଚ୍ଛ୍ୱସିତ ଆହ୍ୱାନ ଦେଇଥିଲେ, ସେ ହେଉଛନ୍ତି ଭକ୍ତକବି ମଧୁସୂଦନ ରାଓ। ଅହଙ୍କାରୀ ମଣିଷମାନଙ୍କୁ ସେ ଶୁଣାଇଛନ୍ତି ସତର୍କ ବାଣୀ: 'ରେ ଆତ୍ମନ୍, ନିଦ୍ରା ପରିହରି.../ ଫେଡ଼ି ଚିନ୍ତାର ମୋଚନ କର କର ନିରୀକ୍ଷଣ/ ନିଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି/ ଭେଟିବାକୁ ମୃତ୍ୟୁ ସିନ୍ଧୁ କରାଳ ଲହରୀ !'

ଭକ୍ତକବି ମଧୁସୂଦନ ରାଓ ୧୮୫୩ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସ ୨୯ ତାରିଖ ଦିନ ପୁରୀଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ଭାଗିରଥୀ ରାଓ ଓ ମାତାଙ୍କ ନାମ ଥିଲା ଅମ୍ବିକା ବାଈ। ଦୁର୍ଭାଗ୍ୟର ବିଷୟ, ମାତ୍ର ପାଞ୍ଚ ବର୍ଷ ବୟସରେ ସେ ତାଙ୍କ ମାଆଙ୍କୁ ହରାଇ ବସିଥିଲେ। ସେତେବେଳର ଶିକ୍ଷା ବ୍ୟବସ୍ଥା ଅନୁଯାୟୀ ମଧୁସୂଦନ ଗୋପଠାରେ ମାଟିବଂଶ ଅବଧାନଙ୍କଠାରୁ ଗାଁ ଚାଟଶାଳୀରେ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ। ଜଣେ ଧୀଶକ୍ତିସମ୍ପନ୍ନ ଛାତ୍ର ଭାବରେ ତାଙ୍କର ପ୍ରତିଭା ସ୍ପଷ୍ଟ ବାରି ହୋଇ ପଡ଼ିଥିଲା।

ମଧୁସୂଦନ ଏଣ୍ଟ୍ରାନ୍ସ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମୟରେ ଓଡ଼ିଶାରେ ଦେଖା ଦେଇଥିଲା ନ'ଅଙ୍କ ଦୁର୍ଭିକ୍ଷ। ସେତେବେଳେ ଦେବଭୂମି ଉତ୍କଳ ପାଲଟି ଯାଇଥିଲା ଶ୍ମଶାନରେ। ଚାରିଆଡ଼େ ହା ଅନ୍ନ, ହା ଅନ୍ନର ବିକଳ ଚିତ୍କାର। କାଳର କରାଳ ରୂପକୁ ଖୁବ୍ ନିକଟରୁ ଦେଖି ବ୍ୟସ୍ତ ବିବ୍ରତ ହୋଇ ଉଠିଥିଲେ ସେ। ସେତେବେଳକୁ ତାଙ୍କର ବୟସ ମାତ୍ର ଚଉଦ ବର୍ଷ। ସେଇଠୁ ହିଁ ତାଙ୍କ ଭିତରେ ସେବାର ମହନୀୟତା ଜାଗି ଉଠିଥିଲା। ସେ କ୍ଷୁଧାର୍ଥ ମୁଖରେ ଅନ୍ନ ଦେଲେ। ଅସହାୟଙ୍କ ସେବାରେ ନିଜକୁ ନିୟୋଜିତ କଲେ। ଜୀବେ ଦୟା ଭାବ ଟିକକ ତାଙ୍କ ଭିତରେ ଉଦ୍ରେକ ହେଲା। ଦୁର୍ଭିକ୍ଷର ମର୍ମନ୍ତୁଦ ଦୃଶ୍ୟ ତାଙ୍କୁ ଏତେ ଆନ୍ଦୋଳିତ କରି ପକାଇ ଥିଲା ଯେ ସେ ଆମିଷକୁ ତ୍ୟାଗ କରିଦେଲେ। ଆଉ ଋଷିଙ୍କ ପରି କାଳାତିପାତ କଲେ। ତାଙ୍କର ଏହି ଭାବ ହିଁ ତାଙ୍କୁ ଋଷିପ୍ରାଣ ମଧୁସୂଦନ ଭାବରେ ପରିଚିତ କରାଇ ପାରିଥିଲା।

ମଧୁସୂଦନ ଥିଲେ ଜଣେ ଭକ୍ତକବି। ଏହି କବି ହେବା ନେପଥ୍ୟରେ ଯାହାଙ୍କ ଉତ୍ସାହ ଓ ପ୍ରେରଣା ଅନବରତ ରହିଥିଲା, ସେ ହେଉଛନ୍ତି ତାଙ୍କ ଗୁରୁ କବିବର ରାଧାନାଥ ରାୟ। ଶିକ୍ଷକତା କରୁଥିବା ସମୟରେ ମଧୁସୂଦନଙ୍କ ଭିତରେ ସାହିତ୍ୟାନୁରାଗ ଥିବାର ଉପଲବ୍ଧି କରି ପାରିଥିଲେ ରାଧାନାଥ। ତେଣୁ ପ୍ରଥମେ ସେ 'ମେଘଦୂତ' କାବ୍ୟକୁ ଅନୁବାଦ କରି ମଧୁସୂଦନଙ୍କୁ ବାରମ୍ବାର ଶୁଣାଉ ଥିଲେ। ସମୁଦ୍ର କୂଳ ପରି ପ୍ରାକୃତିକ ପରିବେଶରେ ଏକତ୍ର ଭ୍ରମଣ କରି ତାକୁ କବିତାରେ ସ୍ଥାନ ଦେଉଥିଲେ। ଏହି ପ୍ରେରଣା ହିଁ ମଧୁସୂଦନଙ୍କ ଭିତରେ କବିଟିଏ ହୋଇ ଜନ୍ମ ନେଇଥିଲା। ଏହି କାରଣରୁ ମଧୁସୂଦନ ତାଙ୍କୁ ଯଥାର୍ଥରେ ପୂଜ୍ୟପାଦ କୈଶୋର ଗୁରୁ, ପରମାତ୍ମୀୟ ଯୌବନର ସଖା, ଚିର ଜୀବନର ପରମ ହିତୈଷୀ, ପବିତ୍ର ସାହିତ୍ୟ ସେବା ବ୍ରତରେ ପଥ ପ୍ରଦର୍ଶକ ଓ ବନ୍ଦନୀୟ କବି ଭାବରେ ଅଭିହିତ କରିଥିଲେ। ଏଥିରୁ ନିଜ ଗୁରୁଙ୍କ ପ୍ରତି ତାଙ୍କ ସମ୍ମାନ ଓ ଭକ୍ତିର ପରିଚୟ ମିଳିଥାଏ।

ଏଣ୍ଟ୍ରାନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମଧୁସୂଦନ ପୁରୀ ଜିଲ୍ଲା ସ୍କୁଲ୍‌ରେ ସର୍ବପ୍ରଥମ ସ୍ଥାନ ହାସଲ କରିଥିଲେ। ଏଥିପାଇଁ ତାଙ୍କୁ ଦଶ ଟଙ୍କା ଲେଖାଏଁ ବୃତ୍ତି ମିଳିଥିଲା। ୧୮୭୧ ଖ୍ରୀଷ୍ଟାବ୍ଦରେ ସେ ଏଫ୍‌ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାସିକ କୋଡ଼ିଏ ଟଙ୍କା ଲେଖାଏଁ ବୃତ୍ତି ପାଇଥିଲେ। ଏହାର କିଛି ବର୍ଷ ପରେ ସେ ପୁରୀ ଜିଲ୍ଲା ସ୍କୁଲ୍‌ରେ ତୃତୀୟ ଶିକ୍ଷକ ଭାବରେ ନିଯୁକ୍ତ ହୋଇଥିଲେ। ଏହି ସମୟରେ ହିଁ ତାଙ୍କୁ କବିତା ରଚନା, ସଂସ୍କୃତ ଓ ଧର୍ମ ଚର୍ଚ୍ଚା ପାଇଁ ପର୍ଯ୍ୟାପ୍ତ ସୁଯୋଗ ମିଳିଥିଲା।

ଏହା ପରେ ମଧୁସୂଦନ କଟକ ଜିଲ୍ଲା ଯାଜପୁର ସବ୍‌ଡିଭିଜନ୍‌ରେ ଥିବା ଗୋଟିଏ ମାଇନର ସ୍କୁଲରେ ପ୍ରଧାନ ଶିକ୍ଷକ ଭାବରେ ନିଯୁକ୍ତି ପାଇଥିଲେ। ଏଠାରେ କିଛି ବର୍ଷ ରହିବା ପରେ ସେ ବାଲେଶ୍ୱର ଜିଲ୍ଲା ସ୍କୁଲ୍‌ର ଦ୍ୱିତୀୟ ଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ। ଏହି ସମୟରେ ମଧୁସୂଦନଙ୍କ ରଚିତ 'ପ୍ରବନ୍ଧମାଳା ' ପୁସ୍ତକ ପାଠ୍ୟ ଖସଡ଼ାରେ ସ୍ଥାନ ପାଇ ଉଚ୍ଚ ପ୍ରଶଂସିତ ହୋଇଥିଲା। ୧୮୭୭ ଖ୍ରୀଷ୍ଟାବ୍ଦରେ ମଧୁସୂଦନ କଟକସ୍ଥିତ ରେଭେନ୍ସା କଲେଜିଏଟ୍ ସ୍କୁଲରେ ଅତିରିକ୍ତ ଶିକ୍ଷକ ଭାବରେ ନିଯୁକ୍ତି ପାଇଥିଲେ। ୧୮୮୦ ଖ୍ରୀଷ୍ଟାବ୍ଦରେ ସୌଭାଗ୍ୟକ୍ରମେ କଟକ ଜିଲ୍ଲାର ସ୍କୁଲ୍ ଡେପୁଟି ଇନ୍ସପେକ୍ଟର ପଦବୀ ତାଙ୍କୁ ମିଳିଥିଲା। ଏହାର ଦଶ ବର୍ଷ ପରେ ୧୮୯୧ ଖ୍ରୀଷ୍ଟାବ୍ଦରେ ମଧୁସୂଦନ ଡେପୁଟି ଇନ୍ସପେକ୍ଟର ପଦବୀରୁ ଇସ୍ତଫା ଦେଇ କଟକ ରେଭେନ୍ସା କଲେଜିଏଟ୍ ସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତ ହେଲେ। ସେ ହିଁ ଥିଲେ ଏହି ସ୍ୱନାମଧନ୍ୟ ବିଦ୍ୟାଳୟର ପ୍ରଥମ ଓଡ଼ିଆ ପ୍ରଧାନ ଶିକ୍ଷକ।

ଶିକ୍ଷକତାକୁ ବ୍ରତ ଭାବରେ ଗ୍ରହଣ କରିଥିବା ମଧୁସୂଦନ ସାମାଜିକ ସଂସ୍କାର ଆଣିବା ଦିଗରେ ମଧ୍ୟ ଯତ୍ପରୋନାସ୍ତି ଉଦ୍ୟମ କରିଥିଲେ। ଜୀବନକୁ ସେ ଯଥାର୍ଥରେ ସାଧନାର ମନ୍ଦିର ଭାବରେ ହୃଦୟଙ୍ଗମ କରିଥିଲେ। ହିନ୍ଦୁ ଧର୍ମର ପ୍ରକୃଷ୍ଟ ପନ୍ଥାକୁ ଗ୍ରହଣ କରି ଏହାର ଭିତ୍ତିଭୂମି ଉପରେ ପ୍ରତିଷ୍ଠା କରିଥିଲେ ବ୍ରାହ୍ମ ସମାଜ। ସକଳ ଭେଦଭାବକୁ ଦୂରକୁ ଫିଙ୍ଗିଦେଇ ନିଜ ନିଜର ନାମର ମୋହ ପରିତ୍ୟାଗ କରି ମହାଭାରତୀୟ ଭାବଧାରାରେ ପରମ ମୁକ୍ତିର ସ୍ୱାଦ ଆହରଣ କରିବାକୁ ସେ ଆହ୍ୱାନ ଦେଇଥିଲେ।

ମାତୃଭୂମି ଓ ମାତୃଭାଷାର ଉନ୍ନତି ପାଇଁ ମଧୁସୂଦନଙ୍କ ଉଦ୍ୟମ ଅତୀବ ପ୍ରଶଂସନୀୟ। ତାଙ୍କର ସମସ୍ତ କବିତାମାନଙ୍କରେ ପ୍ରାୟତଃ ଈଶ୍ୱରୀୟ ଚେତନା ଅନୁଭୂତ ହୋଇଥାଏ। ଭକ୍ତିଭାବ ହିଁ ତାଙ୍କ ସାହିତ୍ୟର ବିଭବ। ସୁତରାଂ, ତାଙ୍କୁ ଭକ୍ତକବି ସମ୍ବୋଧନ ଯଥାର୍ଥ ଅଟେ। ତାଙ୍କ ରଚିତ ଗ୍ରନ୍ଥାବଳୀ ମୁଖ୍ୟତଃ କେତୋଟି ଦିଗ ଉପରେ ପର୍ଯ୍ୟବସିତ। ସେଗୁଡ଼ିକ ହେଲା- ଶିଶୁ ଗୀତିକା, ବର୍ଣ୍ଣନାତ୍ମକ କବିତା, ଭାବନାତ୍ମକ କବିତା, ଧର୍ମ ଓ ନୀତି ବିଷୟକ କବିତା ଏବଂ ସଙ୍ଗୀତମାଳା, ଅନୁବାଦ ଓ ବ୍ୟଙ୍ଗାତ୍ମକ କବିତା ଆଦି।



ଜନ୍ମ ଦିବସ ଉପଲକ୍ଷେ

ଭାଷା ଓ ଭାବ ପ୍ରକାଶର ସରଳତା, ନୂତନତା ଓ ବିଶୁଦ୍ଧତା ହିଁ ମଧୁସୂଦନଙ୍କ ଶିଶୁ ଗୀତିକାର ବିଶେଷତ୍ୱ। ଶିଶୁପ୍ରାଣକୁ କବିତା ମାଧ୍ୟମରେ ଅନୁପ୍ରାଣିତ କରିବାର ପ୍ରଥମ ଶ୍ରେୟ ତାଙ୍କ ପାଖକୁ ହିଁ ଯିବ। ଶିଶୁ ଗୀତିକାରେ ପ୍ରକୃତି ବର୍ଣ୍ଣନା ଓ ଉପଧା ତଥା ଉପମାର ଅପୂର୍ବ ମିଳନ କାରଣରୁ ଏହା ପଢ଼ିବା ମାତ୍ରକେ ହୃଦୟରେ ଅପୂର୍ବ ଦୃଶ୍ୟମାନ ଆଙ୍କି ହୋଇ ଯାଇଥାଏ। ସୁତରାଂ, ସେ ଆଧୁନିକ ଶିଶୁ ସାହିତ୍ୟର ଗୁରୁ ପଦବାଚ୍ୟ। ବର୍ଣ୍ଣବୋଧ ଓଡ଼ିଆ ସାହିତ୍ୟ ଜଗତର ଏକ ମାଇଲ ଖୁଣ୍ଟ। ଓଡ଼ିଆମାନଙ୍କୁ ଅକ୍ଷର ଜ୍ଞାନ ଶିକ୍ଷା ଦେବା ପାଇଁ ତାଙ୍କର ଏ ପ୍ରୟାସକୁ ଓଡ଼ିଆ ଜାତି କାଳ କାଳ ପାଇଁ ମନେ ରଖିବ।

ମଧୁସୂଦନଙ୍କ ବର୍ଣ୍ଣନାତ୍ମକ କବିତାରେ ଉପମାର ଚମତ୍କାରିତା ସ୍ପଷ୍ଟ ବାରି ହୋଇପଡ଼େ। ସରଳ ଭାବରେ ଅନୁଭବ କରି ସରଳ ଭାଷାରେ ପ୍ରକାଶ କରିବା ଥିଲା ତାଙ୍କ କଲମର ଚମତ୍କାରିତା। କବିଙ୍କ ରଚିତ 'ବସନ୍ତ ଗାଥା'ରେ ସ୍ଥାନିତ ପ୍ରତ୍ୟେକଟି କବିତା ଭାବରେ, ଭାଷାରେ, ଛନ୍ଦରେ ଅଭିନବ ରସ ସୃଷ୍ଟିର ସମଷ୍ଟି। ତାଙ୍କ ନିଷ୍ଠା ଓ ସଂଯମତା ଏଥିରେ ବିଦ୍ୟମାନ। ତାଙ୍କ ରଚିତ ଅଧିକାଂଶ କବିତା ବ୍ୟଞ୍ଜକ ଓ ବର୍ଣ୍ଣନାଧର୍ମୀ। ଭାବନାତ୍ମକ କବିତାରେ କବିଙ୍କ ଗଭୀର ଆଧ୍ୟାତ୍ମିକତା, ଦର୍ଶନ, ଧର୍ମଧାରା ଓ ବିଶ୍ୱାସ ସ୍ପଷ୍ଟ ବାରି ହୋଇ ପଡ଼େ। ଏହି ଦୃଷ୍ଟିକୋଣରୁ ତାଙ୍କ ଲିଖିତ 'କୁସୁମାଞ୍ଜଳି' ସ୍ୱତନ୍ତ୍ର ଓ ଅନନ୍ୟ ମନେହୁଏ।

ସଙ୍ଗୀତ ବିଷୟରେ ପାରଙ୍ଗମ ନଥାଇ ମଧ୍ୟ 'ସଙ୍ଗୀତମାଳା' ପରି ମନୋଜ୍ଞ ସଙ୍ଗୀତ ରଚନା କବିଙ୍କ ଅସାମାନ୍ୟ କବି ପ୍ରତିଭାର ପରିଚୟ ଦେଇଥାଏ। ଏଥିରେ ସ୍ଥାନିତ ପ୍ରାୟ ସମସ୍ତ ସଙ୍ଗୀତ ଓଡ଼ିଆ ଓ ବଙ୍ଗଳା ରାଗିଣୀରେ ରଚିତ ହୋଇଛି। ସମସ୍ତ ସଙ୍ଗୀତ ବିଭୁ ଗୁଣ କୀର୍ତ୍ତନରେ ବିମୋହିତ। ତାଙ୍କ ରଚନାର ଏକ ଅମୃତମୟ ଗଦ୍ୟ ସମ୍ଭାର ହେଉଛି 'ସାହିତ୍ୟ କୁସୁମ'। ଅନେକ ନୀତି ଆଦର୍ଶକୁ ପାଥେୟ କରି ରଚିତ ଏହି ପୁସ୍ତକଟି କିଛି ଶିଶୁ-କିଶୋର ଗଳ୍ପର ଏକ ମନୋଜ୍ଞ ସମାବେଶ, ଯାହା ଶିଶୁମାନଙ୍କ ବୋଧଗମ୍ୟ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ବ୍ୟକ୍ତିତ୍ୱ ଗଠନ ଦିଗରେ ବିଶେଷ ସହାୟକ ହୋଇ ପାରିଛି। ସେହିପରି ମଧୁସୂଦନଙ୍କ ସାହିତ୍ୟ ପ୍ରସଙ୍ଗ ଓ ପ୍ରବନ୍ଧମାଳା ମଧ୍ୟ ଗଦ୍ୟ ରଚନାକୁ ସମୃଦ୍ଧ କରି ପାରିଛି।

ଓଡ଼ିଆ ଭାଷା ସାହିତ୍ୟର ବିକାଶ ପାଇଁ ମଧୁସୂଦନଙ୍କ ତ୍ୟାଗପୂତ ଜୀବନ ଓ ସାହିତ୍ୟ ସାଧନାକୁ ସମ୍ମାନ ଜଣାଇ ବ୍ୟାସକବି ଫକୀର ମୋହନ ସେନାପତି ଲେଖିଥିଲେ: 'ଉତ୍କଳର ଯାହା ନାମ ଖ୍ୟାତ ଗ୍ରାମେ ଗ୍ରାମେ/ସେ ମଧୁସୂଦନ ବର୍ତ୍ତମାନ ସ୍ୱର୍ଗଧାମେ।/ ଚାଳିଶ ବରଷ କାଳ ତାହାଙ୍କୁ ମୁଁ ଜାଣେ/ କରିଛି କିଞ୍ଚିତ ଗୁଣ ଅନୁଭବ ପ୍ରାଣେ।/ ଦିନେ ହେଲେ ମଧୁ କହିନାହିଁ ମିଥ୍ୟା କଥା/ କେତେବେଳେ କାହା ମନେ ଦେଇନାହିଁ ବ୍ୟଥା।/ ପର ଉପକାର ପାଇଁ ସତ୍ୟ ହିଁ ଜୀବନ/ ବାକ୍ୟର ଦୃଷ୍ଟାନ୍ତ ତହିଁ ଶ୍ରୀ ମଧୁସୂଦନ।'■

**ଶିକ୍ଷକ, ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ**
**କିଶୋରନଗର, ଅନୁଗୋଳ**
**ମୋ: ୯୪୩୭୫୪୭୧୪୬**

# ସମସ୍ତ ଚୁକ୍ତିର ମା'

ମଙ୍ଗଳବାର ଦିନ ୟୁରୋପୀୟ ରାଷ୍ଟ୍ରସଂଘ (ଇୟୁ) ଏବଂ ଭାରତ ଘୋଷଣା କରିଛନ୍ତି ଯେ ସେମାନେ ଏକ 'ଐତିହାସିକ' ବାଣିଜ୍ୟ କାରବାର ଚୁକ୍ତି ସମ୍ପାଦନ କରିଛନ୍ତି। ଏହି ଚୁକ୍ତି ଅନୁସାରେ ନୂଆଦିଲ୍ଲୀ ଦୁଇ ଗୁଣ ଅଧିକ ରପ୍ତାନୀକୁ ପରିଲକ୍ଷିତ କରିବ। ଏହି ଚୁକ୍ତି ପାଇଁ ୨୦ ବର୍ଷ ପୂର୍ବରୁ କାମ ଆରମ୍ଭ ହୋଇଥିଲେ ସୁଦ୍ଧା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଶାସନ କ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ ଏହାକୁ ସମ୍ପାଦନ କରିବାର ଆବଶ୍ୟକତାକୁ ତ୍ୱରିତ ଗତି ପ୍ରଦାନ କରିଥିଲା। ୨୦୦୭ରେ ଯେତେବେଳେ ଭାରତ ଏବଂ ଇୟୁ ସେମାନଙ୍କର ପ୍ରଥମ ଅବାଧ ବାଣିଜ୍ୟ ବୁଝାମଣା ଆରମ୍ଭ କରିଥିଲେ, ସେତେବେଳେ ଏଇ ପୃଥିବୀ ଏକ ଭିନ୍ନ ସ୍ଥାନ ଥିଲା। ବୈଶ୍ୱିକ ଅଭିବୃଦ୍ଧି ଚକ୍ରୀୟ ବ୍ୟାଘାତଗୁଡ଼ିକୁ ଅତିକ୍ରମ କରି ଯାଇଥିବା ମନେ ହେଉଥିଲା, ଜଗତୀକରଣ ଆପାତତଃ ଅପରାଜେୟ ଭଳି ଦେଖା ଯାଉଥିଲା ଏବଂ ସେ ସମୟରେ ବିଦ୍ୟମାନ ଅର୍ଥନୀତିକ ଭାବନା ଲଗାମ୍‌ଛଡ଼ା ଆଶାବାଦ ସହିତ ଉଚ୍ଛୁଳି ପଡୁଥିଲା। ୨୦୧୩ରେ ଏହି ଆଲୋଚନାକୁ ବାତିଲ କରାଯାଇଥିଲା। ସେତେବେଳକୁ ଉଭୟ ୟୁରୋପ୍ ଏବଂ ଭାରତର ନିଜ ନିଜର ସମସ୍ୟା ରହିଥିଲା, ଯାହାର ମୂଳ ଅଧିକତଃ ୨୦୦୮ର ବୈଶ୍ୱିକ ଆର୍ଥିକ ସଂକଟରେ ନିହିତ ଥିଲା। ୨୦୨୨ରେ ଏହି ଆଲୋଚନା ଯେତେବେଳେ ପୁଣିଥରେ ଆରମ୍ଭ ହେଲା ଏବଂ ଗତିଶୀଳତା ଲାଭ କଲା, ସେତେବେଳକୁ ଆସି ଯାଇଥିଲା କରୋନା ମହାମାରୀଜନିତ ଦାଗ ଯାହା ଶହେ ବର୍ଷରେ ଥରେ ଦେଖା ଯାଉଥିବା ଘୋର ବିପର୍ଯ୍ୟୟ ସାଜି ଅର୍ଥନୀତିକ ଅବସ୍ଥା ପ୍ରତି ଗଭୀର ଆଘାତ ପହଞ୍ଚାଇ ଥିଲା, ଆଉ ସାମ୍ପ୍ରତିକ ସମୟରେ ଏହା ସାମ୍ନା କରିବାକୁ ପଡ଼ିଲା ଏକ ଆମେରିକୀୟ ସରକାରର, ଯାହା ସମଗ୍ର ପୃଥିବୀର ତଣ୍ଟିରେ କଣ୍ଟାଟିଏ ଲଗାଇ ଦେଲା ଭଳି ହୁକୁମନାମା ଜାରି କରିଛି ମୋ ବାଟରେ ଚାଲ; ଜଗତୀକରଣର ରାଜପଥରେ ନୁହେଁ। ଯଦି ଜଗତୀକରଣକୁ କେବଳ ଅବାଧ ବଜାରୀକରଣ ଭାବରେ ନୁହେଁ, ବରଂ ତା' ସହିତ ନିଷ୍ପକ୍ଷ ବଜାରୀକରଣ ଦୃଷ୍ଟିରୁ ଏହାର ସାମ୍ପ୍ରତିକ ସଂକଟରୁ ଆଜିକା ଦିନରେ ଉଦ୍ଧାର କରାଯିବ, ତା'ହେଲେ ଏହା ଶକ୍ତିଶାଳୀ ଦ୍ୱିପାକ୍ଷିକ ସମ୍ପର୍କଗୁଡ଼ିକର ପ୍ରତିଷ୍ଠା ଆବଶ୍ୟକ କରିବ, ଯାହା ବହୁପକ୍ଷୀୟବାଦର ଅଧୋଗତି ଲଭୁଥିବା କଳା ଉପରେ ପ୍ରତ୍ୟେକଙ୍କ ଭରସାର ପୁନରୁଦ୍ଧାର କରି ପାରିବ।

ଏହି ବୃହତ୍ତର ପ୍ରେକ୍ଷାପଟରେ ତେଣୁ ନୂଆଦିଲ୍ଲୀଠାରେ ମଙ୍ଗଳବାର ଦିନ ଘୋଷିତ ଭାରତ-ଇୟୁ ଅବାଧ ବାଣିଜ୍ୟ କାରବାର (ଏଫ୍‌ଟିଏ) ଏକ ପଟ ପରିବର୍ତ୍ତନକାରୀ ବୋଲି ଦାବି କରାଯାଇ ପାରିବ। ଏହି ଚୁକ୍ତିର ସମସ୍ତ ଦିଗକୁ ଏକାଠି କଲେ ଜାଣିହେବ ଯେ ଭାରତ ଏବଂ ଇୟୁ ବିଶ୍ୱ ଅର୍ଥନୀତିକ ଉତ୍ପାଦନ ଏବଂ ଜନସଂଖ୍ୟାର ପ୍ରାୟ ଏକ-ଚତୁର୍ଥାଂଶ ଗଠନ କରନ୍ତି। ଯଦି କେହି ଆମେରିକା ଏବଂ ଚୀନ୍‌କୁ ବାଦ୍ ଦିଅନ୍ତି, ତା'ହେଲେ ଭାରତ ଏବଂ ଇୟୁ ଅବଶିଷ୍ଟ ବିଶ୍ୱର ମୋଟ ଘରୋଇ ଉତ୍ପାଦ (ଜିଡିପି) ଏବଂ ଲୋକସଂଖ୍ୟାରେ ଯଥାକ୍ରମେ ହାରାହାରି ୪୦ ପ୍ରତିଶତ ଏବଂ ୩୦ ପ୍ରତିଶତର ଅଂଶ ଧାରଣ କରିବେ। ଏହି ବାଣିଜ୍ୟ ଚୁକ୍ତି ବିଶ୍ୱ ଅର୍ଥନୀତିର ଏକ-ଚତୁର୍ଥାଂଶ ଏବଂ ବିଶ୍ୱ ବାଣିଜ୍ୟର ଏକ-ତୃତୀୟାଂଶର ପ୍ରତିନିଧିତ୍ୱ କରିବା ସହିତ ଭାରତର ୧.୪ ବିଲିଅନ୍ ଲୋକଙ୍କ ସଙ୍ଗେ ସଙ୍ଗେ ୟୁରୋପ୍‌ର ମିଲିଅନ୍ ମିଲିଅନ୍ ସଂଖ୍ୟକ ଲୋକଙ୍କ ପାଇଁ ସୁଯୋଗ ଆଣିଦେବ। ତେଣୁ ବିନା କାରଣରେ ଯେ ଏହି ଚୁକ୍ତିକୁ 'ସମସ୍ତ ବ୍ୟବସାୟିକ ଚୁକ୍ତିନାମାର ମା' ବୋଲି କୁହାଯାଉଛି, ସେପରି ଆଦୌ ନୁହେଁ। ବର୍ତ୍ତମାନ ଏହି କାରବାର ସମ୍ପର୍କିତ ଚୁକ୍ତିନାମା ଆଇନଗତ ତର୍ଜମା ପରେ ଏକ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେବ। ଚୁକ୍ତିର ସଂଶୋଧନ ଇତ୍ୟାଦି କାର୍ଯ୍ୟ କିଛି ସମୟ ଅବଶ୍ୟ ନେବ- ଏଭଳି ଚୁକ୍ତିଗୁଡ଼ିକ ସବୁବେଳେ ସେମିତି ହୋଇଥାଏ। ଆହୁରି ମଧ୍ୟ ଏହା ସହିତ ରହିବ ଇୟୁର ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ରଙ୍କ ପଦ୍ଧତିଗତ ଲଜିଷ୍ଟିକ୍ସ ଯାହା ସେମାନେ ସେମାନଙ୍କ ନିଜ ନିଜର ବ୍ୟକ୍ତିଗତ ସ୍ତରରେ ସଂଶୋଧନ କରିବେ।

ବାଣିଜ୍ୟ ବ୍ୟବସାୟଜନିତ ଚୁକ୍ତିଗୁଡ଼ିକ ପ୍ରାୟତଃ ସିଦ୍ଧାନ୍ତମୂଳକ କଥାଗୁଡ଼ିକ ସମ୍ପର୍କରେ ବର୍ଣ୍ଣନା କରିଥାଏ, ଯେଉଁଥିରେ ରାଜନେତାମାନଙ୍କର ନୁହେଁ, ଆଇନଜୀବୀମାନଙ୍କ କଥାକୁ ହିଁ ସିଦ୍ଧାନ୍ତ ଭାବରେ ଗ୍ରହଣ କରି ନିଆଯାଇଥାଏ। କିନ୍ତୁ ଇୟୁ ନେତୃବୃନ୍ଦଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱିପାକ୍ଷିକ ଆଲୋଚନା ପରେ ଜାରି ହୋଇଥିବା ପ୍ରାଥମିକ ବିସ୍ତୃତ ବିବରଣୀଗୁଡ଼ିକ ଉଭୟ ପକ୍ଷଙ୍କ ଦ୍ୱାରା ସମ୍ପାଦିତ ରାଜିନାମାରୁ ଏକ ବାସ୍ତବବାଦୀ ତଥା ସାହସିକ ମନୋବୃତ୍ତିକୁ ପରିଚିତ କରାଇଛି। ଏହାର କାରଣ, ଏହି ରାଜିନାମା ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଟ୍ରମ୍ପ୍ ୫୦ ପ୍ରତିଶତ ଟାରିଫ୍ ଧାର୍ଯ୍ୟ କରିବା ପରେ ତଥା ଆମେରିକା-ଭାରତ ବ୍ୟବସାୟିକ ଚୁକ୍ତି ସମ୍ପାଦନରେ ବିଳମ୍ବ ହେବା ସହିତ ୟୁରୋପ୍ ଯେତେବେଳେ ଆମେରିକା ଓ ଚୀନ୍ ଉପରେ ଏହାର ନିର୍ଭରଶୀଳତାକୁ ହ୍ରାସ କରିବାକୁ ଚାହୁଁଛି ଏବଂ ଅନ୍ୟାନ୍ୟ ଅଞ୍ଚଳ ସହିତ ଏହାର କୂଟନୀତିକ ଓ ଅର୍ଥନୀତିକ ସମ୍ପର୍କକୁ ଗଭୀର କରିବାକୁ ଚାହୁଁଛି, ସେତିକି ବେଳେ ହିଁ ସମ୍ପାଦିତ ହୋଇଛି। ଭାରତ-ଇୟୁ 'ସମସ୍ତ ଚୁକ୍ତିର ମା' ଉପରେ ଟ୍ରମ୍ପ୍ ଏ ଯାବତ୍ ପ୍ରତିକ୍ରିୟା ପ୍ରକାଶ କରି ନଥିଲେ ସୁଦ୍ଧା ଆମେରିକାର ଟ୍ରେଜେରୀ ସେକ୍ରେଟାରୀ ସ୍କଟ୍ ବେସେଣ୍ଟ ଏହାକୁ ପରୋକ୍ଷ ଭାବରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ପାଣ୍ଠି ଯୋଗାଇବାର ଅଭିଯୋଗ ଉଠାଇ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ 'ରୁଷୀୟ ତୈଳ କିଣୁଥିବାରୁ ଆମେ ଭାରତ ଉପରେ ୨୫ ପ୍ରତିଶତ ଟାରିଫ୍ ଧାର୍ଯ୍ୟ କରିଛୁ। ଗତ ସପ୍ତାହରେ କ'ଣ ଘଟିଥିଲା, ଅନୁମାନ କରନ୍ତୁ ? ୟୁରୋପୀୟମାନେ ଭାରତ ସହିତ ଏକ ବ୍ୟବସାୟିକ ଚୁକ୍ତି ସମ୍ପାଦନ କରିଛନ୍ତି।' ତେବେ କାନାଡାର ଶକ୍ତି ଏବଂ ପ୍ରାକୃତିକ ସମ୍ବଳ ମନ୍ତ୍ରୀ ଟିମ୍ ହଜ୍‌ସନ୍ ଟ୍ରମ୍ପଙ୍କ ଉପରେ ଏକ ଆବୃତ୍ତ ଆକ୍ରମଣ କରିବାକୁ ଯାଇ କହିଛନ୍ତି ଯେ ଇୟୁ ସହିତ ଭାରତର ଅବାଧ ବାଣିଜ୍ୟ କାରବାର ଚୁକ୍ତି ବୈଶ୍ୱିକ ବଡ଼ଭାଇପଣିଆ ଦେଖାଇବା ପ୍ରତି 'ଉପଯୁକ୍ତ' ଉତ୍ତର, ଯାହା ଦଣ୍ଡ ବିଧାନ କରିବାର ଆୟୁଧ ଭାବରେ ଟାରିଫ୍ ଏବଂ ଅର୍ଥନୀତିକ ଏକୀକରଣକୁ ବ୍ୟବହାର କରେ। ■

# ପତି ପତ୍ନୀଙ୍କ ମନ୍ତ୍ର

ସ୍ୱାମୀ, ସ୍ତ୍ରୀ, ପିଲା ଏକାଠି ରହିଲେ ପରିବାର ହୁଏନା କିମ୍ବା ବାପା, ମାଆ, ଶାଶୁ, ଶ୍ୱଶୁର ଗୋଟିଏ ଜାଗାରେ ରହିଲେ ପରିବାର ହୁଏନା। ପରିବାର ଏକ ସୁସ୍ଥ ମାନସିକତା ଓ ବୁଝାମଣାର କଥା। ଯେମିତି ଫୁଲ ଭିତରେ ସୂତା ଲୁଚିକରି ଥାଏ, ସେମିତି ପରିବାରରେ ଭିତରେ ଶାନ୍ତି ଲୁଚିକରି ଥାଏ। ପରିବାରରେ ଶାନ୍ତି ରହିବା ପାଇଁ ଯେଉଁ ସଫଳ ସୂତ୍ରଟି ଅଛି, ତାକୁ ନେଇଆଣି ଥୋଇ ପାରିଲେ ହେଲା। ଖାଇବା, ପିନ୍ଧିବା ଅଭାବରେ କୋଉ ପରିବାରରେ କଳି ଝଗଡ଼ା ଲାଗେନା ! କଳି ଝଗଡ଼ା ଲାଗେ ପରସ୍ପର ବୁଝାମଣା ଅଭାବରୁ। ଆମେ ସବୁବେଳେ ଏତେ ବ୍ୟସ୍ତ ଓ ବିବ୍ରତ ଯେ ଟିକିଏ କିଛି ଘଟିଗଲେ ତତ୍‌କ୍ଷଣାତ୍ ପ୍ରତିକ୍ରିୟାଶୀଳ ହୋଇଉଠୁ। ପ୍ରତିଶୋଧ ପରାୟଣ ହେଉ। ଫଳରେ ଖାଲି ପରିବାର ନୁହେଁ, ସାହି ପଡ଼ିଶାରେ ବି ଅଶାନ୍ତି ସୃଷ୍ଟିକରୁ। ଏ ନେଇ ଉଦାହରଣଟିଏ।

ସନ୍ଥଙ୍କ ପାଖରେ ପହଞ୍ଚିଲେ ଦମ୍ପତି। ପରସ୍ପର ଭିତରେ ମନୋମାଳିନ୍ୟ ଦେଖା ଦେଉଥିଲା। ପତ୍ନୀ ଯାହା କୁହନ୍ତି, ପତିଙ୍କୁ ସୁହାଏନା। ପତି ଯାହା କୁହନ୍ତି, ପତ୍ନୀଙ୍କୁ ବି ଭଲ ଲାଗେନା। ଜଣେ ଗୋଟିଏ କଥା କହିଲେ, ଅନ୍ୟ ଜଣେ ଆଉ ଗୋଟିଏ କଥା କୁହନ୍ତି। ଏମିତିକି ପରିବାରରେ ସ୍ୱାମୀ ରାଗରେ ଗୋଟିଏ ଜିନିଷ ଭାଙ୍ଗିଲେ, ସ୍ତ୍ରୀ ଆଉ ଗୋଟିଏ ଜିନିଷ ଭାଙ୍ଗନ୍ତି। ସାମାନ୍ୟ କଥାରେ ପରିବାରରେ ଝଡ଼ ସୃଷ୍ଟି ହୁଏ। ଅଯଥାରେ ସାଇତା ଥିବା ଜିନିଷ ଭାଙ୍ଗିରୁଜି ଯାଏ। ସନ୍ଥ ପତିଙ୍କୁ ଗୋଟିଏ ମନ୍ତ୍ର ଦେଲେ। କହିଲେ- 'ଏ ମନ୍ତ୍ରଟି ତୁମେ ମନେ ରଖିବ। ଆଉ କାମରେ ବି ଲଗେଇବ।' ପତ୍ନୀଙ୍କୁ ବି ଗୋଟିଏ ମନ୍ତ୍ର ଦେଇ କହିଲେ-'ଯାକୁ ମୁଖସ୍ଥ କରି କାମରେ ଲଗେଇବ।' ଫେରି ଆସିଲା ପରେ ପତି ପଚାରିଲେ- 'ସନ୍ଥ ତୁମକୁ କି ମନ୍ତ୍ର ଦେଇଛନ୍ତି ?' ପତ୍ନୀ କହିଲେ- 'ମୋ ମନ୍ତ୍ର ମୋର। ତୁମ ମନ୍ତ୍ର ତୁମର। ମୁଁ କହିବିନି।' ପତ୍ନୀ ମଧ୍ୟ ପତିଙ୍କ ମନ୍ତ୍ର ବିଷୟରେ ଜାଣିବାକୁ ଇଚ୍ଛା କଲେନି। ପତ୍ନୀଙ୍କ କଥାରେ ପତି ରାଗିଗଲେ ଆଉ କହିଲେ- 'ତୁମର ଉତ୍ତର ମୁଁ କାଲିକୁ ଦେବି।' ତା'ପରେ ନିରବ ରହିଲେ। ପର ଦିନ ପତ୍ନୀ କହିଲେ- 'କାଲି ପରା କ'ଣ କହିବ ବୋଲି କହୁଥିଲ ! କହୁନା।' ପତି ଶାନ୍ତ ସ୍ୱରରେ କହିଲେ- 'କାଲି ଯାହା କହିବାକୁ ଭାବିଥିଲି, ଆଉ ଏବେ କହିବିନି।' ଆଉ ଗୋଟିଏ ଦିନ ପତି ପତ୍ନୀଙ୍କୁ ଗାଳି ଦେଲେ। ପତ୍ନୀ କହିଲେ- 'ଆଉ ଟିକେ ଗାଳି ଦିଅ।' ପତି କହିଲେ- 'କାଲିକୁ କହିବି।'

ପଦାରବିନ୍ଦ

ବାସ୍ତବରେ ମନ୍ତ୍ର ଦୁଇଟା ବଡ଼ ଅଦ୍ଭୁତ ଥିଲା। କିଛିଦିନ ପରେ ପରିବାରରେ କଳି ଝଗଡ଼ା ନଥିଲା। ଦିନେ ପତ୍ନୀ ପଚାରିଲେ- 'ତୁମର ମନ୍ତ୍ର କ'ଣ ଥିଲା ?' ପତି କହିଲେ- 'କାଲିକୁ କହିବି।' ପତି ପତ୍ନୀଙ୍କୁ ପଚାରିଲେ- 'ତୁମର ମନ୍ତ୍ର କ'ଣ ଥିଲା ?' ପତ୍ନୀ କହିଲେ- 'ଆଉଥରେ କୁହ।' ଏଇ ଦୁଇଟି ବାକ୍ୟ ହିଁ ମନ୍ତ୍ର। ପତିର ମନ୍ତ୍ର ଥିଲା- 'କାଲିକୁ କହିବି' ଓ ପତ୍ନୀର ମନ୍ତ୍ର ଥିଲା 'ଆଉଥରେ କୁହ।' ଏ ମନ୍ତ୍ର ପଛର ରହସ୍ୟ ବଡ଼ ଅଦ୍ଭୁତ ଥିଲା। କେହି କିଛି କହିଲେ, ଆମେ ତତ୍‌କ୍ଷଣାତ୍ ପ୍ରତିକ୍ରିୟାଶୀଳ ହୋଇଉଠୁ। ମୁହଁରେ ଜବାବ୍ ଦେଉ। କଳି ବଢ଼େ। କଳି କରିବାକୁ ଅଛି ତ ଗାଳି ଆଜି ଶୁଣ। କାଲିକୁ ତା' କଡ଼ା କଥାର ଜବାବ ଦେବ। ମଣିଷ ଚବିଶ ଘଣ୍ଟା ରହିଲା ପରେ ତା' ରାଗ କମି ଯାଇଥିବ। ରାଗରେ ଯେଉଁ ଉତ୍ତର ଦେବା କଥା, ସେ କାଲିକୁ ସେମିତି ଉତ୍ତର ଦେଇ ପାରିବନି। ପୁଣି ଯଦି ରାଗରେ କେହି ଗାଳି ଦେଉଛି, ତାକୁ କୁହ- 'ସେଇ କଥାକୁ ଆଉଥରେ କୁହ।' ବାରମ୍ବାର ଗୋଟିଏ କଥା କହିବାକୁ କାହାକୁ ଭଲ ଲାଗେନା। ସେ କହିବା ବନ୍ଦ କରିଦେବ। ପରିବାରରେ ଏଇ ଦୁଇଟି କଥାକୁ କ୍ରିୟାଶୀଳ କରାଇଲେ ପରିବାର ହସି ଉଠିବ।■

# ଆତଙ୍କବାଦ ବିରୋଧୀ ମୋର୍ଚ୍ଚାର ଅଧ୍ୟକ୍ଷଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

**କୋଣାର୍କ,୨୮।୧/ଏନ୍‌ଏନ୍‌ଏସ୍:** ବୁଧବାର ଅପରାହ୍ନ ରେ ଅଖିଳ ଭାରତ ଆତଙ୍କବାଦ ବିରୋଧୀ ମୋର୍ଚ୍ଚା (ଏଆଇଏଟିଏଫ)ର ଅଧ୍ୟକ୍ଷ ତଥା ପଞ୍ଜାବର ପୂର୍ବତନ ମନ୍ତ୍ରୀ ମନିନ୍ଦରଜିତ ସିଂହ ବିଟ୍ଟା (ଏମ.ଏସ. ବିଟ୍ଟା) ସୂର୍ଯ୍ୟମନ୍ଦିର ଓ ବାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଛନ୍ତି । ଖବର ମୁତାବକ ଶ୍ରୀ ବିଟା ଅପରାହ୍ନ ରେ ପ୍ରଥମେ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଥିବା ବାଖ୍ୟାନ କେନ୍ଦ୍ର ସମ୍ମୁଖରେ ପହଞ୍ଚିବା ପରେ ପୂର୍ବରୁ ଉପସ୍ଥିତ ଥିବା ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ ଓ କୋଣାର୍କ ଥାନା ଅଧିକାରୀ ପୂର୍ଣଚନ୍ଦ୍ର ସେଠୀ ସ୍ୱାଗତ ଜଣାଇ ସୂର୍ଯ୍ୟମନ୍ଦିରକୁ ପାଛୋଟି ନେଇଥିଲେ । ପ୍ରଥମେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରି ସେ ସୂର୍ଯ୍ୟମନ୍ଦିରକୁ ପ୍ରଣାମ କରିଥିଲେ । ସୂର୍ଯ୍ୟମନ୍ଦିର ବୁଲି ସେ ଖୁବ ଆନନ୍ଦିତ ହେବା ସହ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ପରମ୍ପରାର ଅପୂର୍ବ ନିଦର୍ଶନର ପ୍ରତୀକ ସୂର୍ଯ୍ୟମନ୍ଦିର କୁ ବୁଲି ଟିକିନିଖି ଦେଖିଥିଲେ । ସୂର୍ଯ୍ୟମନ୍ଦିରର କଳା ସ୍ଥାପତ୍ୟ, କାରୁକାର୍ଯ୍ୟ, ସଂସ୍କୃତି ସହିତ ଐତିହାସିକ ଓ ପୌରାଣିକ ତଥ୍ୟ କୁ ନେଇ ସେ ଏସଡିପିଓ ଶ୍ରୀ ପାଢ଼ୀଙ୍କଠାରୁ ଟିକିନିଖି ପଚାରି ବୁଝିଥିଲେ । ପରେ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଥିବା ବାଖ୍ୟାନ କେନ୍ଦ୍ରକୁ ଯାଇ ବୁଲି ଦେଖିସାରି ପୁରୀ ଅଭିମୁଖେ ଗସ୍ତ କରିଥିଲେ ।



# ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ପୂର୍ବତନ ବିଧାୟକଙ୍କ ବସ୍ତ୍ର ଓ ଫଳ ବଣ୍ଟନ

**ନୟାଗଡ଼,୨୮।୧/ଏନ୍‌ଏନ୍‌ଏସ୍:** ରଣପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ ଗଣତନ୍ତ୍ର ଦିବସ ଉପଲକ୍ଷେ ମଗରବନ୍ଧ ପଞ୍ଚାୟତ ମଗରବନ୍ଧ ଗାଁର ଗୋଡିଆଣି ଠାରେ ଥିବା ମାଁ ଡ଼ାଳ ଖାଇ ଯୁବକ ସଂଘ ପକ୍ଷରୁ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ଯୁବକ ସଂଘ ଦ୍ୱାରା ଆୟୋଜିତ ଏକ କ୍ରିକେଟ୍ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ ଏବଂ ମଗରବନ୍ଧ ପ୍ରାଥମିକ ବିଦ୍ୟାଳୟର ୩୫ହ ଜଣ ଛାତ୍ର ଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ନୟାଗଡ଼ ତ୍ରିନାଥ ଛକ ଠାରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ନୟାଗଡ଼ କଲେଜ ରୋଡରେ ଥିବା ମାନବ ଅଧିକାର କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିଥିଲେ । ସେଠାରେ ଏକତ୍ରିତ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ତାଦପୁର ରାମଚଣ୍ଡୀ ମନ୍ଦିରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ ବସ୍ତ୍ର ଦାନ କରିଥିଲେ । ରଙ୍ଗ ସହ ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟୀ ମିଶ୍ର ଏବଂ ଚଳଚ୍ଚିତ୍ର ଅଭିନେତା ବବି ମିଶ୍ର ଯୋଗ ଦେଇଥିଲେ । ତାଦପୁର ମେଡ଼ିକାଲରେ ରୋଗୀମାନଙ୍କୁ ଶ୍ରୀ ପ୍ରଧାନ ଫଳ ବଣ୍ଟନ କରିଥିଲେ । ଶେଷରେ ମହଦଗଲା ଗ୍ରାମ ପଞ୍ଚାୟତର ଲକ୍ଷ୍ମୀ ନାରାୟଣ ପୁରରେ ଥିବା ବୃଦ୍ଧାଶ୍ରମକୁ ଯାଇ ୩୦ ଜଣ ଅନ୍ତେବାସୀଙ୍କୁ ବସ୍ତ୍ର ସହ ଖାଦ୍ୟ ପ୍ରଦାନ କରିଥିଲେ ।

# ଜିଲ୍ଲାପାଳଙ୍କ ତ୍ରିଲୋଚନପୁର ପାକ୍ସ ପରିଦର୍ଶନ

**ପୁରୀ,୨୮।୧/ଏନ୍‌ଏନ୍‌ଏସ୍:** ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା କଣାସ ବ୍ଲକର ତ୍ରିଲୋଚନପୁର ପାକ୍ସ ପରିଦର୍ଶନ କରିଥିଲେ । ଧାନ ସଂଗ୍ରହ ର ବ୍ୟବସ୍ଥା ସମ୍ପର୍କରେ ପାକ୍ସ ସମ୍ପାଦକ ଓ ଅନ୍ୟ କର୍ମଚାରୀ ଙ୍କୁ ପଚାରି ଥିଲେ । ଉପସ୍ଥିତ ଚାଷୀ ମାନଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ । ସୁବିଧା ଅସୁବିଧା ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ପରେ ଉପସ୍ଥିତ ବିଭାଗୀୟ ଅଧିକାରୀ ମାନଙ୍କୁ ଚାଷୀ ମାନଙ୍କ ର ସେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟା ନ ହେବା ଓ ସରକାରୀ ନିୟମ ଅନୁଯାୟୀ ଧାନ ସଂଗ୍ରହ କୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପରିଦର୍ଶନ ରେ ଜିଲ୍ଲାପାଳ ଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁ, ତହସିଲଦାର ହିମାଂଶୁ ଶେଖର ଗିରି, ଡିଆରସିଏସ ସରୋଜିନୀ ଜେନା, ଯୋଗାଣ ନିରୀକ୍ଷକ ହେମନ୍ତ ପ୍ରଧାନ, ପାକ୍ସ ସମ୍ପାଦକ ବୈଦ୍ୟନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ

**ଚିଲିକା,୨୮।୧/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ମୋରାମୋରୀ ପଞ୍ଚାୟତ ଅଧିନ ଶୁଳିଆ ଜଙ୍ଗଲ ମଧ୍ୟରେ ବିଜେ କନକୁର୍ଣ୍ଣି ମା' ପାଣ୍ଡବାଶୁଣୀଙ୍କ ପୀଠରେ ୨୪ ତାରିଖଠାରୁ ୨୮ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ବ୍ୟାପୀ ବିଶ୍ୱ ଶାନ୍ତି ଚଣ୍ଡୀ ମହାଯଜ୍ଞ ଓ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ସଭାପତି ଓ ମୋରାମୋରୀ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯଜ୍ଞ ୨୮ ତାରିଖ ଶ୍ରୀପଞ୍ଚମୀ ଦିନ ଅଙ୍କୁରାରୋପଣ କରାଯାଇଥିବା ବେଳେ ୨୪ତାରିଖ ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସୂର୍ଯ୍ୟପୂଜା, ଶାଳପୂଜା, ଗୋପୂଜା, ଚଣ୍ଡୀପାଠ ,ଗୀତପାଠ ଓ ମା' ପାଣ୍ଡବାଶୁଣୀଙ୍କୁ ମାର୍ଜଣା କରାଯିବା ପରେ ଯଜ୍ଞ ଅନୁଷ୍ଠିତ ହୋଇଥାଏ । ଭକ୍ତ ଯଜ୍ଞ ଦେଖିବାକୁ ଓ ମା'ଙ୍କର ଆଶୀର୍ବାଦ ଭିକ୍ଷା କରିବା ପାଇଁ ଚିଲିକା-ବାଣପୁର ଅଞ୍ଚଳର ହଜାର ହଜାର ଭକ୍ତ ଶୁଳିଆ ଜଙ୍ଗଲରେ ବିଜେ ମା'ପାଣ୍ଡବାଶୁଣୀଙ୍କ ପୀଠକୁ ଆସିବା ସହ ମା'ଙ୍କୁ ଓ ଯଜ୍ଞ ନାରାୟଣଙ୍କୁ ଦର୍ଶନ କରି ନିଜ ନିଜର ମନସ୍କାମନା ପୂର୍ଣ୍ଣ କରିଥାନ୍ତି ।ଏହି ଯଜ୍ଞରେ ଯୋଗ ଦେଉଥିବା ଭକ୍ତମାନଙ୍କ ପାଇଁ ପ୍ରତ୍ୟେହ ଯଜ୍ଞ କମିଟି ତରଫରୁ ମାଗଣାରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଶାନ୍ତିଶୃଙ୍ଖଳା ନିମନ୍ତେ ନାଚୁଣୀ ଥାନା ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା ।

# ଆଦର୍ଶ ଶିକ୍ଷକଙ୍କ ସ୍ମୃତିଚାରଣ

**କଣ୍ଟିଲୋ,୨୮।୧/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ଗ୍ରାମ ପଞ୍ଚାୟତ ୪ ନଂ ଓ୍ୱାର୍ଡ ଛାମୁପାଟଣାର ଦାଶରଥି ସାହୁ ତାଙ୍କର ଶିକ୍ଷକତା ଜୀବନ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସବ୍ ଡିଭିଜନ ଅନ୍ତର୍ଗତ ନାକଟିଦେଉଳ ପଞ୍ଚାୟତରେ ପ୍ରାରମ୍ଭରୁ ଅବସର ନେଲା ପର୍ଯ୍ୟନ୍ତ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପନ୍ନ କରି ବହୁ ସୁନାମ ଅର୍ଜନ କରିଥିଲେ । ତାଙ୍କର ବଳିଷ୍ଠ ଶିକ୍ଷା ପ୍ରଣାଳୀ ଓ ଛାତ୍ର ଛାତ୍ରୀ, ଅଭିଭାବକ, ପ୍ରତ୍ୟେକ ଶିକ୍ଷକ ତଥା ଉପରିସ୍ଥ ଅଧିକାରୀ ମାନଙ୍କୁ ସ୍ନେହ ଶ୍ରଦ୍ଧା ଓ ସମ୍ମାନ କରୁଥିବା ଯୋଗୁ ସେଠାର ଶିକ୍ଷା ଅଧିକାରୀ ଶ୍ରୀ ସାହୁଙ୍କୁ ଆଦର୍ଶ ଶିକ୍ଷକ ଭାବେ ଉପାଧି ଦେଇଥିଲେ । ନିଜ ଜନ୍ମ ସ୍ଥାନ କଣ୍ଟିଲୋରେ ୮୦ ବର୍ଷରେ ଗତ ଜାନୁଆରୀ ୧୭ ରେ ତାଙ୍କର ଦେହାନ୍ତ ହୋଇଥିଲା । ତେଣୁ ଆଜି ଦ୍ୱାଦଶ କ୍ରିୟା କାର୍ଯ୍ୟ କ୍ରମରେ ବନ୍ଧୁବାନ୍ଧବ, ସାଙ୍ଗସାଥୀ, ପରିବାରବର୍ଗ, ସାହି ଭାଇ ଭଉଣୀ ମାନେ ଓ ସ୍ଥାନୀୟ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ ମାନେ ଶ୍ରୀ ସାହୁଙ୍କର ଗୁଣାବଳୀ ଉପରେ ସ୍ମୃତି ଚାରଣ କରିବା ସହିତ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଠାକୁରଙ୍କ ପାଖରେ ପ୍ରାର୍ଥନା କରିଥିଲେ ।

# ବିଦାୟକାଳୀନ ବୈଠକ

**ବୟାଳିଶମୌଜା,୨୮।୧/ଏନ୍‌ଏନ୍‌ଏସ୍:** ୪୨ ମୌଜା ଅର୍ନ୍ତଗତ ଶ୍ରୀରାମ, ଦଧିବାମନପୁର ସ୍ଥିତ ଶ୍ରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷାବର୍ଷ-୨୦୨୫-୨୬ ଦଶମ ଶ୍ରେଣୀ 'ବିଦାୟକାଳୀନ ବୈଠକ'କୁ ସମସ୍ତ ଗୁରୁଜୀ ଗୁରୁମା ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇ ବୈଠକ ଆରମ୍ଭ କରାଯାଇଥିଲା । ପରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଶ୍ୱରଞ୍ଜନ ତ୍ରିପାଠୀ, ସଂପାଦକ ରବିନ୍ଦ୍ର ଦେବତା, ସହ ସଂପାଦିକା ସୁମିତା ଦେବତା, ଅରବିନ୍ଦ ରାଉତ, ଅଭିମନ୍ୟୁ ସ୍ୱାଇଁ, ସୁବ୍ରତ ଘୋଷ ଓ ଅନ୍ୟ ଗୁରୁଜୀ ଗୁରୁମା ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ପରୀକ୍ଷାରେ କିପରି ଭଲ ନମ୍ବର ରଖିବେ ସେ ବିଷୟରେ ସଚେତନ କରିଥିଲେ । ଅଭିନାଶ ମହାପାତ୍ର, ବିଷ୍ଣୁପ୍ରସାଦ ସେନାପତି, ଶୁଭମ୍ ସ୍ୱାଇଁ, ଶ୍ରଦ୍ଧାଞ୍ଜଳୀ ଦାଶ ନିଜର ଅନୁଭୂତି କହିଥିଲେ । ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ ।

# ଖବରକାଗଜ ବିକ୍ରେତା ଓ ସାମ୍ବାଦିକଙ୍କ ବନ୍ଧୁମିଳନ

**ଆଠଗଡ଼,୨୮।୧/ଏନ୍‌ଏନ୍‌ଏସ୍:** ଆଠଗଡ଼ ତିଗିରିଆ, ଖୁଣ୍ଟୁଣୀ ଅଞ୍ଚଳ ଖବରକାଗଜର ଖବର ଦାତା, ବୈଦ୍ୟୁତିକ ଖବରଦାତା ଓ ଖବର କାଗଜ ବିକ୍ରେତା ମାନଙ୍କର ଏକ ବନ୍ଧୁ ମିଳନ ଉତ୍ସବ ଆଠଗଡ଼ ବିରକେଶରପୁର ସ୍ଥିତ ମା ବାହାଣ୍ଡା ଠାକୁରାଣୀଙ୍କ ପୀଠରେ ପାଳିତ ହୋଇଯାଇଛି । ଆଠଗଡ଼ ସାମ୍ବାଦିକ ସଂଘର ଉପସଭାପତି ବିଷ୍ଣୁ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବନ୍ଧୁ ମିଳନ ଉତ୍ସବରେ ମୁଖ୍ୟଅତିଥିଭାବେ ଆଠଗଡ଼ ଉପଖଣ୍ଡ ସୂଚନା ଓ ଲୋକସଂମ୍ପର୍କ ଅଧିକାରୀ ସ୍ମୃତି ସାସ୍ୱତୀ ଷଡ଼ଙ୍ଗୀ ଯୋଗଦେଇ ଖବରଦାତା କେତେ ଯେ କଷ୍ଟ ସାଧନ କରି ନିଜର ଜୀବନକୁ ବାଜି ଲଗାଇ ଖବର ସଂଗ୍ରହ କରି ସମସ୍ୟାକୁ ଲୋକଲୋଚନାକୁ ଆଣିବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ପ୍ରଶାସନ ତଥା ସରକାରଙ୍କୁ ଏକ ପ୍ରକାରର ସହଯୋଗ ଦେଇଥାନ୍ତି ବୋଲି କହିଥିଲେ । ସଂଘର ସମ୍ପାଦକ ଖବରଦାତା ବିଭୁତି ଭୂଷଣ ଖଟୁଆଙ୍କ ଆବାହକଙ୍କ ସଂଯୋଜନାରେ ପୂର୍ବତନ ସାମ୍ବାଦିକ ଚନ୍ଦ୍ରକାନ୍ତ ମିଶ୍ର, ବରିଷ୍ଠ ଖବରଦାତା ସର୍ବେଶ୍ୱର ପଣ୍ଡା, ମହେଶ ଦାସ, ଅଶୋକ କୁମାର ପ୍ରଧାନ, ମନୋରଞ୍ଜନ ମହାପାତ୍ର, ପତିତପାବନ ରାଉତ, ସଞ୍ଜୟ କୁମାର ମହାନ୍ତି, ଯୁବ ଖବରଦାତା ପ୍ରଦୀପ କୁମାର ନାୟକ, ସ୍ୱରାଜ ପଣ୍ଡା, ମାନସ କୁମାର ସାହୁ, ମହେଶ ବେହେରା, ଖବରଦାତାଙ୍କ ଜୀବନ ଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବରିଷ୍ଠ ଖବରଦାତା ରାଧାମୋହନ ମହାପାତ୍ର, ଯୁବ ବୈଦ୍ୟୁତୁତିକ ଖବରଦାତା ବିଶ୍ୱଜିତ ରାଉତଙ୍କ ସହିତ ବରିଷ୍ଠ ଖବରକାଗଜ କିକ୍ରେତା ପର୍ଶୁରାମ ଭକ୍ତା ଓ ଲାଲମୋହ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଖବରକାଗଜ ବିକ୍ରେତା ମାନଙ୍କ ମଧ୍ୟରେ ଶୁଭନାରାୟଣ ମହାପାତ୍ର, ଶ୍ରୀଧର ସେଠି, ଶ୍ରୀଧର ମହାପାତ୍ର, ସୁଶାନ୍ତ କୁମାର ପରିଡା, ସତ୍ୟନାରାୟଣ ମହାପାତ୍ର, ସୁରେଶ ଚନ୍ଦ୍ର ବାରିକ, କଟକର ଆସିଷ୍ଟାଣ୍ଟ ଏଜୁକ୍ୟୁଟିଭ ମୋତିଲାଲ ସିଂ ପ୍ରମୁଖ ଉପସ୍ଥିତ ଥିବା ବେଳେ ଯୁବ ଖବଦାତା ଚନ୍ଦ୍ର ଶେଖର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁ ସୁରକ୍ଷା ସମ୍ପର୍କିତ ଦିନିକିଆ କର୍ମଶାଳା

**ଖୋର୍ଦ୍ଧା,୨୮।୧/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଜିଲ୍ଲା ଆରକ୍ଷୀ ଅକ୍ଷକଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ପ୍ଲାନ ଇଣ୍ଡିଆ ତରଫରୁ କିଶୋର ନ୍ୟାୟ ଆଇନ ବାଲ୍ୟବିବାହ ନିଷେଧ ତଥା ଯୌନ ନିର୍ଯାତନାରୁ ଶିଶୁ ମାନଙ୍କୁ ସୁରକ୍ଷା ଆଇନରେ ସ୍ୱତନ୍ତ୍ର ଜୁଭେନାଇଲ ପୁଲିସ ୟୁନିଟର ଭୂମିକା ସମ୍ପର୍କିତ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି । ଏହାକୁ ଖୋର୍ଦ୍ଧା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା ଓ ଅତିରିକ୍ତ ଏସପି ଯୁଗଳ କୁମାର ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଏହି କର୍ମଶାଳାର ଆଭିମୁଖ୍ୟ ଉପରେ ସ୍ୱାଗତ ଭାଷଣ ଦେଇଥିଲେ । ପ୍ଲାନ ଇଣ୍ଡିଆର ପ୍ରୋଜେକ୍ଟ କୋଅର୍ଡିନେଟର ପ୍ରଦ୍ୟୁତ ରଞ୍ଜନ ରାଉତ ପ୍ଲାନ ଇଣ୍ଡିଆର ଜିଲ୍ଲାରେ ହେଉଥିବା କାମ ଗୁଡିକର ବିବରଣୀ ରଖୁଥିଲେ । ଏହି ସଚେତନତା କର୍ମଶାଳାରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଥାନାରୁ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । ମାନସୀ ପାଢ଼ୀ ପୂର୍ବତନ ଶିଶୁ ମଙ୍ଗଳ ସମିତିର ସଭ୍ୟା ଓ ଜିଲା ଆଇନ ସେବା ପ୍ରାକରଣରୁ ନବୀନ ମହାପାତ୍ର ତାଲିମଦାତା ଭାବରେ ଯୋଗଦେଇ ଉପରୋକ୍ତ ବିଷୟରେ ଯୋଗ ଦେଇଥିବା ଅଧିକାରୀମାନଙ୍କୁ ସଚେତନ କରାଇବା ସହ ଭିକ୍ଟିମ୍ କମ୍ପେନ୍‌ସସନ ଯୋଜନା କିପରି ଭାବରେ ପୀଡିତା ପାଖରେ ପହଞ୍ଚି ପାରିବ ତା ଉପରେ କାମ କରିବା ପାଇଁ ପୁଲିସ କର୍ମୀମାନଙ୍କୁ ସଚେତନ କରାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିଶୁ ମଙ୍ଗଳ ସମିତିର ଅଧକ୍ଷା ରଂଜିତା ପଣ୍ଡା, ସଭ୍ୟା ମନୀଷା ପଣ୍ଡା, ସ୍ୱପ୍ନା ତ୍ରିପାଠୀ, ବ୍ରଜକିଶୋର ମହାପାତ୍ର, ଈହାଡୁରୁ ଇନ୍‌ସପେକ୍ଟର ମମତା ପତି, ଖୋର୍ଦ୍ଧା ଜିଲ୍ଲା ସ୍ୱତନ୍ତ୍ର ପୁଲିସ ୟୁନିଟର ଅଧକ୍ଷା ସ୍ମିତା ମଞ୍ଜରୀ ମଲ୍ଲିକ, ଇନ୍‌ସପେକ୍ଟର ତାରିକ ଅହମ୍ମଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ପ୍ଲାନ ଇଣ୍ଡିଆର ପ୍ରୋଜେକ୍ଟ କୋଅର୍ଡିନେଟର ପ୍ରଦ୍ୟୁତ ରଞ୍ଜନ ରାଉତ ଏହି କର୍ମଶାଳାକୁ ପରିଚାଳନା କରିଥିବାବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପର୍ଯ୍ୟବେକ୍ଷଣ ଅଧିକାରୀ ସୌମେନ୍ଦ୍ର ନାୟକ, ପ୍ଲାନ ଇଣ୍ଡିଆରୁ ବନ୍ଦନା ପଣ୍ଡା, ନୀଳକଣ୍ଠ ଦାଶ, ମଧୁମିତା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ପ୍ଲାନ ଇଣ୍ଡିଆର ଅମିତା ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# ଝାରପଡ଼ାରେ ଖୋଲିଲା ନୂତନ ଧାନମଣ୍ଡି

**କଣ୍ଟାପଡ଼ା,୨୮।୧/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଝାରପଡାଠାରେ ଆଜି ସରକାରଙ୍କ ସମବାୟ ବିଭାଗ ପକ୍ଷରୁ ନୂତନ ଭାବେ ଏକଧାନମଣ୍ଡି ଖୋଲାଯାଇଛି ଏହାକୁ ଆଜି ଅନୁଷ୍ଠାନିକ ଭାବରେ ଝାରପଡ଼ା ସରପଞ୍ଚ ଇତିଶ୍ରୀ ବେହେରା ସମିତି ସଭ୍ୟ ଜଗନ୍ନାଥ ବେହେରା ରବିନାରାୟଣ ମହାପାତ୍ର ସଜିତ କୁମାର ବିଶ୍ୱାଳ ପ୍ରମୁଖଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଛି । ସମିତିର ମୂଖ୍ୟ କାର୍ଯ୍ୟନିର୍ବାହି କ୍ଷୀରୋଦ ଚନ୍ଦ୍ର ମଲିକ ସହ-ସଂପାଦକ ସୁକାନ୍ତ ସେନାପତିଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଚାଷୀ ବିଜୟଓଝା ଶରତ କୁମାର ବେହେରା ଭୀମସେନ ଦାସ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଇଥିଲା । ସୂଚନା ଥାଉ କି ଏହି ସମସ୍ତ ଚାଷୀମାନେ ପୂର୍ବରୁ ବରୁଣେଇ ପ୍ରାଥମିକ ସେବା ସମବାୟ ସମିତିରେ ଧାନ ବିକ୍ରୟକରୁଥିଲେ କିନ୍ତୁ ଦୂରତା ଓ ପରିବହନ ସମାସ୍ୟା ହେତୁ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ଏହାକୁ ଲକ୍ଷ୍ୟକରି ସମବାୟ ବିଭାଗ ଆଉ ଏକ ନୂତନ ଧାନମଣ୍ଡି ଖୋଲିବା ପାଇଁ ଏକ ପ୍ରକାର ବାଧ ହୋଇଥିଲା । ଯାହାକୁ ନେଇ ଚାଷୀମାନଖୁସି ବ୍ୟକ୍ତ କରିଛନ୍ତି ।



# ଏକଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟରେ କଟକ, ଭଦ୍ରକ, ପୁରୀ ଓ ନୟାଗଡ଼

**ନୟାଗଡ଼,୨୮।୧/ଏନ୍‌ଏନ୍‌ଏସ୍:** ନୟାଗଡ଼ ନିକଟସ୍ଥ ଦୁର୍ଗାପ୍ରସାଦ ଜୟଦୁର୍ଗା କ୍ଲବ ଦ୍ୱାରା ଆୟୋଜିତ ଏକଦିବାସିୟ ସ୍ମାଶ ଭଲି ଟୁର୍ଣ୍ଣାମେଣ୍ଟରେ ଦୀର୍ଘବର୍ଷ ଧରି କ୍ଲବ ଦ୍ୱାରା ଏହି ବନ୍ଧୁତ୍ୱ ପୂର୍ଣ୍ଣ ଖେଳ ଚାଲିଆସୁଛି କ୍ଷ ସମସ୍ତ କ୍ଲବ ମେମ୍ବର ମାନଙ୍କ ପ୍ରଚେଷ୍ଟାରେ ୨୫ବର୍ଷରେ ପାଦଥାପିଛି ଜୟଦୁର୍ଗା କ୍ଲବ । ଏହି ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣମେଣ୍ଟ ରାଜ୍ୟର ସମସ୍ତ ଜିଲ୍ଲାମାନଙ୍କରୁ ଖେଳାଳି ଏବଂ ଏହାସହିତ ବାହ୍ୟ ରାଜ୍ୟରୁ ମଧ ଖେଳାଳି ମାନେ ଆସି ଖେଳିଥାନ୍ତି । ପ୍ରତ୍ୟେକ ବର୍ଷ ଜାନୁୟାରୀ ମାସ ୨୭ ତାରିଖରେ ଟୁର୍ଣ୍ଣାମେଣ୍ଟର ଆୟୋଜନ ହୋଇଥାଏ । ଏହି ଏକଦିବସୀୟ ଟୁର୍ଣ୍ଣାମେଣ୍ଟରେ କଟକ, ଭଦ୍ରକ, ପୁରୀ ଏବଂ ନୟାଗଡ଼ ପକ୍ଷରୁ ଖେଳ ହୋଇଥିଲା । ଖେଳ ଅତ୍ୟନ୍ତ ମନୋହର ହୋଇଥିବାବେଳେ ଫାଇନାଲ ମ୍ୟାଚରେ ନୟାଗଡ଼ ଟିମ୍ ସହିତ ଭଦ୍ରକ ଟିମ ମୁହାଁମୁହିଁ ହୋଇଥିଲା ବେଳେ ନୟାଗଡ଼ ଟିମ୍ ବିଜୟ ହୋଇଥିଲେ । ଖେଳକୁ ମୁନିସିପାଲିଟିର ଅଧ୍ୟକ୍ଷା ନିରୁପମା ଖଟେଇ ଉଦଘାଟନ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବରେ ବିଧାୟକ ଡଃ ଅରୁଣ କୁମାର ସାହୁ, ଏବଂ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦ ଅଧକ୍ଷ ଇଂ ଦେବାଶିଷ ପଟନାୟକ, ସରପଞ୍ଚ ସଂଯୁକ୍ତରାଣୀ ମହାପାତ୍ର, ସତ୍ୟବ୍ରତ ପଟ୍ଟନାୟକ, ଶେଖ ଇସୁବ, ରାଧେଶ୍ୟାମ ମେହେଟା, ପ୍ରସନ ପ୍ରଧାନ, ଦୁର୍ଯ୍ୟୋଧନ ବେହେରା, ପ୍ରତାପ ବଳିୟାରସିଂ, ମାନସ ମହାପାତ୍ର, ଜ୍ୟୋତିର୍ମୟୀ ପଟ୍ଟନାୟକ, ନୀଳମାଧବ ପଣ୍ଡା, ରମାକାନ୍ତ ପଟ୍ଟନାୟକ, ପ୍ରିୟରଞ୍ଜନ ସାହୁ, ଜନ୍ମେଜୟ ଦାସ, ଉପସ୍ଥିତ ରହିଥିଲେ । କ୍ଲବର ରୋପ୍ୟ ଜୟନ୍ତୀ ପାଳନରେ ପୁରାତନ ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯେଉଁଥିରେ ହାଡିବନ୍ଧୁ ଜେନା, ରବୀନ୍ଦ୍ର ଜେନା, ଜୟନ୍ତ ମିଶ୍ର, ଦୁର୍ଯ୍ୟୋଧନ ଜେନା, ବାଦଲ ଷଡ଼ଙ୍ଗୀ, ସତ୍ୟବାଦୀ ଜେନା, ବିରୂପାକ୍ଷ ମିଶ୍ର, ସୁଶାନ୍ତ ଜେନା, ଉମାକାନ୍ତ ନାୟକ, ପ୍ରମୋଦ ବାରିକ, ବିକ୍ରମ ପରିଡା, ଭୀମସେନ ମହଲ, ଉପସ୍ଥିତ ରହିଥିଲେ । ଏହି ଖେଳକୁ ଅନ୍ତର୍ଯ୍ୟାମୀ ଲେଙ୍କା, ଅନ୍ତର୍ଯ୍ୟାମୀ ଜେନା ଏବଂ କାମେଟ୍ରି ବିଶ୍ୱରଂଜନ ବେହେରା ଖେଳ ପରିଚାଳନା କରିଥିଲେ । ସମ୍ପାଦକ ରବୀନ୍ଦ୍ର କୁମାର ଜେନା ଧନ୍ୟବାଦ ଦେଇଥିଲେ ।



# ପ୍ରଧାନଶିକ୍ଷକଙ୍କ ସ୍ମୃତିଚାରଣ ସଭା



**ବେଗୁନିଆ,୨୮।୧/ଏନ୍‌ଏନ୍‌ଏସ୍:** ଅବସର ପ୍ରାପ୍ତ ରାୟଗଡ଼ା ଜିଲ୍ଲାର ଡିମିରିଗୋଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କର ସ୍ମୃତି ଚାରଣ ସଭା ଉତ୍କଳ ପ୍ରାଦେଶିକ କ୍ଷେତ୍ରୀୟ ମହାସଭାର ସଭାପତି ଯୋଗିନାଥ ବଳିଆରସିଂହଙ୍କ ସଭାପତିତ୍ୱରେ ଛତ୍ରପଡ଼ାସ୍ଥ ବାସଭବନରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଭାରେ ଡ଼ଃ ବନବିହାରୀ ମହାପାତ୍ର ମୁଖ୍ୟ ଅତିଥି, ରାମଚରିତ ମାନସର ବିଶିଷ୍ଟ ପ୍ରବଚକ ପ୍ରଫୁଲ୍ଲ କୁମାର ଦାସ ମୁଖ୍ୟ ବକ୍ତା,ସ୍ଥାନୀୟ ବିଧାୟକ ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ସାହୁ ସମ୍ମାନିତ ଅତିଥି ଏବଂ ଛତ୍ରପଡ଼ା ହାଇ ସ୍କୁଲ ର ପ୍ରାକ୍ତନ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ତ୍ରିପାଠୀଙ୍କ ସଂଯୋଜନାରେ ବହୁ ବିଶିଷ୍ଟ ବ୍ୟକ୍ତି ବନ୍ଧୁ ପରିଜନ ତଥା ବିଜୟ ମହାପାତ୍ରଙ୍କ ବହୁ ବନ୍ଧୁ ଉକ୍ତ ସ୍ମୃତିଚାରଣ ସଭାରେ ଯୋଗଦାନ କରିଥିଲେ । ବିଜୟ ମହାପାତ୍ର ଜଣେ ବିଶିଷ୍ଟ ଛାତ୍ର ବତ୍ସଳ ଶିକ୍ଷକ, ଗ୍ରାମବାସୀମାନଙ୍କ ପାଇଁ ସ୍ନେହୀ ବନ୍ଧୁ ଏବଂ ସହକର୍ମୀମାନଙ୍କ ପାଇଁ ଜଣେ ଆଦର୍ଶ ସହଯୋଗୀ ଭାବରେ କର୍ମ କରିଥିଲେ ବୋଲି ବକ୍ତା ମାନେ ବକ୍ତବ୍ୟ ଦେଇଥିଲେ । ଉକ୍ତ ସଭାରେ କବି ବସନ୍ତ କୁମାର ସାହୁ, କଳ୍ପନା କୁମାରୀ ପଟ୍ଟଯୋଶୀ ଏବଂ କବି ଲୁଣ୍ଡୁ ତ୍ରିପାଠୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ପରିଶେଷରେ ଜନ୍ମେଶ୍ୱର ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦେଶୀ ମଦ ଜବତ, ୨ ଗିରଫ

**ବଲଙ୍ଗା,୨୮।୧/ଏନ୍‌ଏନ୍‌ଏସ୍:** ମଙ୍ଗଳବାର ଦିନ ବଲଙ୍ଗା ପୁଲିସ ପକ୍ଷରୁ ଏହି ଥାନା ଅନ୍ତର୍ଗତ ହରିପୁର ଓ ଗୋଡିମାଳ ଛକରେ ଚଢାଉ କରାଯାଇ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବା ସହ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଗୋଡିମାଳ ଗ୍ରାମର ସିପକ ସାହାଣି ଓ ହରିପୁର ଗ୍ରାମର ବିନୋଦ ବେହେରା । ବୁଧବାର ଦିନ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ସୂଚନା ମୁତାବକ ଚଢାଉ ସମୟରେ ଅଭିଯୁକ୍ତ ସିପକ ନିକଟରୁ ୧୭୫ ବୋତଲ ଓ ବିନୋଦ ନିକଟରୁ ୧୬୯ ବୋତଲ ମଦ ଜବତ କରାଯିବା ପରେ ଥାନାରେ ୨ଟି ଅବକାରୀ ମାମଲା ରୁଜୁ କରାଯାଇଛି ।

# ଉଚ୍ଚପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

**ମାହାଙ୍ଗା,୨୮।୧/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋତରା ପଂଚାୟତସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋତରାର ପୁରସ୍କାର ବିତରଣ ଓ ବାର୍ଷିକ ଉତ୍ସବରେ ଉଦ୍‌ଘାଟକ ଭାବେ ଯୁବ ସମାଜସେବୀ ତଥା ସୂର୍ଣ୍ଣଗୁରୁ ଫାଉଣ୍ଡେସନର ଅଧ୍ୟକ୍ଷ ଆଶୁତୋଷ ପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଭାବେ ନବ ପ୍ରଭାତ ଗ୍ରୁପ ଅଫ ଇନଷ୍ଟିଟ୍ୟୁସନର ଅଧ୍ୟକ୍ଷ ଇଂ ମାନଗୋବିନ୍ଦ ପଣ୍ଡା, ସମ୍ମାନିତ ଅତିଥିଭାବେ କାନାଡା ବ୍ୟାଙ୍କ ଶାଖା ପରିଚାଳକ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ପୂର୍ବତନ ପ୍ରଧାନଶିକ୍ଷକ ବସନ୍ତ କୁମାର ବେହେରା, ସରପଞ୍ଚ ସୂର୍ଯ୍ୟକାନ୍ତ ପଣ୍ଡା, ସିଆରସିସି ଭାଗବତ ବେହେରା, ଶିକ୍ଷକ ପ୍ରମୋଦ କୁମାର ବେହେରା, ପୁରାତନ ଛାତ୍ର ସଂସଦ ସଭାପତି ପ୍ରଦ୍ୟୁମ୍ନ ବାରିକ, ସାମ୍ବାଦିକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷକ ରାକେଶ ରଞ୍ଜନ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ଶିକ୍ଷୟିତ୍ରୀ ଜୟଶ୍ରୀ ବେହେରା ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ମିନତୀ କୁମାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ମୋହନ ଚରଣ ସିଂହ, ମାଧବ ବେହେରା,ହରପ୍ରିୟା ମହତାବ, ଉର୍ମିଳା ମାଢେଇ, ରାଜକିଶୋର ଦାସଙ୍କୁ ସମ୍ବର୍ଦ୍ଧନା କରାଯାଇଥିବେଳେ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ଆକାଶ କୁମାର ଦାସ ଓ ଶୁଭଲକ୍ଷ୍ମୀ ସାମଲ ଚମ୍ପିଆନ ହୋଇଥିବାବେଳେ କନିଷ୍ଠ ବିଭାଗରେ ସାଇ ସେନାପତି ଓ ବିନୋଦା ଦାସ ଏବଂ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର ଭାବେ ଅମ୍ରିତା ବେହେରାଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ମାଢେଇ, ଓ୍ୱାର୍ଡ ସଭ୍ୟ ଅନନ୍ତ ସାହୁ, ଦିଲୀପ ସାହୁ, କ୍ଷିପ୍ତିମୟୀ ସାହୁ, ପଦାୟିନୀ ବାରିକ, ସୂର୍ଣ୍ଣମୟୀ ସାହୁଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସରାଟ ସେବା ସମବାୟ ସମିତିର ବାର୍ଷିକ ଉତ୍ସବ

**ବାଲିପାଟଣା,୨୮।୧/ଏନ୍‌ଏନ୍‌ଏସ୍:** ପମ୍ପାଲୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସରାଟ ସେବା ସମବାୟ ସମିତି ର ୬୯ ତମ ବାର୍ଷିକ ଉତ୍ସବ ଆଜି ବୁଧବାର ପୂର୍ବାହ୍ନ ରେ ସମିତିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଭାରତ ଭୂଷଣ ମହାନ୍ତି ଙ୍କ ଅଧ୍ୟକ୍ଷତା ରେ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ଓ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସମବାୟ ବ୍ୟାଙ୍କ୍ ର ପରିଚାଳକ ଶକ୍ତି ପ୍ରସନ୍ନ ଜେନା,ସରପଞ୍ଚ ବାହାନ ଭୋଇ,ଗାରେଡ଼ି ପାଞ୍ଚଣ ସମିତି ସଭାପତି ଅଭିମନ୍ୟୁ ନାୟକ ଓ ଅନ୍ୟାନ୍ୟ ପରିଚାଳନା କମିଟି ର ସଦସ୍ୟ ମାନେ ଯୋଗଦେଇ ଥିଲେ । ସମବାୟ ମାଧମ ରେ ବିଭିନ୍ନ ଯୋଜନା ଚାଷୀ ଙ୍କର ଆର୍ଥିକ ମାନଦଣ୍ଡ ବଢ଼ାଇବା ସହିତ ଚାଷୀର ମର୍ଯ୍ୟାଦା ବୃଦ୍ଧି ପାଇଁ ସହାୟକ ହେଉଛି ବୋଲି ବକ୍ତାମାନେ ମତ ରଖିଥିଲେ ।ସମ୍ପାଦକ ପ୍ରଭୁ ପ୍ରସାଦ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ ।ସମିତି ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଦ୍ୱାରା ରାଜ୍ୟ ତଥା ଜିଲ୍ଲା ସ୍ତରୀୟ ପୁରସ୍କାର ପାଇବାକୁ ସଭ୍ୟ ସଭ୍ୟା ମାନେ ସହଯୋଗ ଦେଇଥିବାରୁ ସଭାପତି ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ସମିତିର କର୍ମଚାରୀ ସୁଜିତ୍ ସାହୁ ଙ୍କୁ କର୍ମବୀର ଓ ବୋର୍ଡ ସଦସ୍ୟ ବିଶ୍ୱନାଥ ସେଠୀ ଙ୍କୁ ଶ୍ରେଷ୍ଠ ସେବକ ଭାବରେ କାର୍ଯକ୍ରମ ରେ ସମ୍ମାନିତ କରାଯାଇଥିଲା । ଉପସଭାନେତ୍ରୀ କ୍ରୀଷ୍ଣା ମହାପାତ୍ର,ସଭ୍ୟ ଅମୂଲ୍ୟ ପ୍ରଧାନ, ବୀଣାପାଣି ସ୍ୱାଇଁ, ମାନସ ପଣ୍ଡା,ସଂଗ୍ରାମ ଦାସ,ଦୀନବନ୍ଧୁ ରାଉତରାୟ,ସୁରେନ୍ଦ୍ର ବେହେରା, ବାସୁଦେବ ଜେନା ଓ ପୂର୍ବତନ ସଭାପତି ବ୍ରଜରାଜ ଜେନା ବିଗୁଲି ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅଭିଜିତ ସ୍ୱାଇଁ,ଶିଳ୍ପା ବାରିକ,ସରୋଜ ଭୋଇ, ବିଜୟ ଲକ୍ଷ୍ମୀ ବେହେରା,ଅକ୍ଷୟ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।କାର୍ଯ୍ୟକ୍ରମ ରେ ଉପସ୍ଥିତ ସାମ୍ବାଦିକ ମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା ।



# ଶୀତବସ୍ତ୍ର ବାଣ୍ଟିଲେ ସ୍ୱେଚ୍ଛାସେବୀ

**ସାକ୍ଷୀଗୋପାଳ,୨୮।୧/ଏନ୍‌ଏନ୍‌ଏସ୍:** ଶୀତ ସମୟରେ ୨୦ ଜଣ ବରିଷ୍ଠ ନାଗରିକଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଶୀତ ବସ୍ତ୍ର ଶୀତବସ୍ତ୍ର ପ୍ରଦାନ କରାଯାଇଛି । ସୁଆଣ୍ଡୋ ସ୍ଥିତ ଉତ୍କଳମଣି କ୍ୟାମ୍ପସ ପରିସରରେ ଏହି କାର୍ଯ୍ୟକ୍ରମର ସାମାଜିକ କର୍ମୀ ପବିତ୍ର କୁମାର ପରିଡାଙ୍କ ପ୍ରଚେଷ୍ଟାରେ କରାଯାଇଥିଲା । ଖବରଦାତା ଧିରେନ୍ଦ୍ର ନାଥ ଦାସ ଅଧକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା । ସାମାଜିକ କର୍ମୀ ବସନ୍ତ କୁମାର ମହାପାତ୍ର, ମାନବାଧିକାର କର୍ମୀ ପୁର୍ଣ୍ଣଚନ୍ଦ୍ର ପ୍ରଧାନ, ଚିତ୍ରଶିଳ୍ପୀ ନର୍ମଦା ମୁଦୁଲି, ଅର୍ଜୁନ ବେହେରା ପ୍ରମୁଖ ସହଯୋଗ କରିଥିଲେ । ପୁର୍ଣ୍ଣଚନ୍ଦ୍ର ମଲିକ, ଫକିର ଭୋଇ, ପଞ୍ଚୁଭୋଇ, ଭାଗିରଥି ଦାଶ ପ୍ରମୁଖ ବରିଷ୍ଠ ନାଗରିକ ମାନେ ଶୀତବସ୍ତ୍ର ଗ୍ରହଣ କରି ଖୁସି ବ୍ୟକ୍ତ କରିଥିଲେ ।

## ପ୍ରଥମ ପୃଷ୍ଠାରୁ

# ସରକାର ସାମାଜିକ...

ଅନ୍ୟାନ୍ୟ ପ୍ଲାଟଫର୍ମରେ ଏକ ଦୃଢ଼ ଉପସ୍ଥିତି ସ୍ଥାପନ କରିଛି। ଅନେକ ବିଶ୍ୱ ସମସ୍ୟାର ସମାଧାନ ପାଇଁ ଭାରତ ଏବେ ସଫଳତାର ସହିତ କାର୍ଯ୍ୟ କରୁଛି। ରାଷ୍ଟ୍ରପତି ଘୋଷଣା କରିଛନ୍ତି, ସରକାର ଖୁବ୍ ଶୀଘ୍ର ଏକ ବିଶ୍ୱ ଏଆଇ ସମ୍ମିଳନୀ ଆୟୋଜନ କରିବାକୁ ଯାଉଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଭାରତୀୟ ସେନା ଅପରେସନ ସିନ୍ଦୁର ସମୟରେ ପ୍ରଦର୍ଶନ କରିଥିବା ବୀରତାକୁ ମଧ୍ୟ ପ୍ରଶଂସା କରି କହିଛନ୍ତି ଯେ, ତାଙ୍କ ସରକାର ଏବଂ ସେନା ଯେକୌଣସି ଆତଙ୍କବାଦୀ ଆକ୍ରମଣ ବିରୋଧରେ ଏକ ଦୃଢ଼, ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବଦା ସତର୍କ ତଥା ସଜାଗ ରହିଛି। ସେହିପରି ଅଶୋକ ଚକ୍ର ସମ୍ମାନରେ ସମ୍ମାନିତ ହୋଇଥିବା ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କର ପ୍ରଶଂସା କରିବା ସହ ଭାରତ ସରକାର ଏବେ ଇସ୍ରୋ ସହ ମିଶି ଗଗନାୟନ୍ ମିଶନ ଉପରେ କାମ କରୁଥିବା କହିଛନ୍ତି। ଶ୍ରୀମତୀ ମୁର୍ମୁ ଉଲ୍ଲେଖ କରିଛନ୍ତି ଯେ "ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି କିଛି ପୁରୁଣା ନୀତି ନିୟମକୁ ପରିବର୍ତ୍ତନ କରାଯାଉଛି। ଦେଶର ପ୍ରାୟ ୯୫ କୋଟି ନାଗରିକଙ୍କ ପାଇଁ ସାମାଜିକ ସୁରକ୍ଷା ଲାଭ ବର୍ତ୍ତମାନ ଉପଲବ୍ଧ। ସରକାରଙ୍କ ତୃତୀୟ କାର୍ଯ୍ୟକାଳରେ, ଗରିବଙ୍କୁ ଆହୁରି ସଶକ୍ତ କରିବା ପାଇଁ କାର୍ଯ୍ୟ କରାଯାଉଛି। ଗତ ୧୦ ବର୍ଷ ମଧ୍ୟରେ ୨୫ କୋଟି ଭାରତୀୟ ଦାରିଦ୍ର୍ୟରୁ ବାହାରକୁ ଆସିଛନ୍ତି।" ଶ୍ରୀମତୀ ମୁର୍ମୁ କହିଛନ୍ତି, ତାଙ୍କ ସରକାର ଦୁର୍ନୀତି ଓ ସ୍କାମ୍ ମୁକାବିଲା କରିବାରେ ସଫଳ ହୋଇଛନ୍ତି। ସାର୍ବଜନୀନ ପାଣ୍ଠିର ଉପଯୁକ୍ତ ବ୍ୟବହାର ସୁନିଶ୍ଚିତ କରାଯାଇଛି। ସରକାର ଦଳିତ, ଅବହେଳିତ, ପଛୁଆ ବର୍ଗ ଓ ଆଦିବାସୀ ସମ୍ପ୍ରଦାୟର କଲ୍ୟାଣ ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ରହିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ଭାରତ ସରକାର ଷ୍ଟାର୍ଟ-ଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ଯୋଜନା ଆରମ୍ଭ କରିଛନ୍ତି,ସେସବୁ ସଫଳତାର ସହିତ କାର୍ଯ୍ୟ କରୁଛି। ଏକ ଦଶନ୍ଧି ପୂର୍ବରୁ ଦେଶରେ ମାତ୍ର ୫୦୦ ଷ୍ଟାର୍ଟ-ଅପ୍ ଥିଲା। କିନ୍ତୁ ଏବେ ଏହି ସଂଖ୍ୟା ହଜାର ହଜାର ସଂଖ୍ୟାରେ ପହଞ୍ଚିଛି। ପ୍ରଯୁକ୍ତିବିଦ୍ୟା ଓ ଏଆଇ ନିରନ୍ତର ଭାବେ ବିକଶିତ ହେଉଛି। ସରକାର ଓ ଯୁବପିଢ଼ିଙ୍କ ମିଳିତ ପ୍ରୟାସ ଯୋଗୁ ଦେଶରେ କ୍ରୀଡ଼ାର ବିକାଶ ଧାରା ଜାରି ରହିଛି। ସରକାର ଖେଲୋ ଇଣ୍ଡିଆ ଭଳି ପଦକ୍ଷେପ ଆରମ୍ଭ କରିଛନ୍ତି ତଥା କ୍ରୀଡ଼ା ବିଭାଗଗୁଡ଼ିକରେ ସ୍ୱଚ୍ଛତା ଆଣିଛନ୍ତି। ଦେଶରେ ସମ୍ପ୍ରତି ୧୫୦ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ କରୁଛି। ଚଳିତ ବଜେଟ୍ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ବୁଧବାର ଜାନଆରୀ ୨୮ରୁ ଆରମ୍ଭ ହୋଇଥିବା ବେଳେ ଏହା ଫେବ୍ରୁଆରୀ ୧୩ ପର୍ଯ୍ୟନ୍ତ ଚାଲିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୯ରୁ ଆରମ୍ଭ ହୋଇ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ପର୍ଯ୍ୟାୟର ଦ୍ୱିତୀୟ କାର୍ଯ୍ୟଦିବସ ଅର୍ଥାତ୍ ଜାନୁଆରୀ ୨୯ରେ ସଂସଦରେ ଅର୍ଥନୈତିକ ସର୍ଭେ ଉପସ୍ଥାପନ କରାଯିବ। ଏହାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥାପନ କରିବେ। ଆସନ୍ତା ରବିବାର, ଫେବ୍ରୁଆରୀ ୧ ରେ ୨୦୨୬-୨୭ ଅର୍ଥବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରାଯିବ। କ୍ରମାଗତ ୯ମ ଥର ପାଇଁ ସୀତାରମଣ ବଜେଟ୍ ଉପସ୍ଥାପନ କରିବାକୁ ଯାଉଛନ୍ତି।

# ୮,୮୦୦ କୋଟିର...

ରୌପ୍ୟ ଜୟନ୍ତୀ ସଂସ୍କରଣ ଆମ ପାଇଁ ନୂତନ ଚିନ୍ତାଧାରାର ଏକ ନୂତନ ପରିଭାଷା। ଏହା ପ୍ରତ୍ୟେକ କ୍ଷେତ୍ରରେ ଶ୍ରେଷ୍ଠ ହେବାକୁ ବାଟ ଫିଟାଇବ। ଆମେ ଶ୍ରେଷ୍ଠ ହେବୁ, ଆମେ ଶ୍ରେଷ୍ଠଙ୍କ ସହିତ ପ୍ରତିଯୋଗିତା କରିବୁ। ଏହି ଆତ୍ମବିଶ୍ୱାସ ସହିତ, ଆମେ ଆଗକୁ ବଢୁଛୁ। ଏ ବର୍ଷର କାର୍ଯ୍ୟକ୍ରମର ବିଷୟବସ୍ତୁ ହେଉଛି 'ଓଡ଼ିଶା: ନିବେଶ ପାଇଁ ଏକ ପ୍ରକୃଷ୍ଟ ଓ ସର୍ବୋତ୍ତମ ସ୍ଥାନ।' ଏଥିରେ ସଫଳ ହେଲେ ଆର୍ଥିକ ଅଭିବୃଦ୍ଧି ଜୀବନର ଉନ୍ନତ ଗୁଣବତ୍ତା ସହିତ ସମନ୍ୱୟ ରକ୍ଷା କରିବ। ଶିଳ୍ପ ବିକାଶ ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଜୀବନଧାରଣ ମାନ ବୃଦ୍ଧି ଘଟିବ। ଶିଳ୍ପ ଅଭିବୃଦ୍ଧି ପ୍ରତ୍ୟେକ ନାଗରିକଙ୍କ ଜୀବନରେ ଉନ୍ନତ ସୁଯୋଗ ଆଣିବ। ଏଥିପାଇଁ ରାଜ୍ୟ ସରକାରଙ୍କ ଭଲ ଶିଳ୍ପ ରଣନୀତି ଆଣିଛନ୍ତି। ପ୍ରତ୍ୟେକ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା କରିବା ଉପରେ ଆମେ ଗୁରୁତ୍ୱ ଦେଉଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ 'ଏଣ୍ଟରପ୍ରାଇଜ୍ ଓଡ଼ିଶା ୨୦୨୬' ନିବେଶକଙ୍କୁ ଆକୃଷ୍ଟ କରିଛି। ଆମର ପ୍ରାଥମିକତା ହେଉଛି ଜମି ଆବଣ୍ଟନରୁ ଗ୍ରାଉଣ୍ଡିଂ ଏବଂ ଉତ୍ପାଦନ, ବିଶେଷକରି ପଶ୍ଚିମ ଓଡ଼ିଶାରେ ଡାଉନ୍‌ଷ୍ଟ୍ରିମ୍ ଉତ୍ପାଦନ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି କରିବା। ଉକ୍ତ କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ବ୍ୟତୀତ ବହୁ ବିଶିଷ୍ଟ ଶିଳ୍ପପତି ଏବଂ ନିବେଶକମାନେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ...

ପରିବର୍ତ୍ତନ, ଜନସାଧାରଣଙ୍କ ଜୀବନଧାରଣର ମାନ ବୃଦ୍ଧି, ପ୍ରତ୍ୟେକ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ସ୍ଥିତି ସୁଧାରିବାକୁ ତତ୍‌ସହିତ ସମୃଦ୍ଧ ଓଡ଼ିଶାର ଭିତ୍ତି ସୁଦୃଢ଼ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସୂଚନା ଯୋଗ୍ୟଯେ, କମିଶନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରିପୋର୍ଟରେ ଏକ ପୂର୍ବାନୁମାନଯୋଗ୍ୟ ଏବଂ ସୂତ୍ର-ଭିତ୍ତିକ ବ୍ୟବସ୍ଥା ମାଧ୍ୟମରେ ସ୍ଥାନୀୟ ସଂସ୍ଥାଗୁଡ଼ିକର ଆର୍ଥିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସମାନତା ବିଚାର, ଆଞ୍ଚଳିକ ବୈଷମ୍ୟ, ଗ୍ରାମୀଣ ଏବଂ ସହରାଞ୍ଚଳର ସ୍ଥାନୀୟ ପୃଥକ ଆବଶ୍ୟକତା ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି । କମିଶନ ସ୍ଥାନୀୟ ସଂସ୍ଥାଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ଆର୍ଥିକ ଏବଂ ଅଣ-ଆର୍ଥିକ ଉଭୟ ସୁପାରିଶ କରିଛନ୍ତି। ଆଜିର ଏହି ବୈଠକରେ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ସଚିବ ବିଶାଲ ଦେବ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ସଚିବ ଗିରିଶ ଏସ.ଏନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି ଏବଂ ଡକ୍ଟର ବିଭୁ ପ୍ରସାଦ ନାୟକଙ୍କ ସହିତ ସଦସ୍ୟ ସଚିବ ଡକ୍ଟର ସତ୍ୟ ପ୍ରିୟ ରଥ, ପଦାଧିକାରୀ ସଦସ୍ୟ-ତଥା- ନିର୍ଦ୍ଦେଶକ, ପୌର ପ୍ରଶାସନ ଅରିନ୍ଦମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଆଖିବୁଜିଲେ...

ଅଭିଜ୍ଞତା ସମ୍ପନ୍ନ ପାଇଲଟ୍ ହୋଇଥିବା ବେଳେ ଦୁଇ ଦୁଇ ଥର ବିମାନକୁ ସୁରକ୍ଷିତ ଲ୍ୟାଣ୍ଡିଂ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଶେଷରେ ସେ ଅସଫଳ ରହିଥିଲେ। ଦ୍ୱିତୀୟ ଥର ପ୍ରୟାସରେ ବିମାନଟି ରନ୍‌ୱେରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାର କାରଣ ଘନ କୁହୁଡି କୁହାଯାଉଥିବା ବେଳେ ଅଧିକ ସୂଚନା ପାଇଁ ବେସାମରିକ ବିମାନ ଚଳାଚଳ ନିୟନ୍ତ୍ରକ (ଡିଜିସିଏ) ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ଘଟଣାଗ୍ରସ୍ତ ହେବା ପରେ ପରେ ବିମାନଟି ଜଳିଯାଇଥିଲା, ଯେଉଁଥିରେ ବିମାନରେ ସବାର ଥିବା ସମସ୍ତ ସଦସ୍ୟ ଭୟଙ୍କର ଭାବେ ପୋଡିଯାଇଥିଲେ। ଏପରିକି ମୃତଦେହଗୁଡ଼ିକୁ ଚିହ୍ନଟ କରିବା ମଧ୍ୟ ସମ୍ଭବ ହୋଇପାରିନଥିଲା। ତେବେ ପରିବାର ସଦସ୍ୟଙ୍କ ସହଯୋଗୀ ଅଜିତ୍ ପୱାରଙ୍କ ମୃତଦେହ ସହ ଅନ୍ୟମାନଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି। ଦୁର୍ଘଟଣା ପରେ ସମଗ୍ର ଅଞ୍ଚଳ କଳା ଧୂଆଁମୟ ହୋଇପଡିଥିଲା।

ଅଜିତ୍‌ଙ୍କ ବିମାନ ଦୁର୍ଘଟଣା ସମ୍ପର୍କୀତ ଖବର ପ୍ରସାରିତ ହେବା ପରେ ଦେଶବ୍ୟାପୀ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବିଭିନ୍ନ ଆଡୁ ସମବେଦନା ତଥା ଶୋକବାର୍ତ୍ତା ଆସିବାରେ ଲାଗିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାମାଜିକ ଗଣମାଧ୍ୟମରେଲେଖିଛନ୍ତି "ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପୱାରଙ୍କ ସମେତ ଅନେକ ଲୋକଙ୍କ ମୃତ୍ୟୁଜନିତ ଖବର ଅତ୍ୟନ୍ତ ଦୁଃଖଦ। ଅଜିତ ପୱାର ଜୀଙ୍କ ଅକାଳ ବିୟୋଗ ସମଗ୍ର ଦେଶ ପାଇଁ ଏକ ଅପୂରଣୀୟ କ୍ଷତି। ମହାରାଷ୍ଟ୍ରର ବିକାଶରେ ବିଶେଷକରି ସମବାୟ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ପାଇଁ ତାଙ୍କୁ ସର୍ବଦା ମନେ ରଖାଯିବ। ମୁଁ ତାଙ୍କ ପରିବାର, ସମର୍ଥକ ଏବଂ ପ୍ରଶଂସକମାନଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଅନ୍ୟ ସମସ୍ତ ଲୋକଙ୍କ ପରିବାରକୁ ମଧ୍ୟ ଭଗବାନ ଏହି ଆଘାତ ସହ୍ୟ କରିବାକୁ ଶକ୍ତି ଦିଅନ୍ତୁ।"

ସେହିପରି ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସ'ରେ ଲେଖିଛନ୍ତି, "ଅଜିତ ପାୱାରଙ୍କ ପାରିବାରିକ ସମ୍ପର୍କ ଦୃଢ଼ ଏବଂ ଦୃଢ଼ ନୈତିକତା ଥିବା ଜଣେ ଜନନେତ। ତାଙ୍କୁ ଜଣେ କଠିନ ପରିଶ୍ରମୀ ବ୍ୟକ୍ତିତ୍ୱ ଭାବରେ ବହୁଳ ଭାବରେ ସମ୍ମାନିତ କରାଯାଉଥିଲା। ସେ ସର୍ବଦା ମହାରାଷ୍ଟ୍ରର ଲୋକଙ୍କ ସେବା କରିବାରେ ଆଗୁଆ ଥିଲେ। ତାଙ୍କର ପ୍ରଶାସନିକ ବିଷୟ ଉପରେ ଗଭୀର ଜ୍ଞାନ ଥିଲା। ଗରିବ ଏବଂ ଅବହେଳିତଙ୍କ ସଶକ୍ତୀକରଣ ପାଇଁ ତାଙ୍କର ପ୍ରୟାସ ବିଶେଷ ଭାବରେ ଉଲ୍ଲେଖନୀୟ ଥିଲା। ତାଙ୍କର ଅକାଳ ବିୟୋଗ ଅତ୍ୟନ୍ତ ମର୍ମାହତ ଏବଂ ଦୁଃଖଦ। ତାଙ୍କ ପରିବାର ଏବଂ ଅଗଣିତ ପ୍ରଶଂସକଙ୍କ ପ୍ରତି ହୃଦୟସ୍ପର୍ଶୀ ସମବେଦନା ଜଣାଉଛି।"

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କ ଠାରୁ ଆରମ୍ଭ କରି ଦେଶର ଅନେକ ବଡ଼ ବଡ଼ ନେତା, ମନ୍ତ୍ରୀ, ସାଂସଦ ଶୋକବ୍ୟକ୍ତ କରିଛନ୍ତି। ସେହିପର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ ଅଜିତ୍‌ଙ୍କ ବିମାନ ଦୁର୍ଘଟଣା ଘଟଣାରେ ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ରାଜ୍ୟବ୍ୟାପୀ ଛୁଟି ସହ ୩ ଦିନିଆ ଶୋକ ଘୋଷଣା କରିଛନ୍ତି। ଅଜିତ୍‌ଙ୍କ ଦଳ ଏନ୍‌ସିପି ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ଆସନ୍ତା କାଲି ଅର୍ଥାତ୍ ଗୁରୁବାର ପୂର୍ବାହ୍ନ ୧୧ଟା ସମୟରେ ଅଜିତଙ୍କ ଅନ୍ତିମ ସଂସ୍କାର ସ୍ଥାନୀୟ ବିଦ୍ୟା ପ୍ରତିଷ୍ଠାନ ଗ୍ରାଉଣ୍ଡ୍‌ରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରାଯିବ। ଏହାପୂର୍ବରୁ ପାର୍ଥିବ ଶରୀରକୁ ସର୍ବସାଧାରଣଙ୍କ ଦର୍ଶନାର୍ଥେ ରଖାଯିବ। ଅନ୍ତ୍ୟେଷ୍ଟି କ୍ରିୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସମେତ ଅନେକ ବଡ଼ ନେତାମାନେ ଯୋଗଦେବାର ଅଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭୀସ, ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଉଦ୍ଧବ ଠାକ୍‌ରେ, ରାଜ୍ ଠାକ୍‌ରେଙ୍କ ସମେତ ଅନ୍ୟାନ୍ୟ ଦଳର ନେତାମାନେ ମଧ୍ୟ ଉପସ୍ଥିତ ରହିବେ ବୋଲି ଜଣାପଡିଛି।

# ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ପ୍ରସ୍ତୁତି ବୈଠକ



**ପୁରୀ,୨୮।୧/ଏନ୍‌ଏନ୍‌ଏସ୍:** ଫେବୃୟାରୀ ମାସ ୩ ତାରିଖରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କର ପ୍ରସ୍ତାବିତ ପୁରୀ ଗସ୍ତ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ସର୍କିଟ ହାଉସ ଠାରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଫେବୃୟାରୀ ୩ ତାରିଖ ଅପରାହ୍ନରେ ମହାମହୀମ ରାଷ୍ଟ୍ରପତି ପୁରୀରେ ପହଞ୍ଚିବେ। ତା' ପରଦିନ ଅର୍ଥାତ ୪ ତାରିଖ ପ୍ରତ୍ୟୁଷରୁ ଶ୍ୱେତଗଙ୍ଗାରେ ପିଣ୍ଡଦାନ ପରେ ମହାପ୍ରଭୁଙ୍କ ଦର୍ଶନର କାର୍ଯ୍ୟକ୍ରମ ରହିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ସମସ୍ତ ବିଭାଗ ନିଜ ଦାୟିତ୍ୱକୁ ଅତ୍ୟନ୍ତ ନିଷ୍ଠାର ସହ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କୌଣସି ଠାରେ ଯେପରି କିଛି ତ୍ରୁଟି ନ ରୁହେ ସେଥିପ୍ରତି ଯତ୍ନବାନ ହେବା ସହ ପାରସ୍ପରିକ ସହଯୋଗ ମଧ୍ୟରେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏସ୍‌ପି ପ୍ରତୀକ ସିଂ ଟ୍ରାଫିକ ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ବ୍ୟାରିକେଡ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିବା ସହ ପୂର୍ବ ସମୟର ରାଷ୍ଟ୍ରପତିଙ୍କ ଗସ୍ତର ଅଭିଜ୍ଞତା ଆଧାରରେ ଚଳିତ ଗସ୍ତକୁ ଆହୁରି ଭଲ ଭାବରେ ପରିଚାଳନା କରିବା ପାଇଁ ପରାମର୍ଶ ଦେଇଥିଲେ। ବିସ୍ତୃତ ଆଲୋଚନା ପରେ ତାଳବଣିଆ ହେଲିପ୍ୟାଡରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ, ରାଷ୍ଟ୍ରପତି ଓ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ମାନଙ୍କ ରହଣି ବ୍ୟବସ୍ଥା, ଗମନାଗମନ ବ୍ୟବସ୍ଥା, ଖାଦ୍ୟ ବ୍ୟବସ୍ଥା, ସୁରକ୍ଷା, ବ୍ୟାରିକେଡ ଓ ଟ୍ରାଫିକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ରାସ୍ତା ମରାମତି, ପାନୀୟ ଜଳ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ ଓ ଟେଲିଫୋନ ଯୋଗାଯୋଗ ବ୍ୟବସ୍ଥା, ଶୌଚାଳୟ ଓ ପରିମଳ ବ୍ୟବସ୍ଥା, ଶ୍ୱେତଗଙ୍ଗାରେ ପିଣ୍ଡଦାନ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଶ୍ରୀଜୀଉ ଙ୍କ ଦର୍ଶନ ବ୍ୟବସ୍ଥା ଓ ୪ ତାରିଖରେ ଫେରିବା ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବାକୁ ଆଲୋଚନା କରାଯାଇଥିଲା। ରାଷ୍ଟ୍ରପତି ଦେଶର ପ୍ରଥମ ନାଗରିକ ହୋଇ ଥିବାରୁ ପ୍ରୋଟୋକଲ ଅନୁସାରେ ସମସ୍ତ ବ୍ୟବସ୍ଥା ଶୃଙ୍ଖଳା ର ସହ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଆଇପିଏସ ପ୍ରୋବେସନର ଏ କେ ବିଜୟ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଓ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଶ୍ରୀମନ୍ଦିର ନୀତି ଉପ ପ୍ରଶାସକ ରଞ୍ଜନ କୁମାର ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ପୁରୀ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା , ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ସତ୍ୟବାଦୀ ମହୋତ୍ସବ ପ୍ରସ୍ତୁତି ବୈଠକ



**ପୁରୀ,ସତ୍ୟବାଦୀ,୨୮।୧/ଏନ୍‌ଏନ୍‌ଏସ୍:** ସତ୍ୟବାଦୀ ମହୋତ୍ସବ ଚଳିତ ବର୍ଷ ଫେବୃୟାରୀ ୫ ରୁ ୮ ତାରିଖ ପର୍ଯ୍ୟନ୍ତ ପଞ୍ଚସଖା ପଡିଆ ଠାରେ ଅନୁଷ୍ଠିତ ହେବ। ଏହି ମହୋତ୍ସବ ର ଆକର୍ଷଣୀୟ ଜ୍ୟୋତି ଯାତ୍ରା ୫ତାରିଖ ଅପରାହ୍ନ ୪ଘଟିକା ରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଗତକାଲି ଅପରାହ୍ନରେ ସର୍କିଟ ହାଉସଠାରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଏହି ମହୋତ୍ସବକୁ ଶୃଙ୍ଖଳାର ସହ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ସତ୍ୟବାଦୀ ମହୋତ୍ସବ ଏକ ଗୌରବମୟ ଉତ୍ସବ ଭାବେ ପଞ୍ଚସଖାଙ୍କ ସ୍ୱାଭିମାନ ମାଟିରେ ପ୍ରତି ବର୍ଷ ପାଳିତ ହୋଇ ଆସୁଛି। ଏହି ମହୋତ୍ସବ ମାଧ୍ୟମରେ ଆମ ରାଜ୍ୟର ସମୃଦ୍ଧ କଳା ଓ ସାଂସ୍କୃତିକ ଚେତନାକୁ ଅଧିକ ରଙ୍ଗିମନ୍ତ କରିବାର ପ୍ରୟାସ କରାଯାଉଛି ବୋଲି କହିବା ସହ ଏହାକୁ ସଫଳ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲାପାଳ ଶ୍ରୀ ପରିଡା ଯେଉଁ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ନିଷ୍ଠାର ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରି ମହୋତ୍ସବକୁ ସରସ ସୁନ୍ଦର ଓ ଶୃଙ୍ଖଳିତ ଭାବେ ଆୟୋଜନ ପାଇଁ ପରାମର୍ଶ ଦେଇଥିଲେ। ବିଷଦ ଆଲୋଚନା କରାଯାଇ ରାସ୍ତା ମରାମତି, ପାର୍କିଂ ବ୍ୟବସ୍ଥା, ଗମନାଗମନ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା, ସ୍ୱେଚ୍ଛାସେବୀ ନିୟୋଜନ, ସ୍ୱାସ୍ଥ୍ୟ ବ୍ୟବସ୍ଥା ପରିଷ୍କାର ପରିଚ୍ଛନ୍ନତାକୁ ସୁ ନିୟନ୍ତ୍ରିତ କରିବାକୁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଗଲା। ସେହିପରି ସଂସ୍କୃତି ବିଭାଗ ସହଯୋଗ ରେ ପ୍ରତି ସଂଧ୍ୟାରେ ବିବିଧ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ର ବ୍ୟବସ୍ଥା କରାଯିବ। ଫେବୃଆରୀ ୬ ତାରିଖରେ ରକ୍ତ ଦାନ ଶିବିର ଓ ୭ ତାରିଖରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ର ଆୟୋଜନ କରାଯିବ ବୋଲି ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ପୋଲିସ ଡିଏସପି ଦେବାଶିଷ ମିଶ୍ର, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ସତ୍ୟବାଦୀ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ଦୀପକ କୁମାର ଶତପଥୀ, ତ୍ରିଲୋଚନ ରଥ, ଭବାନୀ ନନ୍ଦ, ବଦ୍ରିନାରାୟଣ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ମହୋତ୍ସବ କମିଟି ସଂଯୋଜକ ଜାନକୀ ବଲ୍ଲଭ ବରାଳ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟ ସୂଚୀ ସମ୍ପର୍କରେ ଆଲୋକପାତ କରିଥିଲେ।

# ବିଧାୟକ ପ୍ରାର୍ଥୀଙ୍କ ନାମରେ ଅପହରଣ ଅଭିଯୋଗ

**ଦଶପଲ୍ଲା,୨୮।୧/ଏନ୍‌ଏନ୍‌ଏସ୍:** ଦଶପଲ୍ଲା ବ୍ଲକ ବାଣୀଗୋଛା ଥାନା ଅନ୍ତର୍ଗତ କାଳମ୍ବା ଗ୍ରାମର ଜଣେ ବିବାହିତା ମହିଳା ଙ୍କୁ ଅପହରଣ ହୋଇଥିବା ବାଣୀଗୋଛା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଅପହୃତା ମହିଳାଙ୍କ ସ୍ୱାମୀ ଦଶପଲ୍ଲା ବିଜେପି ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ ଅପହରଣ କରିନେଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ପକ୍ଷରୁ ଏକ ମାମଲା ରୁଜୁକରାଯାଇ ଏହାର ତଦନ୍ତ ଜାରି ରଖିଛି। ଅଭିଯୋଗରୁ ଜଣାଯାଏ, ବାଣୀଗୋଛା ଥାନା କାଳମ୍ବା ଗ୍ରାମରେ ବସବାସ କରନ୍ତି ବନମାଳୀ ନାଏକଙ୍କ ପରିବାର। ବନମାଳୀ ପରିବାର ପ୍ରତିପୋଷଣ ପାଇଁ ଭୁବନେଶ୍ୱର ଯାଇ ମୂଲକାମ କରୁଥିବା ବେଳେ ଘରେ ସ୍ତ୍ରୀ ଓ ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ରୁହନ୍ତି। ବନମାଳୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଦଶପଲ୍ଲା ବିଜେପି ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ ବନମାଳୀଙ୍କ ସ୍ତ୍ରୀକୁ ସିକ୍ୟୁରିଟି ଗାର୍ଡ ଚାକିରି କରାଇଦେବା ପାଇଁ କହି ତାଙ୍କ ସହ ସମ୍ପର୍କ ରଖି ଆସୁଥିଲେ। ଏକଦା ରାଘବ ବନମାଳୀଙ୍କ ସ୍ତ୍ରୀଙ୍କ ନିକଟକୁ ଫୋନ କଲାବେଳେ ଏହା ସ୍ୱାମୀ ବନମାଳୀ ଉଠାଇଥିଲେ। ପରେ ରାଘବ ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ଗତ ମାସ ୧୫ ତାରିଖରେ ବନମାଳୀ ଘରେ ନଥିବା ବେଳେ ରାଘବ ତାଙ୍କ ସ୍ତ୍ରୀକୁ ଜବରଦସ୍ତ ନେଇଯାଇଥିଲେ ଏବଂ ଏହାର କିଛିଦିନ ପରେ ରାଘବ ତାଙ୍କ ସ୍ତ୍ରୀକୁ ଆଣି ଛାଡିଯାଇଥିଲା। ପରେ ଗତ ୩୧ ତାରିଖରେ ବନମାଳିର ସ୍ତ୍ରୀ ତାର ପୁଅକୁ ଧରି ଉଲିସାହି ଛକକୁ ଆସିଥିବା ବେଳେ ରାଘବ ତାଙ୍କ ସ୍ତ୍ରୀ ଓ ପୁଅକୁ ଜୋର୍ ଜବରଦସ୍ତ ଅପହରଣ କରି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାର କିଛିଦିନ ପରେ ବନମାଳୀ ଏହା ଜାଣି ବହୁ ଖୋଜାଖୋଜି କରିଥିଲେ ମଧ୍ୟ ସ୍ତ୍ରୀ ଓ ପୁଅକୁ ନ ପାଇବାରୁ ବାଣୀଗୋଛା ଥାନରେ ଅଭିଯୋଗ କରିଥିବା ବନମାଳୀ ଏତଲାରେ ଦର୍ଶାଇଛନ୍ତି। ଏତଲା ପାଇବା ପରେ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଏହାର ତଦନ୍ତ ଚାଲିଥିବା ଜଣାପଡ଼ିଛି।

# ବ୍ଲକ୍ ଓ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା

**ଟାଙ୍ଗୀ,୨୮।୧/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ର ବିଜେଡି ଦଳର ନୂତନ ବ୍ଲକ ସଭାପତି ଓ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା ଉତ୍ସବ କନ୍ହେଇପୁର ପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କନ୍ହେଇପୁର ସମିତି ସଭ୍ୟ ରାଜେଶ ରଞ୍ଜନ ଷଡଙ୍ଗୀ ପୌରହିତରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗ ଦେଇ ନୂତନ ବିଜେଡି ଦଳର ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ ଓ ଟାଙ୍ଗୀ ଚୌଦ୍ୱାର ବ୍ଲକର ବିଜେଡି ଦଳର ସଭାପତି ଧିରେନ୍ଦ୍ର ଜେଠୀକୁ ଦଳୀୟ ଉତରୀୟ ଓ ପୁଷ୍ପ ଦେଇ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ବିଜେପି ସରକାର ଉପରେ ବର୍ଷିବା ସହ ମିଛ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଥିବା ବିଜେପି ଦଳ ବିଗତ ୧୮, ୧୯ମାସ ଭିତରେ ଯାହା ସବୁ ଘଟୁଛି ତାହା ଓଡିଶାବାସୀ ଜାଣିସାରିଛନ୍ତି। ଲୋକ ଙ୍କ ସରକାର କହୁଥିବା ଏ ସରକାରରେ ଆୟନ କଥା ହେଉ ବା ଭତ୍ତା କଥା ହେଉ କୌଣସି ସମସ୍ୟା ସମାଧାନ କରିବାରେ ସମ୍ପୁର୍ଣ୍ଣ ବିଫଳ ହୋଇଛି ବୋଲି କହିଥିଲେ। ଏଥି ସହ ସହ ନୂତନ ସଭାପତି ମାନଙ୍କୁ ଭରପୁର ପ୍ରଶଂସା କରିଥିବା ବେଳେ ସଭାପତି ମାନେ ପ୍ରତି ମାସରେ ବିଜେଡି ଦଳର ସାଙ୍ଗଠନିକ ବୈଠକ କରିବାକୁ କହିଥିଲେ। ଯାହାଦ୍ୱାରା ପଞ୍ଚାୟତ ନିର୍ବାଚନରେ ଆମ ଦଳର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲାପରିଷଦ ବିଜୟୀ ହୋଇପାରିବ ବୋଲି ଗୁରୁ ମନ୍ତ୍ର ଦେଇଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ୧୩ଟି ପଞ୍ଚାୟତର ବିଜେଡି ଦଳର କର୍ମକର୍ତ୍ତାମାନେ ବ୍ଲକ ସଭାପତିଙ୍କୁ ସମ୍ବର୍ଦ୍ଧିତ କରିବା ସହ ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଜନ୍ମେଜୟ ଖିଲାର, ଉପ ଅଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ପ୍ରଧାନ, ଆଠଗଡ଼ ବିଧାୟକଙ୍କ ପ୍ରତିନିଧି ଏସକେ ସାହାଯାନ, କଟକ ଚୌଦ୍ୱାର ବିଧାୟକ ପ୍ରତିନିଧି, କନ୍ହେଇପୁର ସରପଞ୍ଚ ଭରତ ବେହେରା, ହରିଅନ୍ତା ସରପଞ୍ଚ ସୋଫିଆ ବିବି, ଭଟିମୁଣ୍ଡା ସମିତି ସଭ୍ୟ ଭକ୍ତ ବତ୍ସଳ ମହାରଣା, ଗରୁଡ଼ ପୂର୍ବତନ ସରପଞ୍ଚ ସୁବୋଧ ସାମଲ, ଯୁବ ନେତା କୃଷ୍ଣଚନ୍ଦ୍ର ଦାସ, ଗୋବିନ୍ଦ ଦାସ, ପରମାନନ୍ଦ ନାୟକ,କୋଟସାହି ସଭାପତି ଆଶିଷ ରଞ୍ଜନ ଷଡ଼ଙ୍ଗୀ, ଭଟିମୁଣ୍ଡା ଯୁବ ସଭାପତି ରବିନ୍ଦ୍ର ସାହୁ, ଗୋବିନ୍ଦପୁର ସମବାୟ ସମିତି ସଭାପତି ନକୁଳ ରାଉତ, ପରମଜିତ୍ ମହାନ୍ତି, ଜରିପଡା ଯୁବ ସଭାପତି ଭୁବନ ମୋହନ ଜେନା, ଜିତେନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଶୁଭେଚ୍ଛା ଜଣାଇଥିବା ବେଳେ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ରହିଥିଲେ।

# କଳପଡ଼ା ଶିଶୁମନ୍ଦିରର ବାର୍ଷିକ ଉତ୍ସବ



**ବୟାଳିଶମୌଜା,୨୮।୧/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକ୍ ଅନ୍ତର୍ଗତ ୪୨ମୌଜା ସ୍ଥିତ କଳପଡା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ମହସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ବୈଜ୍ଞାନିକ ଡଃ ଅରୂପ କୁମାର ବାନାର୍ଜୀ ଉଦ୍ଘାଟନ କରିଥିଲେ। ମୁଖ୍ୟଅତିଥି ଭାବରେ ଡ଼ଃ ବିଶ୍ୱଜିତ୍ ଘୋଷ, ମୁଖ୍ୟବାକ୍ତା ଭାବେ ଡ଼ଃ କୁନ୍ତିରାଣୀ ପ୍ରଧାନ, ସମ୍ମାନୀୟ ଅତିଥି ଭାବେ ୪୨ମୌଜା ଥାନା ଆଇଆଇସି ହେମନ୍ତ କୁମାର ସେଠୀ, ଜାତୀୟ ଆଇନ ବିଶ୍ୱ ବିଦ୍ୟାଳୟ ଅଧିକାରୀ ଦୁର୍ବାଦଳ ମନ୍ତ୍ରୀ, ବରିଷ୍ଠ ସାମ୍ବାଦିକ ଅନୀଲ ଦାସ, ଡାକ୍ତର ଦେବାଶିଷ ଶତପଥୀ, ସମାଜସେବୀ ସୁଶାନ୍ତ ମହାନ୍ତି, ଦୁର୍ଗା ପ୍ରସାଦ ତ୍ରିପାଠୀ, ଡ଼ଃ ଅଶ୍ରୁଚନ ସାହୁ, ଶିକ୍ଷାବିତ୍ ପ୍ରଭାତ ତ୍ରିପାଠୀ, ସଙ୍ଗୀତ ନିର୍ଦ୍ଦେଶକ ଶ୍ୟାମ କୁମାର ଓ କଟକ ଅର୍ବାନ ବ୍ୟାଙ୍କ ଅଧିକାରୀ ବିରଜା ନନ୍ଦନ ପତି ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ମନ୍ଦିରର ଶିକ୍ଷକ/ଶିକ୍ଷୟିତ୍ରୀ ମାନେ ସମସ୍ତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରାଣକୃଷ୍ଣ ପରିଡା ବୈଠକରେ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ଗିରି ସଂପାଦକୀୟ ବିବରଣୀ ପାଠ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଦୀପ୍ତ କୁମାର ବିଶ୍ୱାଳ ସଭା ପରିଚାଳନା କରିଥିଲେ। ପରିଶେଷରେ ଶିଶୁ ମନ୍ଦିରର ପରିଚାଳକ ଜ୍ୟୋତି ରଞ୍ଜନ ଭୋଳ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ ଚନ୍ଦନ ମହାନ୍ତି ଉପସ୍ଥିତ ରହିଥିଲେ।

# ଆରାଧ୍ୟା ଫେଷ୍ଟିଭାଲ୍ ଉଦ୍‌ଯାପିତ

**ଫୁଲନଖରା,୨୮।୧/ଏନ୍‌ଏନ୍‌ଏସ୍:** ସଦର ଥାନା ବ୍ରାହ୍ମଣଝରିଲୋସ୍ଥିତ ଆରାଧ୍ୟା କଲଚରାଲ ଏକାଡ଼େମୀ ତରଫରୁ ଆୟୋଜିତ ୪ଦିବସୀୟ ଆରାଧ୍ୟା ଫେଷ୍ଟିଭାଲ ଉଦଯାପିତ ହୋଇଛି। ଉଦଯାପନ ସଂଧ୍ୟାରେ ଅନୁଷ୍ଠାନ ମୁଖ୍ୟ ଅଜୟକୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ 'ଦିବ୍ୟାଲୋକ ସନ୍ଧାନେ' ସମ୍ପାଦକ ଶ୍ରୀ ସନ୍ନ୍ୟାସୀଜୀ, ଅଭିନେତ୍ରୀ ଛନ୍ଦିତା ପାଢ଼ୀ, ସାହିତ୍ୟିକ ଅକ୍ଷୟ ମହାନ୍ତି, ଦଧିଚି କଲେଜ ମୁଖ୍ୟ ଡଃ.ମନୋଜ ଦାଶ, କଟକ ସଦର ପ୍ରେସ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର, ଚଳଚିତ୍ର ନିର୍ଦ୍ଦେଶକ ପ୍ରଦୀପକୁମାର ଦାଶ, ବାୟୁସେନା ଅଧିକାରୀ ଅତନୁ



ପଟ୍ଟନାୟକ ଓ ସମାଜସେବୀ ସନ୍ତୋଷକୁମାର ଜେନା ଅତିଥିରୂପେ ଯୋଗଦେଇ ନୃତ୍ୟ ସଂଗୀତରେ ଅଂଶଗ୍ରହଣକାରୀ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଏହି ଅବସରରେ ଗାୟିକା ରଶ୍ମିରେଖା ମିଶ୍ର, ଉପସ୍ଥାପିକା ଅଭିଲୀପ୍ସା ଉପାଧ୍ୟାୟ, ଶିଶୁ କଳାକାର କିଉଟି ପରୀ ଉପସ୍ଥିତ ରହି ଦର୍ଶକଙ୍କ ମନୋରଂଜନ କରିଥିଲେ। ବିଚାରକଭାବେ ପ୍ରୀତିଲତା ରାଓ, ମାଷ୍ଟର କେଦାର ଓ ସାଗରକୁମାର ଗୁରୁ ଉପସ୍ଥିତ ଥିଲେ। ଏହି ଅବସରରେ ପାଇକ ଆଖଡ଼ା ଓ ଦାଣ୍ଡିଆ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ସସ୍ମିତା ସାହୁ, ଜ୍ୟୋତ୍ସ୍ନାରାଣୀ ମହାନ୍ତି, ପ୍ରତାପକେଶରୀ ପାତ୍ର, ବାପି ମଲିକ, ଲୋନି ମହାନ୍ତି, ପ୍ରଭାତୀ ପାତ୍ର, ବବିତା ବେହେରା, ସ୍ୱପ୍ନାରାଣୀ ପାତ୍ର, ପ୍ରିୟଙ୍କା ଶାହା, ଶ୍ରଦ୍ଧାଞ୍ଜଳି ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଇଂ.ସେବକ ଶ୍ରୀକାନ୍ତ, ରମେଶଚନ୍ଦ୍ର ପ୍ରଧାନ, କାନନବିହାରୀ ନାୟକ, ଅଜୟକୁମାର ଦାଶ, ଆଦିତ୍ୟ ଛୋଟରାୟ, ରାଜକିଶୋର ବେହେରା, ବିଭୂତି ତରାଇ ସହଯୋଗ କରିଥିଲେ। ଅନୁଷ୍ଠାନର ଟ୍ରଷ୍ଟି ନିର୍ମଳା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଆରାଧ୍ୟା କଲଚରାଏ ଏକାଡ଼େମୀ ଶିଶୁ କଳାକାରମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବିଡ଼ିଓଙ୍କୁ ଅନ୍ୟତ୍ର ବଦଳି ପାଇଁ ମଞ୍ଚ ପକ୍ଷରୁ ଦାବିପତ୍ର



**ବୋଲଗଡ଼,୨୮।୧/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ପ୍ରଶାସନିକ ମୁଖ୍ୟ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି ପାଇଁ ବୁଧବାର ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରି ରାଜ୍ୟ ସରକାରଙ୍କ ନିକଟରେ ଅଡ଼ି ବସିଛି ସ୍ୱାଭିମାନ ମଞ୍ଚ। ସୂଚନାକ୍ରମେ ୯୦ ଦଶକରୁ ବୋଲଗଡ଼ ବାମନ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ପ୍ରଶାସନର ସହାୟତାରେ ସମ୍ମିଳିତ ମିଳିତ ପ୍ୟାରେଟ ଜାନୁଆରୀ ୨୬ ଓ ଅଗଷ୍ଟ ୧୫ ଏହିପରି ୨ଟି ଐତିହାସିକ ବ୍ଲକ ସ୍ତରୀୟ ପ୍ୟାରେଟ ହୋଇ ଆସୁଅଛି।ତେବେ ଏହା ମଧ୍ୟରେ ବହୁ ବର୍ଷ ଧରି ପାରମ୍ପରିକ ଢଙ୍ଗରେ ପରିଚାଳିତ ହୋଇଆସୁ ଥିଲେ ହେଁ ଚଳିତ ଜାନୁଆରୀ ୨୬ରେ ଏହାର ବ୍ୟତିକ୍ରମ ଉପଲବ୍ଧି ହୋଇଛି। ଅଦ୍ୟପି ରହିଥିବା ବ୍ଲକ ପ୍ରଶାସନ ମୁଖ୍ୟ ମଣ୍ଡଳ ଉନ୍ନୟନ ଅଧିକାରୀ ସୁମନ ସୁଧା କୁଣ୍ଡୁଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି।ବ୍ଲକ ପ୍ରଶାସନ ଗଣ ମାଧ୍ୟମ ଓ କାର୍ଯ୍ୟକ୍ରମରେ ଅଭିବାଦନ ଗ୍ରହଣ କରିବାକୁ ଥିବା ସ୍ଥାନୀୟ ବିଧାୟକଙ୍କୁ ଉପସ୍ଥିତ ରହିବା ଲାଗି ଚିଠି କରି ଦେଇ ନିଜର ମୁଖ୍ୟ ଭୂମିକାରୁ ଦୁରେଇ ଚୁପ ରହିଲେ ଓ ନିଜେ କିମ୍ବା ଅନ୍ୟ କୌଣସି ପଦସ୍ଥ ଅଧିକାରୀଙ୍କୁ ଉପସ୍ଥିତ ରହିବା ଲାଗି ନିର୍ଦ୍ଦେଶ ଦେଇ ନଥିଲେ। ଅନ୍ୟପକ୍ଷରେ ଆନ୍ତରିକତାର ଅଭାବ ହେତୁ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ କୌଣସି କାଳେ ଚିଠି ଦ୍ୱାରା ଅବଗତ କରାଇଲେ ନାହିଁ। ଫଳରେ ବାମନ ଉଚ୍ଚ ବିଦ୍ୟାଳୟ ବ୍ୟତୀତ ଅନ୍ୟ କୌଣସି ସ୍କୁଲ କିମ୍ବା ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମିଳିତ ପ୍ୟାରେଡ଼ରେ ଯୋଗ ଦେବାରୁ ବଂଚିତ ରହିଲେ।

ଏଣୁ ବ୍ଲକ ସ୍ତରୀୟ ସମ୍ମିଳିତ ମିଳିତ ପରେଡ଼ ଏକ ପ୍ରକାର ଫିକା ପଡିଥିଲା। ଏଣୁ ବିଡ଼ିଓଙ୍କ ଅହଂକାରୀତା ଏତାଦୃଶ କାର୍ଯ୍ୟ ପାଇଁ ସ୍ୱାଭିମାନ ମଞ୍ଚ ପକ୍ଷରୁ ନିନ୍ଦା ପ୍ରସ୍ତାବ ଆଗତ କରାଯିବା ସହ ତାଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଛି। ଏହାର ଫଳ ସ୍ୱରୂପ ସ୍ୱାଭିମାନ ମଞ୍ଚ ତଥା ସର୍ବଦଳୀୟ ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବାହାରି ବଜାର ପରିକ୍ରମା ସହ ବ୍ଲକ ଛକ ଦେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖକୁ ଯାଇ ବିଡ଼ିଓଙ୍କ ଅନ୍ୟତ୍ର ବଦଳି ଦାବିରେ ତହସିଲଦାରଙ୍କ ଜରିଆରେ ରାଜ୍ୟ ମୁଖ୍ୟମନ୍ତ୍ରୀ, ପଞ୍ଚାୟତରାଜ ସଚିବ ଓ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ୫ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତି ପ୍ରମୁଖ ସାମିଲ ହୋଇଥିଲେ।



# ନଳିନୀ ମଲାନୀ

**ଭିଡିଓ ଇନ୍‌ଷ୍ଟଲେସନ୍ ଆର୍ଟ- ସମକାଳୀନ କଳାର ଏକ ଅନୋଖା ରୂପ ଯାହା ଭିଡିଓ ପ୍ରୋଜେକ୍ସନ୍, ଧ୍ୱନି ଓ ୩ଡି ବସ୍ତୁଗୁଡ଼ିକୁ ମିଶାଇ ସମ୍ପୂର୍ଣ୍ଣ ଭାବରେ ମଗ୍ନ କରିପାରୁଥିବା ବାତାବରଣ ସୃଷ୍ଟି କରାଏ। ୧୯୬୦-୭୦ ଦଶକରେ ଆରମ୍ଭ ହୋଇଥିବା ଏହି କଳାକୃତି କେବଳ ପରଦା ଉପରେ ନୁହେଁ ପୂରା କୋଠରିକୁ କଳାର ଏକ ଅଂଶବିଶେଷ କରିଦିଏ। ଏଥିରେ ଦର୍ଶକମାନେ ପ୍ରାୟତଃ ପ୍ରତିଭାଗୀ ହୋଇଥାନ୍ତି। ଏହି କଳାକୃତି ସାଧାରଣତଃ କୌଣସି ବିଶେଷ ଗ୍ୟାଲେରୀ ବା ସ୍ଥାନ ପାଇଁ ତିଆରି କରାଯାଏ ଯେପରି ଦର୍ଶକମାନେ ସମ୍ପୂର୍ଣ୍ଣ ଭାବରେ ଅନୁଭବ ସହିତ ବୁଡ଼ି ରହିବେ। ଏଥିରେ ଭିଡିଓ ସହିତ ମୂର୍ତ୍ତିକଳା, ଆଲୋକ, ଧ୍ୱନି ଓ ଡିଜିଟାଲ୍ ଟେକ୍‌ନିକ୍ (ସେନ୍ସର)ର ଉପଯୋଗ କରାଯାଏ। ଭିଡିଓ ଇନ୍‌ଷ୍ଟଲେସନ୍ କରିଥିବା ଦେଶର ପ୍ରଥମ ମହିଳା କଳାକାର ହେଉଛନ୍ତି ନଳିନୀ ମଲାନୀ।**



ଆମ ଦେଶରେ ମହିଳାମାନଙ୍କୁ ଅଧିକ ପୀଡ଼ା ଦିଆଯାଏ। ପୀଡ଼ିତ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାରରେ କିଛି ନିର୍ଭୟ ମହିଳା ପୁରୁଷମାନଙ୍କ ସହିତ ରହିଥିବାର ଦେଖିବାକୁ ମିଳେ। ପରମ୍ପରା ଓ ନିଜ ଘରକୁ ବଞ୍ଚେଇବା ନାମରେ ଏହି ମହିଳାମାନଙ୍କ ସ୍ୱରକୁ ଭୟ ଦେଖାଇ ଓ ଚାପ ସୃଷ୍ଟି କରାଇ ବନ୍ଦ କରିଦିଆଯାଏ। କିନ୍ତୁ ଜଣେ କଳାକାର କେବେ ମଧ୍ୟ ହିଂସାତ୍ମକ ହୋଇନପାରେ। ହିଂସାର ଶିକାର ହୋଇପାରେ କିନ୍ତୁ ହିଂସକ ସମାଜରେ ସେ ଜଣେ ଶାନ୍ତିଦୂତ ପରି କାମ କରିଥାଏ। ଜଣେ କଳାକାରକୁ ଆଖପାଖରେ ଘଟୁଥିବା ଅସହ୍ୟ ଘଟଣାଗୁଡ଼ିକ ବିଚଳିତ କରିଦିଅନ୍ତି ଓ ଏହି ବିଷୟଗୁଡ଼ିକ ତାଙ୍କର ଚିତ୍ର ହୋଇ ନିଜ କାହାଣୀକୁ ବର୍ଣ୍ଣନା କରିଥାନ୍ତି। ନଳିନୀ ମଲାନୀ ମଧ୍ୟ ପିଲାଦିନେ ଏହିପରି କଟୁ ଅନୁଭବଗୁଡ଼ିକ ଦେଇ ଅତିକ୍ରମ କରିଥିଲେ। କାରଣ ଇଂରେଜମାନଙ୍କ ଠାରୁ ସ୍ୱାଧୀନ ହେବା ପରେ ଭାରତରେ ଅସଂଖ୍ୟ ଲୋକଙ୍କୁ ବିଭାଜନର ଯନ୍ତ୍ରଣା ସହ୍ୟ



କରିବାକୁ ପଡ଼ିଥିଲା। ସବୁଠାରୁ ଅଧିକ ହିଂସାର ଶିକାର ହୋଇଥିଲେ ମହିଳା ଓ ଶିଶୁମାନେ। ନଳିନୀ ଯେତେବେଳେ ଏକ ବର୍ଷର ଥିଲେ ହିନ୍ଦୁସ୍ତାନ ଓ ପାକିସ୍ତାନ ଭାବରେ ହୋଇଥିବା ବିଭାଜନ କାରଣରୁ ସେ ନିଜ ମା'ଙ୍କ ସହିତ କୋଲ୍‌କାତାରେ ଆସି ଶରଣ ନେଇଥିଲେ। ଏହି କାରଣରୁ ତାଙ୍କର ପ୍ରାରମ୍ଭିକ ଜୀବନ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ପରେ କଳାର ବିବିଧତା ବିଷୟରେ ଶିକ୍ଷା ଗ୍ରହଣ କରିବା ପାଇଁ ନଳିନୀ ମୁମ୍ବାଇକୁ ଯାଇ ସାର୍ ଜେଜେ ସ୍କୁଲ ଅଫ୍ ଆର୍ଟରେ ଆଡ୍‌ମିଶନ ନେଇଥିଲେ।

ନିଜର ସଂଘର୍ଷପୂର୍ଣ୍ଣ ଓ କଷ୍ଟପୂର୍ଣ୍ଣ ଅନୁଭବଗୁଡ଼ିକୁ ମୂର୍ତ୍ତ ରୂପ ଦେବା ସହିତ ନିଜର ପରିଚୟ ସୃଷ୍ଟି କରିବା ପାଇଁ ନଳିନୀ କଳା କ୍ଷେତ୍ରକୁ ମାଧ୍ୟମ ଭାବରେ ଚୟନ କରିଥିଲେ। ଜେଜେ ସ୍କୁଲ୍ ଅଫ୍ ଆର୍ଟରୁ ନଳିନୀ ଦୃଶ୍ୟ କଳାରେ ଡିପ୍ଲୋମା ପ୍ରାପ୍ତ କଲେ। ସେ ସମୟରେ ମୁମ୍ବାଇର ଭୁଲାଭାଇ ମେମୋରିଆଲ୍ ଇନ୍‌ଷ୍ଟିଚ୍ୟୁଟ୍ ତାଙ୍କ ବିଷୟ ଉପରେ ଆଧାରିତ ଏକ ଷ୍ଟୁଡିଓ ଥିଲା। ଏହି ଷ୍ଟୁଡିଓ ଜଣେ କଳାକାର, ସଙ୍ଗୀତକାର ଓ ରଙ୍ଗମଞ୍ଚର ଅଭିନେତାମାନଙ୍କୁ ରଚନାତ୍ମକ କାର୍ଯ୍ୟ ପାଇଁ ଆମନ୍ତ୍ରିତ କରୁଥିଲା। ଦେଶର ବରିଷ୍ଠ ଚିତ୍ରକାର ଆକବର ପଦ୍‌ମସୀଙ୍କ ପ୍ରୋତ୍ସାହନ ଦ୍ୱାରା ନଳିନୀ ସେଠାରେ ଏହି କାମ ଆରମ୍ଭ କଲେ ଓ ସେ ସମୟରେ ନଳିନୀ ଥିଲେ ଏକମାତ୍ର ମହିଳା।

୧୯୭୦ରେ ନଳିନୀଙ୍କୁ ଫ୍ରାନ୍ସ ସରକାରଙ୍କ ଦ୍ୱାରା ଲଳିତ କଳା କ୍ଷେତ୍ରରେ ଛାତ୍ରବୃତ୍ତି ପ୍ରାପ୍ତ ହୋଇଥିଲା। ପ୍ୟାରିସ୍‌ର ଏଟେଲିୟର ଫ୍ରିଡ୍‌ଲ୍ୟାଣ୍ଡରରେ ନଳିନୀ ଛାପା ଚିତ୍ରକଳା ଉପରେ ନିଜର ପ୍ରାଧାନ୍ୟ ବିସ୍ତାର କରିବାକୁ ଚାହିଁଲେ। ସେ ମାର୍କସ୍‌ବାଦୀ ବିଚାରଧାରା ଦ୍ୱାରା ବେଶ୍ ପ୍ରଭାବିତ ଥିଲେ ଓ ପ୍ୟାରିସ୍ ଠାରେ ନେଇଥିବା କଳା ପ୍ରଶିକ୍ଷଣ ଓ ଅନୁଭବଗୁଡ଼ିକ ଦ୍ୱାରା ନଳିନୀ ଏହି କଳାକୁ ଏକ ନୂଆ ପରିଚୟ ଦେଇଥିଲେ ଯେଉଁଠାରେ ତାଙ୍କର କଳାକୁ ଆହ୍ୱାନପୂର୍ଣ୍ଣ ନବସୃଜନ ପାଇଁ ଏକ ଆଧାର ମିଳିଥିଲା। ଦେଶକୁ ଫେରିବା ପରେ ନଳିନୀ ମଧ୍ୟବର୍ଗୀୟ ଭାରତୀୟ ପରିବାରରେ ମହିଳାଙ୍କ ଦଶା ଉପରେ ଅଧ୍ୟୟନ କରିଥିଲେ ଓ ସେଗୁଡ଼ିକୁ ନିଜ ଚିତ୍ରର ଅଂଶବିଶେଷ କରିଥିଲେ। ସେ ସମୟରେ ତାଙ୍କର ଚିତ୍ରଗୁଡ଼ିକ ଜଳରଙ୍ଗ ଓ ଏକ୍ରେଲିକ୍ ରଙ୍ଗଗୁଡ଼ିକ ସହିତ ତିଆରି ହେଉଥିଲା। ନଳିନୀ କଳା ଅଧ୍ୟୟନ କରିସାରିବା ପରେ ମହିଳାମାନେ ଘରେ ବସି ରହିବାର ଦୃଶ୍ୟ ଦେଖି ଖୁବ୍ ବିଚଳିତ ହୋଇଥିଲେ। ଏଥିପାଇଁ ସେ ପ୍ରଥମ ମହିଳା କଳାକାରମାନଙ୍କ ପ୍ରଦର୍ଶନୀ କରିଥିଲେ 'ଥ୍ରୁ ଦି ଲୁକିଂ ଗ୍ଲାସ୍' ଶୀର୍ଷକ ସହିତ। ଏହାର ପୂର୍ବ ରୂପରେଖା ସେ ୧୯୭୯ରେ ନ୍ୟୁୟର୍କର ଆକାଶବାଣୀ ଗ୍ୟାଲେରୀର ଦୃଶ୍ୟ କଳାକାର ନାନ୍ସି ସ୍ପେରୋ ଓ ଆମେରିକାର କଳାକାର ଷ୍ଟିଭେନ୍ସଙ୍କ ସହିତ ମିଶି ବିଚାର ବିମର୍ଶ କରିବା ପରେ କରିଥିଲେ।

ଏପରି ପରିବେଶରେ ଯେତେବେଳେ ଅଧିକାଂଶ କଳାକାର ଆକର୍ଷଣୀୟ ରଙ୍ଗଗୁଡ଼ିକରେ ସୁରୁଚିପୂର୍ଣ୍ଣ ଆକୃତିମୂଳକ ଚିତ୍ର ତିଆରି କରନ୍ତି ସେହିପରି ଚିତ୍ରଗୁଡ଼ିକ ସହିତ ନଳିନୀ କୌଣସି ବୁଝାମଣା କରନ୍ତି ନାହିଁ। ମାନବ ଆକୃତିର ବିଷୟଗୁଡ଼ିକୁ ନେଇ ସେ ଚିତ୍ର କରନ୍ତି, ସେଗୁଡ଼ିକୁ ବିରୂପିତ କରନ୍ତି। ସେଥିପାଇଁ ତାଙ୍କର ଆକାର ଶୀର୍ଷରେ ରହିଥାଏ। ନଳିନୀଙ୍କ ବୟସ ବୃଦ୍ଧି ସହିତ ତାଙ୍କ ସୃଜନର ବିସ୍ତାର ହୋଇଥିବାରୁ ଯୁବପିଢ଼ିରୁ ଅଧିକ ସେ ଉର୍ଜାବାନ ଦେଖାଯାଆନ୍ତି ତାଙ୍କର କଳାକୃତିଗୁଡ଼ିକ ମାଧ୍ୟମରେ। ନିଜ କଳା ବିଷୟରେ ମହିଳାମାନଙ୍କର ଦୁଃଖ ଓ ବିଷାଦଗୁଡ଼ିକୁ ସେ ନିଜ କଳାର ବିଷୟବସ୍ତୁ କରିଥାନ୍ତି। କଳାକୃତିଗୁଡ଼ିକର ସେ ସାକ୍ଷ୍ୟ ହୋଇଥାନ୍ତି ଅତୀତର ଓ ସେଥିରେ ଭବିଷ୍ୟତର କଳ୍ପନା ମଧ୍ୟ ରହିଥାଏ। ନଳିନୀଙ୍କ କଳାଗୁଡ଼ିକରେ ଥାଏ ସମ୍ବେଦନା ଯାହା ନିର୍ବଳ ପୀଡ଼ିତ ମହିଳାମାନଙ୍କର ସ୍ଥିତିଗୁଡ଼ିକର ସାକ୍ଷୀ ହୋଇ ରହିଥାଏ। ଭିଡିଓ ଇନ୍‌ଷ୍ଟଲେସନ ଯେଉଁଥିରେ ମହିଳା ଓ ପିଲାମାନଙ୍କ ଉପରେ ହେଉଥିବା ଭୟଙ୍କର ଅତ୍ୟାଚାରଗୁଡ଼ିକୁ ପ୍ରଭାବପୂର୍ଣ୍ଣ ଶବ୍ଦ, ବାକ୍ୟ ଓ ସ୍ୱର ସହିତ ସେ ପ୍ରଦର୍ଶିତ କରିଥାନ୍ତି। 'ୟୁଟୋପିୟା' ହେଉଛି ନଳିନୀଙ୍କର ଏକ ପ୍ରସିଦ୍ଧ କଳାକୃତି। ଏଥିରେ ସେ ଏକା ସହିତ ଦୁଇଟି ସ୍କ୍ରିନ୍ ପ୍ରୋଜେକ୍ସନ୍‌ର ଉପଯୋଗ କରିଥିଲେ। ଦେଶରେ ଜରୁରୀକାଳୀନ ପରିସ୍ଥିତି ସମୟର ଭୟଙ୍କର ଦୃଶ୍ୟ, ଔଦ୍ୟୋଗୀକରଣର ବିକାଶରେ ବସ୍ତି ହଟେଇବା ଅଭିଯାନ ସମୟରେ ପୀଡ଼ିତ ଲୋକମାନେ ବିଶେଷକରି ମହିଳାମାନଙ୍କ ଉପରେ କରାଯାଇଥିବା ହିଂସାର ଭୟଙ୍କର ଦୃଶ୍ୟ ରହିଛି।

ବାସ୍ତବରେ ନଳିନୀ ମଲାନୀ ହେଉଛନ୍ତି ଆମ ଦେଶର ଜଣେ ସମ୍ବେଦନଶୀଳ ଓ ନିର୍ଭୀକ କଳାକାର। ୨୦୧୯ରେ ସେ ବିଶ୍ୱର କଳା କ୍ଷେତ୍ରରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଜନ୍ ମୀରୋ ପୁରସ୍କାର ପ୍ରାପ୍ତ କରିସାରିଛନ୍ତି। ବିଶ୍ୱର ମହତ୍ତ୍ୱପୂର୍ଣ୍ଣ ସଂଗ୍ରହାଳୟଗୁଡ଼ିକରେ ତାଙ୍କର କଳାକୃତିଗୁଡ଼ିକର ସଂଗ୍ରହ ରହିଛି। ତାଙ୍କ ଦ୍ୱାରା ସୃଜିତ କଳାଚିତ୍ର ବିଶ୍ୱର ଗୁରୁତ୍ୱପୂର୍ଣ୍ଣ କଳା ବିଥିକାଗୁଡ଼ିକରେ ପ୍ରଦର୍ଶିତ ହୋଇସାରିଛି। ବିଗତ ୫୦ ବର୍ଷ ମଧ୍ୟରେ ନଳିନୀ ମଲାନୀ ଆନିମେସନ୍ ଓ ମିଡିଆ ଇନ୍‌ଷ୍ଟଲେସନ୍ ମାଧ୍ୟମରେ ତାଙ୍କର ନାରୀବାଦୀ ପୌରାଣିକ ପରିଦୃଶ୍ୟଗୁଡ଼ିକ ଦ୍ୱାରା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି। ସମ୍ପୂର୍ଣ୍ଣ କଳାଜଗତରେ ମଲାନୀ ପ୍ରଚଳିତ ଧାରଣାଗୁଡ଼ିକୁ ଆହ୍ୱାନ ଦେଇଥାନ୍ତି ଓ ମହିଳାମାନଙ୍କ ଅଧିକାରଗୁଡ଼ିକୁ ପ୍ରମୁଖତା ଦେଇଥାନ୍ତି।

## ଖାଦ୍ୟଶାଳ — ଫିସ୍ ବିରିୟାନୀ

**ଆବଶ୍ୟକୀୟ ସାମଗ୍ରୀ-** କଟାଯାଇଥିବା ମାଛ-୧ କେ.ଜି,
ମେରିନେସନ୍ ପାଇଁ-ଧଣିଆ ପାଉଡର୍-୧ ଚାମଚ, ଲାଲ୍ ଲଙ୍କା ପାଉଡର୍-୨ ଚାମଚ, ଜିରା, ଲୁଣ, ହଳଦୀ-୧ ଚାମଚ ଲେଖାଏଁ, ଅଦା-ରସୁଣ ପେଷ୍ଟ-୧ ବଡ଼ ଚାମଚ, ଲେମ୍ବୁ ରସ-୩ ବଡ଼ ଚାମଚ, ପାଣି-୩ ବଡ଼ ଚାମଚ।
ଭାତ ପାଇଁ-ବାସୁମତି ଚାଉଳ-୧ କେ.ଜି, ତେଜପତ୍ର-୩ଟି, ଗୋଲମରିଚ-୮ଟି, ଲବଙ୍ଗ-୮ଟି, ଡ଼ାଲଚିନି-୩ ଇଞ୍ଚ, ଲେମ୍ବୁ ରସ-୧ ଚାମଚ, ତେଲ-୧ ଚାମଚ, ଘିଅ-୧ ଚାମଚ।
ବିରିୟାନୀ ମସଲା ପାଇଁ-ତେଜପତ୍ର-୩ଟି, ବଡ଼ ଗୁଜୁରାତି-୨ଟି, ଛୋଟ ଗୁଜୁରାତି-୪ଟି, କଟାଯାଇଥିବା ପିଆଜ-୨ଟି, ଅଦା-ରସୁଣ ପେଷ୍ଟ-୨ ଚାମଚ, କଞ୍ଚା ଲଙ୍କା-୮ଟି, ହଳଦୀ, ଧଣିଆ, ଗରମ ମସଲା-୧ ଚାମଚ ଲେଖାଏଁ, ଲାଲ୍ ଲଙ୍କା ପାଉଡର-୨ ଚାମଚ, ଟମାଟୋ ପେଷ୍ଟ-୩ଟି, ଲେମ୍ବୁ ରସ-୨ ଚାମଚ, ଲୁଣ-୧ ଚାମଚ।
ଲେୟାରିଂ ପାଇଁ- କଟା ଧଣିଆ ପତ୍ର-୧ କପ୍, କଞ୍ଚା ଲଙ୍କା-୫ଟି।



**ପ୍ରଣାଳୀ-**ପ୍ରଥମେ ଚାଉଳକୁ ଧୋଇ ପାଣିରେ ୩୦ ମିନିଟ୍ ପାଇଁ ଭିଜେଇ ରଖିବେ। ମାଛକୁ ଧୋଇ ରଖନ୍ତୁ। ଏକ ପ୍ଲେଟ୍‌ରେ ଶୁଖିଲା ମସଲାଗୁଡ଼ିକୁ ନେଇ ସେଥିରେ ଅଦା-ରସୁଣ ପେଷ୍ଟ, ଲେମ୍ବୁ ରସ ପକାଇ ମିଶେଇଦେବେ। ଆବଶ୍ୟକ ଅନୁସାରେ ୧-୨ ବଡ଼ ଚାମଚ ପାଣି ମିଶାଇ ମେରିନେସନ ପାଇଁ ପ୍ରସ୍ତୁତ କରନ୍ତୁ। ଏଥିରେ ମାଛ ପିସ୍‌ଗୁଡ଼ିକୁ ମିଶାଇ ଭଲ ଭାବରେ କୋଟ୍ କରି ୨୦ ମିନିଟ୍ ପାଇଁ ରଖିଦେବେ। ଯେତେବେଳ ପର୍ଯ୍ୟନ୍ତ ମାଛ ମ୍ୟାରିନେଟ୍ ହେଉଥିବ ସେହି ସମୟରେ ଭାତ ହୋଇଯିବ। ଏକ ପାତ୍ରରେ ପାଣି ଗରମ କରି ସେଥିରେ ତେଜପତ୍ର, ଗୋଲମରିଚ, ଡ଼ାଲଚିନି, ଲବଙ୍ଗ, ଗୁଜୁରାତି, ଲେମ୍ବୁ ରସ, ଏକ ବଡ଼ ଚାମଚ ତେଲ ଓ ଲୁଣ ପକାଇ ପାଣି ଫୁଟିଲେ ଚାଉଳ ପକାଇବେ। ଚାଉଳ ୮୦ ପ୍ରତିଶତ ହୋଇଗଲେ ଛାଣି ଦେଇ ଥଣ୍ଡା ପାଣିରେ ଧୋଇଦେବେ। ଏବେ ମ୍ୟାରିନେଟ୍ ହୋଇଥିବା ମାଛକୁ ଫ୍ରାଏ କରିବାକୁ ହେବ। ଏବେ ଅନ୍ୟ ଏକ କଡ଼େଇରେ ତେଲ ଗରମ କରି ସେଥିରେ ତେଜପତ୍ର, ବଡ଼ ଗୁଜୁରାତି, ଛୋଟ ଗୁଜୁରାତି ପକାଇ ଭାଜନ୍ତୁ। ଏଥିରେ ଅଦା-ରସୁଣ ପେଷ୍ଟ ପକାଇ ଭାଜିବା ପରେ ହଳଦୀ, ଲାଲ୍ ଲଙ୍କା ପାଉଡର୍, ଧଣିଆ, ଗରମ ମସଲା ଓ ଏକ ଚାମଚ ପାଣି ପକାଇ ମସଲାକୁ ଭଲ ଭାବରେ ଭାଜିବା ପରେ ସେଥିରେ ଟମାଟୋ ପେଷ୍ଟ, ଲେମ୍ବୁ ରସ, ଲୁଣ ପକାଇ ତେଲରୁ ମସଲା ଛାଡ଼ିବା ପର୍ଯ୍ୟନ୍ତ ଭାଜନ୍ତୁ। ପରେ ମାଛଗୁଡ଼ିକୁ ସେଥିରେ ପକାଇ ଭଜାଯିବ। ଲେୟରିଂ କରିବା ପାଇଁ କୁକର୍‌ରେ ଘିଅ ଗରମ କରି ଏକ ତୃତୀୟାଂଶ ଭାତକୁ ପକାଇ ଅଧା ମସଲାକୁ ଏକ ଲେୟାର୍‌ରେ ପକେଇବେ। ଏହା ଉପରେ ଧଣିଆ ପତ୍ର ଓ କଞ୍ଚା ଲଙ୍କା ପକାଯିବ। ଦ୍ୱିତୀୟ ଲେୟାର୍ ଭାତ ରଖି ବଳିଥିବା ମାଛକୁ ପକାଇ ଧଣିଆପତ୍ର ଓ କଞ୍ଚାଲଙ୍କା ପକାନ୍ତୁ। କୁକର୍‌ର ଘୋଡ଼ଣି ଦେଇ ଗ୍ୟାସ୍ ଚାଲୁ କରି ୫ ମିନିଟ୍ ଦମ୍ ପାଇଁ ରଖିଦେବେ। ଗ୍ୟାସ୍ ବନ୍ଦ କରି ଏବେ ସର୍ଭିଂ ବାଉଲ୍‌ରେ ରଖି ସର୍ଭ କରନ୍ତୁ।

## ସୌନ୍ଦର୍ଯ୍ୟ — ସ୍କିନିମଲିଜ୍‌ମ



ସୋସିଆଲ୍ ମିଡିଆରେ ୧୦-ଷ୍ଟେପ୍ କୋରିଆନ୍ ସ୍କିନ୍‌କେୟାର୍ ଜଗତରେ ଏବେ ସ୍କିନିମଲିଜ୍‌ମ ଟ୍ରେଣ୍ଡରେ ରହିଛି। ସ୍କିନ୍ ଓ ମିନିମଲିଜ୍‌ମର ମିଶ୍ରଣରେ ସ୍କିନିମଲିଜ୍‌ମର ସୃଷ୍ଟି ଯାହାର ଅର୍ଥ ସ୍କିନ୍‌ରେ ଆବଶ୍ୟକତା ଅନୁସାରେ କମ୍ ପ୍ରଡକ୍ଟସର ବ୍ୟବହାର କରିବା। ଏଥିରେ ସାମିଲ ଥାଏ ସ୍କିନ୍ କେୟାର୍‌ର ବୁନିଆଦି ଷ୍ଟେପ୍ସ ଯେଉଁଥି ପାଇଁ ସ୍କିନ୍ ସୁସ୍ଥ ରହେ, ସମୟ ଓ ଅର୍ଥ କମ୍ ଖର୍ଚ୍ଚ ହୁଏ। ଏହା ପର୍ଯ୍ୟାବରଣ ଅନୁକୂଳ ମଧ୍ୟ। ସ୍କିନିମଲିଜ୍‌ମର ଅର୍ଥ ଲେସ୍ ଇଜ୍ ମୋର୍ ପ୍ରିନ୍ସିପୁଲ୍। ସ୍କିନ୍ ଉପରେ ଉତ୍ପାଦଗୁଡ଼ିକର ଲେୟାର୍ ଉପରେ ଲେୟାର୍ କରି ଥୋପିବା ପରିବର୍ତ୍ତେ କେବଳ ସେହି ଜିନିଷଗୁଡ଼ିକ ଉପରେ ଏହା ଜୋର୍ ଦେଇଥାଏ ବାସ୍ତବରେ ଯେଉଁଗୁଡ଼ିକର ଆବଶ୍ୟକତା ରହିଥାଏ। ଏହାର ଲକ୍ଷ୍ୟ ସ୍କିନ୍‌ର ନାଚୁରାଲ୍ ବ୍ୟାରିୟର୍‌କୁ ସୁରକ୍ଷିତ ରଖିବା ଓ ସେଗୁଡ଼ିକୁ ନିଃଶ୍ୱାସ ଦେବା ପାଇଁ ସୁଯୋଗ ଦେବା। ଏଥିପାଇଁ କିଛି ଜରୁରୀ ଷ୍ଟେପ୍ସ ବିଷୟରେ ଜାଣିବା ଉଚିତ।

- ପ୍ରଥମେ ନିଜର ସ୍କିନ୍ ଟାଇପ୍ ବିଷୟରେ ଜାଣନ୍ତୁ-ତୈଳୀୟ, ଶୁଷ୍କ ନା ଉଭୟେ। ବଜାରରେ ମିଳୁଥିବା ନୂଆ ସିରମ୍ ବା ମାସ୍କକୁ କିଣିବାର ଆବଶ୍ୟକ ନାହିଁ। ସ୍କିନ୍‌ର ମୁଖ୍ୟ ସମସ୍ୟାଗୁଡ଼ିକ ହେଉଛି ବ୍ରଣ, ପିଗମେଣ୍ଟେସନ୍ ବା ଡ୍ରାଏନେସ୍।
- ବେସିକ୍ ଏ, ବି, ସି ରୁଟିନ୍‌କୁ ଆପଣାନ୍ତୁ। ସ୍କିନିମଲିଜ୍‌ମରେ ତିନୋଟି ମହତ୍ତ୍ୱପୂର୍ଣ୍ଣ ଜିନିଷ ଥାଏ। କ୍ଲିଞ୍ଜିଂ-ଏକ ସୌମ୍ୟ କ୍ଲିଞ୍ଜର ଦ୍ୱାରା ଦିନରେ ଦୁଇ ଥର ଚେହେରା ପରିଷ୍କାର କରିବେ। ସ୍କିନ୍‌ର ଆର୍ଦ୍ରତାକୁ ବଜାୟ ରଖିବା ପାଇଁ ସ୍କିନ୍ ଟାଇପ୍ ଅନୁସାରେ ମଇଶ୍ଚରାଇଜର ଲଗାନ୍ତୁ। ଘରେ ରୁହନ୍ତୁ ବା ବାହାରକୁ ଯାଆନ୍ତୁ ସନ୍‌ସ୍କ୍ରିନ କେବେ ମଧ୍ୟ ଲଗେଇବା ପାଇଁ ଭୁଲନ୍ତୁ ନାହିଁ।
- ଆବଶ୍ୟକରୁ ଅଧିକ ଉତ୍ପାଦକ ବ୍ୟବହାର କଲେ ସ୍କିନ୍‌ର ପିଏଚ୍ ସ୍ତରକୁ ଏହା କ୍ଷତି ପହଞ୍ଚାଇପାରେ। କମ୍ ଉତ୍ପାଦର ବ୍ୟବହାର କଲେ ଜ୍ୱଳନ ଓ ବ୍ରେକ୍‌ଆଉଟ୍ସର ସମ୍ଭାବନା କମ୍ ହୋଇଯାଏ।
- ଯେତେବେଳେ ୧୦-ଷ୍ଟେପ୍ସକୁ ଫଲୋ କରିବାକୁ ପଡ଼ିବ ନାହିଁ ଆପଣଙ୍କର ସମୟ ବଞ୍ଚିବା ସହିତ ଅନାବଶ୍ୟକ ଖର୍ଚ୍ଚଗୁଡ଼ିକ ଉପରେ ମଧ୍ୟ ଲଗାମ ଲାଗିଯିବ। କମ୍ ଉତ୍ପାଦ କିଣିବାର ଅର୍ଥ କମ୍ ପ୍ଲାଟିକ୍ ଅପଶିଷ୍ଟ ଓ ସଷ୍ଟେନେବଲ୍ ଲାଇଫଷ୍ଟାଇଲ୍।

## ହିମାଚଳୀ ଶାଲ୍



ପ୍ରୟାସ

**ପାହାଡ଼ ଉପରେ ଯେତେବେଳେ ବରଫ ପଡ଼େ ଥଣ୍ଡା ପବନ ପ୍ରବାହିତ ହୁଏ। ସେତେବେଳେ ହିମାଚଳ ପ୍ରଦେଶର ମହିଳାମାନେ ହାତବୁଣା ଶାଲ୍ ତିଆରି କରନ୍ତି। କୁଲ୍ଲୁ, କିନ୍ନୌର, ମଣ୍ଡି ଓ ଲାହୁଲ୍-ସ୍ପୀତି ପରି ସହରଗୁଡ଼ିକରେ ବରଫପାତ ସମୟରେ ଲୋକମାନେ ଘରମାନଙ୍କରେ ବନ୍ଦହୋଇ ଯାଆନ୍ତି। ସେ ସମୟରେ ମଧ୍ୟ ମହିଳାମାନଙ୍କର ଏହି ପ୍ରତିଭାସମ୍ପନ୍ନ ହାତଗୁଡ଼ିକ ଅଟକିଯାଏ ନାହିଁ। ନିଜ ଘରମାନଙ୍କରେ ବସି ମହିଳାମାନେ ହାତରେ ଶାଲ୍ ତିଆରି କରନ୍ତି। ଶୁଦ୍ଧ ଉଲ୍ ସୂତାରେ ବୁଣାଯାଇଥିବା ଏହି ଶାଲ୍‌ଗୁଡ଼ିକ ହିମାଚଳୀ ଶାଲ୍ ଭାବରେ ଆଜି ଲୋକପ୍ରିୟ ହୋଇସାରିଛି। ଏହି ଶାଲ୍ ଥଣ୍ଡାରୁ ଯେ ରକ୍ଷା କରେ ତାହା ନୁହେଁ ପାହାଡ଼ର ସଂସ୍କୃତି, ପରମ୍ପରା ଓ ମହିଳାମାନଙ୍କର ଆତ୍ମନିର୍ଭରତାର ଜ୍ୱଳନ୍ତ ଉଦାହରଣ ବୋଲି ଦର୍ଶାଇଥାଏ।**

**ବିଶେଷତା-**ହିମାଚଳ ପ୍ରଦେଶର ମେଣ୍ଢାମାନଙ୍କ ଲୋମରୁ ପ୍ରସ୍ତୁତ ହେଉଥିବା ଉଲ୍‌ରୁ ଏହି ଶାଲ୍ ପ୍ରସ୍ତୁତ ହୁଏ। ଏହା ସବୁଠାରୁ ମୁଲାୟମ ଓ ଗରମ ଉଲ୍। ଥଣ୍ଡା ଜଳବାୟୁ ଓ ପ୍ରାକୃତିକ ଗୁଣବତ୍ତାରେ ଏହା ଆହୁରି ନିଖାର ଆଣିଦିଏ।

**ଡିଜାଇନ୍‌ରେ ରହିଛି ପରିଚୟ-**ହିମାଚଳୀ ଶାଲ୍‌ର ସୌନ୍ଦର୍ଯ୍ୟ, ସେଗୁଡ଼ିକର ପାରମ୍ପରିକ ଡିଜାଇନ୍ ଓ ରଙ୍ଗ-ବେରଙ୍ଗ ପଟିଗୁଡ଼ିକରେ ଲୁଚି ରହିଥାଏ। କୁଲ୍ଲୁର ବିଶେଷତାରେ ଚଟକ ରଙ୍ଗ, ଜ୍ୟାମିତୀୟ ଓ ଫୁଲ-ପତ୍ରର ଡିଜାଇନ୍, କିନ୍ନୌରର ସୂକ୍ଷ୍ମ ବର୍ଡର, ଲାହୁଲ-ସ୍ପୀତିର ସାଦାପଣ ହିମାଚଳୀ ଶାଲ୍‌ଗୁଡ଼ିକୁ ଖାସ୍ ସୁନ୍ଦରତା ପ୍ରଦାନ କରିଥାଏ। ପିଢ଼ି ପରେ ପିଢ଼ି ଚାଲି ଆସୁଥିବା ଡିଜାଇନ୍ସ ଆଜି ବି କାରିଗରମାନଙ୍କର ଆଙ୍ଗୁଳିରେ ଜୀବିତ ହୋଇ ରହିଛି। ଏହି ଶାଲ୍‌ରେ ବ୍ୟବହୃତ ହେଉଥିବା ରଙ୍ଗଗୁଡ଼ିକ ପ୍ରକୃତିର ଦାନ। ଅଖରୋଟ, କେସର, ଦେବଦାରୁ ଗଛର ଛାଲି ଓ ବିଭିନ୍ନ ଜଡ଼ିବୁଟିଗୁଡ଼ିକ ଦ୍ୱାରା ପ୍ରସ୍ତୁତ ସୁନ୍ଦର ରଙ୍ଗଗୁଡ଼ିକ କେବଳ ଆଖିକୁ ଯେ ଶାନ୍ତି ଦିଅନ୍ତି ତାହା ନୁହେଁ, ଏଗୁଡ଼ିକ ପର୍ଯ୍ୟାବରଣ ଅନୁକୂଳ ଅଟନ୍ତି। ଏହି କାରଣରୁ ହିମାଚଳୀ ଶାଲ୍‌ଗୁଡ଼ିକର ବିଦେଶୀ ବଜାରରେ ଚାହିଦା ଅଧିକ ଥାଏ।

**ସମୟ-**ଗୋଟିଏ ହିମାଚଳୀ ଶାଲ୍ ତିଆରି କରିବା ପାଇଁ ୭-୮ ମାସ ପର୍ଯ୍ୟନ୍ତ ସମୟ ଲାଗିଯାଏ। ଉଲ୍ ତିଆରି କରିବା ଠାରୁ ଆରମ୍ଭ କରି ସୂତା କାଟିବା, ରଙ୍ଗଦେବା ଓ ହାତକରଣାରେ ତିଆରି କରିବା ପର୍ଯ୍ୟନ୍ତ ପ୍ରତି ଚରଣରେ କାରିଗରଙ୍କ ପରିଶ୍ରମ ଓ ଧୈର୍ଯ୍ୟର ଝଲକ ଦେଖିବାକୁ ମିଳେ। ଏହି କାରଣରୁ ବଜାରରେ ଏହି ଶାଲ୍‌ଗୁଡ଼ିକର ଦାମ୍ ୮୦୦ ଟଙ୍କାରୁ ଆରମ୍ଭ କରି ଦୁଇ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚିଯାଏ।

**ମହିଳାମାନଙ୍କ ଆତ୍ମନିର୍ଭରତା-**ହିମାଚଳ ପ୍ରଦେଶରେ ସ୍ୱୟଂ ସହାୟତା ସମୂହଗୁଡ଼ିକ ସହିତ ଜଡ଼ିତ ହଜାର ହଜାର ମହିଳାଙ୍କ ହାତକରଣା ଉଦ୍ୟୋଗ ଜରିଆରେ ସେମାନଙ୍କର ଆଜୀବିକା ଚାଲୁଛି। ଏମ୍‌ଏସ୍‌ଏମ୍‌ଇ ସହିତ ଜଡ଼ିତ ରହିବା ପରେ ସେମାନଙ୍କୁ ପ୍ରଶିକ୍ଷଣ, ବିପଣନ ଓ ଜାତୀୟ-ଅନ୍ତର୍ଜାତୀୟ ସ୍ତରର ମଞ୍ଚ ମିଳିଛି। ୨୦୦୪ରେ କୁଲ୍ଲୁ ଶାଲ୍‌କୁ ମିଳିଥିବା ଜିଆଇ ଟ୍ୟାଗ୍ ଏହି ଉଦ୍ୟୋଗ ପାଇଁ ସଂଜୀବନୀ ପ୍ରମାଣିତ ହୋଇଥିଲା ଯେଉଁଥିରେ ଅସଲୀ ହିମାଚଳୀ ଶାଲ୍‌କୁ ମିଳିଥିଲା ବୈଶ୍ୱିକ ପରିଚୟ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ଦିନଟି ଆପଣଙ୍କ ପାଇଁ ଖୁବ୍ ଭଲ। ଆର୍ଥିକ ସ୍ତରରେ କିଛି ସମସ୍ୟାର ସମ୍ମୁଖୀନ ହେବେ। ଆତ୍ମବିଶ୍ୱାସର ଅଭାବ ରହିବ। କାରବାରରେ କ୍ଷତି ହୋଇପାରେ। ମିତ୍ରଙ୍କ ସହଯୋଗ ପାଇବେ।

**ବୃଷ** - ମନରେ ଉତ୍ଥାନ-ପତନ ଦେଖାଦେବ। ମା'ଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ରହିବ। ରହିବା କଷ୍ଟମୟ ହୋଇଯିବ। ପିତାଙ୍କ ଠାରୁ ଧନ ପ୍ରାପ୍ତି ହୋଇପାରେ। ନିଜ ଲୋକଙ୍କ ସହଯୋଗ ପାଇବେ।

**ମିଥୁନ** - ଦିନଟି ସୁଖମୟ। ଚାକିରି କ୍ଷେତ୍ରରେ ସଫଳତା ମିଳିପାରେ। ଶାସନ-ସତ୍ତାର ସହଯୋଗ ପାଇବେ। ଆୟ ବୃଦ୍ଧି ଯୋଗ ରହିଛି। ମାନ-ସମ୍ମାନ ପ୍ରାପ୍ତି ହେବ। ଅଧିକାରୀଙ୍କ ସହଯୋଗ ମିଳିଯିବ।

**କର୍କଟ** - ଦିନଟି ଆତ୍ମବିଶ୍ୱାସରେ ଭରି ରହିବ। ଶୈକ୍ଷିକ ଓ ବୌଦ୍ଧିକ କାର୍ଯ୍ୟରେ ରୁଚି ରହିବ। ମିତ୍ରଙ୍କ ଆଗମନ ହୋଇପାରେ। ତାଙ୍କର ସହଯୋଗରେ ଆୟ ବୃଦ୍ଧି ଯୋଗ ରହିଛି। ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରହିବ।

**ସିଂହ** - ମନ ଆଜି ଅଶାନ୍ତ ରହିବ। ପରିବାର ସହିତ ଧାର୍ମିକ ସ୍ଥାନକୁ ଯାଇପାରନ୍ତି। ଶୈକ୍ଷିକ କାର୍ଯ୍ୟରେ ସଫଳ ରହିବେ। ସନ୍ତାନ ପକ୍ଷରୁ ସୁଖଦ ସମାଚାର ପାଇବେ। ଚାକିରି କରୁଥିବା ଲୋକଙ୍କ ଆୟ ବୃଦ୍ଧି ହେବ।

**କନ୍ୟା** - ଦିନଟି ଉତ୍ଥାନ-ପତନ ଭରା ରହିବ। ମନରେ ଶାନ୍ତି ଓ ପ୍ରସନ୍ନତା ରହିବ। ଆତ୍ମବିଶ୍ୱାସରେ ଭରି ରହିବେ। ଚାକିରି ପରିବର୍ତ୍ତନର ସମ୍ଭାବନା ରହିଛି। ଉଚ୍ଚ ପଦ ପ୍ରାପ୍ତ ହେବ।

**ତୁଳା** - ମନ ପ୍ରସନ୍ନ ରହିବ। ଫିଲିଂସ୍‌କୁ ନିୟନ୍ତ୍ରଣରେ ରଖନ୍ତୁ। ମିତ୍ରଙ୍କ ସହଯୋଗରେ ନିବେଶ କରିପାରନ୍ତି। କାମକାର୍ଯ୍ୟର ବ୍ୟସ୍ତତା ରହିବ। ଧନ ଆଗମନର ସମ୍ଭାବନା ରହିଛି। ବ୍ୟାପାରୀଙ୍କ ପାଇଁ ଦିନଟି ଶୁଭ।

**ବିଛା** - ସାକ୍ଷାତକାର ସଫଳ ହେବ। ମନ ପ୍ରସନ୍ନ ରହିବ। ପ୍ରମୋଶନର ଅବସର ରହିଛି। ପରିବାରରେ ସୁଖ-ଶାନ୍ତି ରହିବ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ରଖନ୍ତୁ। ପିଲାଙ୍କ ସାଥ୍ ପାଇବେ।

**ଧନୁ** - ପିତାଙ୍କ ସାନ୍ନିଧ୍ୟ ପ୍ରାପ୍ତ ହେବ। ବାହନ ସୁଖ ବୃଦ୍ଧି ହେବ। ବଡ଼ ଭାଇ-ଭଉଣୀଙ୍କ ଠାରୁ ଧନ ପ୍ରାପ୍ତି ଯୋଗ ରହିଛି। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହିତ ସାକ୍ଷାତ ସମ୍ଭବ। ଆକସ୍ମିକ ଧନ ଲାଭ ଯୋଗ ରହିଛି।

**ମକର** - ମାନସିକ ଶାନ୍ତି ପାଇବେ। ଆତ୍ମବିଶ୍ୱାସରେ ଦିନଟି ଭରି ରହିବ। କାର୍ଯ୍ୟକ୍ଷେତ୍ରରେ ପରିବର୍ତ୍ତନ ଯୋଗ ରହିଛି। ମିତ୍ରଙ୍କ ସହଯୋଗ ପାଇବେ। ଆୟ ବୃଦ୍ଧି ଯୋଗ ରହିଛି। ନିବେଶର ଅବସର ରହିଛି।

**କୁମ୍ଭ** - ପୁରୁଣା ମିତ୍ରଙ୍କ ସହିତ ସାକ୍ଷାତ ସମ୍ଭବ। ମନ ଶାନ୍ତ ରହିବ। କାରବାର ବୃଦ୍ଧି ଯୋଗ ଅଛି। ପରିଶ୍ରମ ଅଧିକ କରିବେ। ଲାଭ ବୃଦ୍ଧି ହେବ। ରିସର୍ଚ୍ଚର ପରିଣାମ ସୁଖଦ ରହିବ।

**ମୀନ** - କଳା ଓ ସଙ୍ଗୀତ ପ୍ରତି ରୁଚି ରହିବ। ଚାକିରି ପରିବର୍ତ୍ତନ ଯୋଗ ରହିଛି। ଉଚ୍ଚ ପଦ ପ୍ରାପ୍ତି କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବୃଦ୍ଧି ଯୋଗ ରହିଛି। ନିଜ ଲୋକଙ୍କ ସାଥ୍ ପାଇବେ। ଧନର ସ୍ଥିତି ଖୁବ୍ ଭଲ ରହିବ।

# ଡା. କୃଷ୍ଣକେଶବ ଷଡ଼ଙ୍ଗୀ ପାଇଲେ ବିଦଗ୍ଧକବି ଅଭିମନ୍ୟୁ ସମ୍ମାନ



**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ଭୁବନେଶ୍ୱରର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ 'ବିଦଗ୍ଧକବି ଅଭିମନ୍ୟୁ ସ୍ମୃତିସଂସଦ' ପକ୍ଷରୁ ରୀତିଯୁଗର ଶେଷକାଳୀନ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୬୬ତମ ଜୟନ୍ତୀ ସହିତ ସଂସଦର ସୁବର୍ଣ୍ଣଜୟନ୍ତୀ ଉତ୍ସବ ଜାନୁୟାରୀ ୨୫ତାରିଖ ସନ୍ଧ୍ୟାରେ ଜୟଦେବ ଭବନଠାରେ ପାଳିତ ହୋଇଯାଇଛି। ପ୍ରାକ୍ତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥିଭାବରେ ଯୋଗଦେଇ ସମକାଳୀନ କବି ଓ ଚିନ୍ତକ ହରପ୍ରସାଦ ଦାସ କବି ଅଭିମନ୍ୟୁଙ୍କ ସାହିତ୍ୟର ଭାଷାତାତ୍ତ୍ୱିକ-ଅନୁଶୀଳନ କରିଥିଲେ। ମୁଖ୍ୟବକ୍ତା ତଥା ବିଶିଷ୍ଟ ରୀତିସାହିତ୍ୟ ଗବେଷକ ଏବଂ ଭୁବନେଶ୍ୱର ଭଞ୍ଜଭାରତୀର ସଭାପତି ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ବିଦଗ୍ଧକବିଙ୍କ ରଚନାରେ ଥିବା ଆଧାତ୍ମିକତା ଓ ନୈତିକତା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ସ୍ମୃତିସଂସଦର ଉପସଭାପତି ନିରଞ୍ଜନ ଜେନା ସ୍ୱାଗତଭାଷଣ ଦେଇଥିବା ବେଳେ ଅନ୍ୟତମ ଉପସଭାପତି ପୂର୍ଣ୍ଣଚନ୍ଦ୍ର ଜେନା ଧନ୍ୟବାଦ୍ ଦେଇଥିଲେ। ସଂସଦର ସମ୍ପାଦକ ଖତ୍ରୁଚରଣ ବିଶ୍ୱାଳ ବିବରଣୀ ପାଠ କରିଥିବା ବେଳେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ଡକ୍ଟର ସର୍ବେଶ୍ୱର ବୈଠାରୁ ଓ ସାଥି। କାର୍ଯ୍ୟକ୍ରମରେ ସଂସଦର ସ୍ମରଣିକା ଓ ଦିନପଞ୍ଜିକା ଉନ୍ମୋଚିତ ହୋଇଥିଲା। ଏ ଅବସରରେ ବିଶିଷ୍ଟ ରୀତିସାହିତ୍ୟ ଗବେଷକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀଙ୍କୁ ମର୍ଯ୍ୟାଦାଜନକ 'ବିଦଗ୍ଧକବି ଅଭିମନ୍ୟୁ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାରସ୍ୱତ ଗବେଷକ ଡକ୍ଟର ହରିହର କାନୁନ୍‌ଗୋ, ଡକ୍ଟର ଭାଗବତ ଶୁକ୍ଳ, ଡକ୍ଟର ବ୍ରଜବନ୍ଧୁ ପଣ୍ଡା, ସମାଜସେବିକା ଲୋପାମୁଦ୍ରା ଷଡଙ୍ଗୀ, ଶ୍ୟାମସୁନ୍ଦର ଜାଲ, ଗବେଷିକା ପ୍ରଣ୍ଣାକୁମାରୀ ଜେନା ତଥା ସଂସ୍କୃତି ସଂଗଠକ ଡକ୍ଟର ଅଶୋକ କୁମାର ପାଣିଗ୍ରାହୀ ପ୍ରମୁଖଙ୍କୁ ମଧ ସମ୍ବର୍ଦ୍ଧନା ଓ ସମ୍ମାନ ପ୍ରଦାନ କରାଯାଇଥିଲା।

# ସମ୍ବାଦପତ୍ର ବିକ୍ରେତା ସଂଘର ବଣଭୋଜି



**କଟକ,୨୮।୧/ଏନ୍ଏନ୍ଏସ୍:** ସମ୍ବାଦପତ୍ର ବିକ୍ରେତା ସଂଘର ୭୨ଜଣ ସଭ୍ୟ ବଣଭୋଜି ସୋନପୁର ବେଳାଭୂମିଠାରେ ହୋଇଯାଇଛି। ଏହାପରେ ସଦସ୍ୟମାନେ ଗଞ୍ଜାମ ଜିଲ୍ଲାରେ ଅବସ୍ଥିତ ମା' ତାରାତାରିଣୀ ମନ୍ଦିର , ମା' ବାଳକୁମାରୀ ମନ୍ଦିର ଓ ସିଦ୍ଧଭୈରବୀ ମନ୍ଦିର ପରିଦର୍ଶନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହସମ୍ପାଦକ ପ୍ରଶାନ୍ତ ସାହୁ, ମିଡିଆ ସେଲ୍ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ କେ. ବେଣୁ ରାଓ, ମନୋଜ ପାଲ, କାର୍ତ୍ତିକ ବେହେରା ଓ ହାଡିବନ୍ଧୁ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମାତା ବସୁଧାଙ୍କ ଅନୁଗ୍ରହରେ ପ୍ରସ୍ଫୁଟିତ ଫୁଲର ସମ୍ଭାର

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପୁଷ୍ପମେଳା 'ଧରା ଅନୁଗ୍ରହ'



**କଟକ,୨୮।୧/ଏନ୍ଏନ୍ଏସ୍:** ଶେଷ ମାଘର ଶୀତୁଆ ସ୍ପର୍ଶ ଲହଡ଼ି ମାରୁଛି ଏହି ଅଗଣିତ ଫୁଲର ସମ୍ଭାର ଉପରେ। ସତେଯେମିତି ଏଠି ଚାଲିଛି ଅଦିନିଆ ଫୁଲ-ଫଗୁଣର ରାଜୁତି। ଫୁଲେଇ ହୋଇ ଫୁଲ କହୁଛି ମୋତେ ନିଅ... ମୋତେ ନିଅ...। ଫୁଲରେ ଫୁଲରେ ସଜେଇ ହୋଇଛି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ। ଏହାର ସମଗ୍ର ପରିସର ମଧ୍ୟରେ ସଞ୍ଚରି ଯାଉଛି ଭଳିକି ଭଳି ଫୁଲର ସୁମଧୁର ବାସ୍ନା। ପ୍ରଥମ ଥର ପାଇଁ ଏଠି ଆୟୋଜିତ ହୋଇଛି ବିରାଟ ପୁଷ୍ପ ପ୍ରଦର୍ଶନୀ, ଯାହାର ନାଁ ରହିଛି 'ଧରା ଅନୁଗ୍ରହ।' ଆଉ ନିଜ ନାମକୁ ସାର୍ଥକ କରି ସତେଯେମିତି ଏଇଠାରେ ହିଁ ମାତା ବସୁଧା ଅଜାଡ଼ି ଦେଉଛନ୍ତି ତାଙ୍କର ଯେତେସବୁ କରୁଣା ବାରି - ଅନୁଗ୍ରହ। ଆଜ୍ଞା ହଁ, ଇଏ ହେଉଛି କଟକ ନିକଟସ୍ଥ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା ପାଞ୍ଚଦିନିଆ ପୁଷ୍ପ ପ୍ରଦର୍ଶନୀ। ବିଶ୍ୱବିଦ୍ୟାଳୟ କୃଷି ବିଭାଗ ପକ୍ଷରୁ ଆୟୋଜିତ ଏହି ପୁଷ୍ପ ମେଳା ଜାନୁଆରୀ ୨୮ ତାରିଖଠାରୁ ଆରମ୍ଭ ହୋଇ ଆସନ୍ତା ଫେବ୍ରୁଆରି ୧ ତାରିଖ ପର୍ଯ୍ୟନ୍ତ ଚାଲିବା କାର୍ଯ୍ୟକ୍ରମ ରହିଛି। ସହରାଞ୍ଚଳରେ ମଧ୍ୟ ସବୁଜିମାର ଲହରି ଖେଳାଇବାକୁ ଏହା ହେଉଛି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅଭିନବ ଉଦ୍ୟମ। ନିଜ କ୍ୟାମ୍ପସରେ ଦେଢ଼ଲକ୍ଷରୁ ଅଧିକ ବୃକ୍ଷରୋପଣ କରି ସ୍ଥାନୀୟ ଅଞ୍ଚଳରେ ପରିବେଶ ସୁରକ୍ଷାର ଅଗ୍ରଦୂତ ସାଜିଥିବା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏବେ ଜାତିଜାତିକା ଔଷଧୀୟ ବୃକ୍ଷ ଓ ହର୍ବାଲ୍ ଗାର୍ଡେନର ପେଣ୍ଠସ୍ଥଳୀ ପାଲଟିଛି। ବିଶେଷକରି ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଜନ୍ମର ସତୁରୀତମ ବର୍ଷ ଏବଂ 'ଆର୍ଟ ଅଫ୍ ଲିଭିଂ' ସଂସ୍ଥା ପ୍ରତିଷ୍ଠାର ୪୫ତମ ବର୍ଷ ଉପଲକ୍ଷେ ଏହି ପୁଷ୍ପ ପ୍ରଦର୍ଶନୀକୁ ଭବ୍ୟ ଓ ଦିବ୍ୟ ରୂପ ପ୍ରଦାନ କରାଯାଇଛି। ପାହାଡ଼ ଉପରେ କିସମ କିସମର ୧୦ ହଜାରରୁ ଅଧିକ କୁଣ୍ଡରେ ଫୁଲ ଫୁଟାଇ ସମାଜକୁ ଦିଆଯାଇ ପାରିଛି ଏକ ସକାରାତ୍ମକ ବାର୍ତ୍ତା। ଏହି ପୁଷ୍ପ ପ୍ରଦର୍ଶନୀରେ ରାଜ୍ୟର ଅନ୍ୟ ସାତଟି ବିଶ୍ୱବିଦ୍ୟାଳୟ ଏବଂ ପ୍ରାୟ ୨୦ଟି ବିଦ୍ୟାଳୟର ବିଦ୍ୟାର୍ଥୀ ପରିବେଶ ଓ ପୁଷ୍ପ ଉଦ୍ୟାନ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଖୋଲିଛନ୍ତି ଏକାଧିକ ଷ୍ଟଲ୍। ଉଦଘାଟନୀ ଉତ୍ସବରେ ଯୋଗଦେଇ କଟକ ମେୟର ସୁବାସ ସିଂ କହିଥିଲେ, ସିଏମସି ଅଧିକାରୀମାନଙ୍କୁ ଥରେ ଏହି ପୁଷ୍ପ ମେଳା ଦେଖିଯିବାକୁ ନିଶ୍ଚୟ କହିବେ। ବିଶ୍ୱବିଦ୍ୟାଳୟ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ ସ୍ଥାନୀୟ ଅଞ୍ଚଳରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କିଭଳି ପରିବେଶ ସୁରକ୍ଷାରେ ନିଜକୁ ନିୟୋଜିତ କରି ରଖିଛି, ସେକଥା ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓୟୁଏଟି (ବିଟିସି)ର ପୂର୍ବତନ ନିର୍ଦ୍ଦେଶିକା ପ୍ରଫେସର (ଡ.) ଶଶିକଳା ବେଉରା, କୁଳପତି ପ୍ରଫେସର (ଡ.) ତେଜପ୍ରତାପ, କୁଳସଚିବ ପ୍ରଫେସର (ଡ.) ଅନିଲ ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ବିଭାଗୀୟ ଡିନ୍ ପ୍ରଫେସର (ଡ.) ଏସ୍. କୁମାରସ୍ୱାମୀ ପ୍ରମୁଖ ଏହି ପାଞ୍ଚ ଦିବସୀୟ ପୁଷ୍ପ ପ୍ରଦର୍ଶନୀର ଉଦଘାଟନୀ ଦିବସରେ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଡ. ବୁଲବୁଲ୍ ବଲଲୀନା ମଞ୍ଚ ପରିଚାଳନା କରିଥିଲେ।

# ରାଜଧାନୀରେ 'ଓଡ଼ିଶା ବନ୍ଦ'ର ପ୍ରଭାବ







**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** ଚାଷୀଙ୍କ ସ୍ୱାର୍ଥ ପାଇଁ ରାଜରାସ୍ତାକୁ ଓହ୍ଲାଇଥିଲା ନବ ନିର୍ମାଣ କୃଷକ ସଂଗଠନ। ଏନେଇ ରାଜଧାନୀର ବିଭିନ୍ନ ଅଞ୍ଚଳରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ସହରରେ ପ୍ରବେଶ କରୁଥିବା ଛକରେ ଗାଡ଼ି ଅଟକାଇବା ସହ ଟାୟାର ଜାଳି ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ନବ ନିର୍ମାଣ କୃଷକ ସଙ୍ଗଠନର କର୍ମୀମାନେ। ଧାନ ମଣ୍ଡି ଅବ୍ୟବସ୍ଥା, ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କଠାରୁ ଫାଇନ୍ ଆଦାୟ, ଟାଟା ପାୱାରର ସ୍ମାର୍ଟ ମିଟର ନାମରେ ଶୋଷଣ ପ୍ରତିବାଦରେ ନବନିର୍ମାଣ କୃଷକ ସଂଗଠନର ଓଡ଼ିଶା ବନ୍ଦ ଡାକରା ଦେଇଥିଲେ। ଆଜି ନବ ନିର୍ମାଣ କୃଷକ ସଙ୍ଗଠନ ଓ ଛାତ୍ର ସଙ୍ଗଠନ ପକ୍ଷରୁ ଭୁବନେଶ୍ୱରରେ ଏକ ମୋଟର୍‌ସାଇକେଲ୍ ରାଲି କରାଯାଇଥିଲା। ରାମ ମନ୍ଦିର ପଟରୁ ରାଲି ଆସି ମାଷ୍ଟର କ୍ୟାଣ୍ଟିନ ଛକରେ ପହଞ୍ଚିବା ପରେ ପୁଲିସ ସହ ମୁହାଁମୁହିଁ ହୋଇଥିଲା। ଫଳରେ ରାଲିକୁ ପୁଲିସ ଅଟକାଇ ସମସ୍ତଙ୍କୁ ଗିରଫ କରିଛି। ବନ୍ଦକୁ ନଜର ଦେଇ ଭୁବନେଶ୍ୱରରେ ପୁଲିସ ପକ୍ଷରୁ ସୁରକ୍ଷାକୁ କଡ଼ାକଡ଼ି କରାଯାଇଥିଲା। ବନ୍ଦର ପ୍ରଭାବ ରାଜଧାନୀରେ ଆଂଶିକ ଭାବେ ଦେଖା ଦେଇଛି। ଭୁବନେଶ୍ୱରରେ ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ଥିବା ବେଳେ ସରକାରୀ କାର୍ଯ୍ୟାଳୟ, ସରକାରୀ ବିଦ୍ୟାଳୟ ଖୋଲା ରହିଥିଲା। ଯାନବାହନ ଚଳାଚଳ ବିଶେଷକରି ମୋଟର ସାଇକେଲ, କାର, ଆମ ବସ ଚଳାଚଳ ସ୍ୱାଭାବିକ ରହିଛି। ତେବେ କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତିର କୌଣସି ସୂଚନା ନଥିବା ଜଣାପଡ଼ିଛି। ଅପରପକ୍ଷେ ରାଜଧାନୀର ଅନେକ ସ୍କୁଲ, କଲେଜ ତଥା ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ବେଳେ କିଛି ଇଞ୍ଜିନିୟରିଂ କଲେଜରେ ପୂର୍ବରୁ ଧାର୍ଯ୍ୟ ହୋଇଥିବା ପରୀକ୍ଷା ମଧ କରାଯାଇଛି।

# ଶ୍ରୀଭାରତୀ ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ

**କଟକ,୨୮।୧/ଏନ୍ଏନ୍ଏସ୍:** ଶ୍ରୀଭାରତୀ ସ୍କୁଲର ଏକବିଂଶତମ ବାର୍ଷିକ କ୍ରୀଡ଼ା ଉତ୍ସବ କଟକର ଦି' ଲ' କଲେଜର ଖେଳ ପଡ଼ିଆଠାରେ ଦୁଇ ଦିନ ଧରି ପାଳିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ, ମୁଖ୍ୟଅତିଥି ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ସୁଶ୍ରୀ ରଶ୍ମିତା ନନ୍ଦୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ଜୟନ୍ତୀ ସିଂ ପ୍ରମୁଖ ବକ୍ତବ୍ୟ ରଖି ପିଲାମାନଙ୍କୁ ଶରୀରର ସୁସ୍ଥତା ଓ କ୍ରୀଡ଼ାର ଉପକାରିତା ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ଉତ୍ସବରେ ବିଶିଷ୍ଟ କ୍ରୀଡ଼ାବିତ୍ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଦେବାଶିଷ ସିହ୍ନା ଧନ୍ୟବାଦ୍ ଦେଇଥିଲେ।

# ଥଇଥାନ ଓ ପଟ୍ଟା ଦାବିରେ ବସ୍ତିବାସିନ୍ଦାଙ୍କ ବିକ୍ଷୋଭ

**କଟକ,୨୮।୧/ଏନ୍ଏନ୍ଏସ୍:** ବସ୍ତି ବାସିନ୍ଦାଙ୍କୁ କର୍ମସ୍ଥଳରେ ଥଇଥାନ ଓ ପଟା ଦାବିରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ କରାଯାଇଛି। ଆବାହକ ଖଗେଶ୍ୱର ସେଠୀଙ୍କ ପରିଚାଳନାରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ୟୁସିଆଇ (ସି) ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଶ୍ରମିକ ନେତା ରାଜକିଶୋର ମଲ୍ଲିକ,ବସ୍ତି ନେତା ଦିପକ ଦାସ, ସ୍ୱାଧିନୀ ବେହେରା, ସିପ୍ରା ମହାନ୍ତି ପ୍ରମୁଖ ବିକ୍ଷୋଭ ସ୍ଥଳରେ ବକ୍ତବ୍ୟ ରଖିଥିଲେ। ବସ୍ତିର ଲକ୍ଷ୍ମୀପ୍ରିୟା ସାହୁ,କୃଷ୍ଣ ଦାସ,ପାଣୁଆ ଦାସ, ଦ୍ରୌପଦୀ ଦାସ, ରଜନୀ ଦାସ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ। ବରହମପୁର ପୁରୁଣା ବସ୍ତି ବାସିନ୍ଦାମାନଙ୍କ ଥଇଥାନ କରାଯିବା ପାଇଁ ୨୦୨୧ରେ 'ଜାଗା ମିଶନ' କରାଯାଇଛି। ବସ୍ତି ଗୁଡିକୁ 'ଜାଗା ମିଶନ'ରେ ତାଲିକା ଭୁକ୍ତ କରାଯାଇଛି। ନିକଟରେ କିଛି ମାସ ହେବ ସିଏମସି ପକ୍ଷରୁ ବସ୍ତି ବାସିନ୍ଦାମାନଙ୍କୁ ନରଣପୁର ସ୍ଥିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ ଆଫୋର୍ଡେବଲ ହାଉସିଂ ପାର୍ଟନରସିପ୍‌ରେ ନିର୍ମିତ ଘର କିଣି ଯିବା ପାଇଁ ଚାପ ପକା ଯାଉଛି। ବରହମପୁର ବସ୍ତି ବାସିନ୍ଦାଙ୍କୁ ବିନା ଥଇଥାନରେ ଉଚ୍ଛେଦ ବନ୍ଦ କରିବା ସହ କର୍ମସ୍ଥଳ ନିକଟରେ ଥଇଥାନ କରିବା ସହ ପଟା ଦେବା ଦାବିରେଏକ ସ୍ମାରକପତ୍ର ସିଏମ୍‌ସି କମିଶନରଙ୍କୁ ମଞ୍ଚ ପକ୍ଷରୁ ପ୍ରଦାନ କରାଯାଇଛି।

# ସଡ଼କ ସୁରକ୍ଷା ପାଇଁ ସଚେତନତା ଲୋଡ଼ା



**କଟକ,୨୮।୧/ଏନ୍ଏନ୍ଏସ୍:** ସ୍ୱେଚ୍ଛସେବୀ ସଂଗଠନ 'ତ୍ରିଧାରା' ଆନୁକୂଲ୍ୟରେ ଅନୁଷ୍ଠାନର ସମ୍ପାଦକ ରଞ୍ଜନ କୁମାର ମହାପାତ୍ରଙ୍କ ପରିଚାଳନାରେ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସଚେତନତା ସଭା ଓ ମର୍ଯ୍ୟାଦାଜନକ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବ କଟକ ରେଭେନ୍‌ସା କଲିଜିଏଟ୍ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ଜଷ୍ଟିସ ଏ.ଏସ୍. ନାଇଡୁ ସମସ୍ତେ ସଚେତନ ହେଲେ ସଡ଼କ ସୁରକ୍ଷା ସମ୍ଭବ ବୋଲି କହିଥିଲେ। ମୁଖ୍ୟଅତିଥି ଅତିରିକ୍ତ ପରିବହନ କମିଶନର୍ ଇନ୍ଦ୍ରମଣୀ ନାଏକ, ସେକ୍ରେଟାରୀ ଶିବ ଟପ୍ପୋ, ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ, ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାଶ, ରବିନ ପଟ୍ଟନାୟକ ଓ ଶିକ୍ଷୟିତ୍ରୀ ସୁଶ୍ରୀ ପ୍ରଗତି ପଣ୍ଡା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବରିଷ୍ଠ ସାମ୍ବାଦିକ ଡଃ ସତ୍ୟ ରାୟ ସଭାପତିତ୍ୱ କରିଥିଲେ। ସଡ଼କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ପରିବନ ଆୟୁକ୍ତ ଅମିତାଭ ଠାକୁରଙ୍କୁ ଏ ଅବସରରେ ରାଜନ୍ଦ୍ର ମୋହନ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ସଂଘମିତ୍ରା ପଟ୍ଟନାୟକ ଧନ୍ୟବାଦ୍ ଦେଇଥିଲେ।

# କୁଟିଆ କନ୍ଧଙ୍କ ଜୀବନୀ ଆଧାରିତ ଉପନ୍ୟାସ 'ମୁଖ୍ୟସ୍ରୋତ' ଉନ୍ମୋଚିତ

**ଭୁବନେଶ୍ୱର,୨୮।୧/ଏନ୍ଏନ୍ଏସ୍:** କୁଟିଆ କନ୍ଧ ମାନଙ୍କ ଜୀବନୀ ଆଧାରିତ ଉପନ୍ୟାସ 'ମୁଖ୍ୟସ୍ରୋତ' ଉନ୍ମୋଚିତ ହୋଇଛି। ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଏହା ହେଉଛି ପ୍ରଥମ ଉପନ୍ୟାସ। ସ୍ଥାନୀୟ ବୁଦ୍ଧ ମନ୍ଦିର ଅଡିଟୋରିୟମରେ ଆୟୋଜିତ ଉନ୍ମୋଚନ ଉତ୍ସବରେ ଔପନ୍ୟାସିକା ସରୋଜିନୀ ସାହୁ, ସାହିତ୍ୟିକ ଅଜୟ ସ୍ୱାଇଁ, ପୁସ୍ତକର ପ୍ରକାଶକ ଆଦିତ୍ୟ ଭାରତ ନିର୍ଦ୍ଦେଶକ ଦେବାଶିଷ ସାମନ୍ତରାୟ, କଥାଶିଳ୍ପୀ ଚିରଶ୍ରୀ ଇନ୍ଦରସିଂ, ସାହିତ୍ୟପ୍ରେମୀ ଓ ସବୁ ବର୍ଗର ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଏହି ଉପନ୍ୟାସରେ କୁଟିଆ କନ୍ଧଙ୍କ ଜୀବନୀ ଓ ସଂସ୍କୃତି ଉପରେ ଏକ ସ୍ୱତନ୍ତ୍ର ଆଲେଖ୍ୟ ରହିଛି। ସେମାନଙ୍କ ଉଚ୍ଚ ପରମ୍ପରା, ପ୍ରଥା, ସେମାନଙ୍କ ଜୀବିକା ଉପାର୍ଜନକୁ ବିଭିନ୍ନ ପ୍ରାମାଣିକ ଉପସ୍ଥାପନା ମାଧ୍ୟମରେ ପାଠକମାନଙ୍କୁ ଶ୍ରୀ ଋତୁରାଜ ଭେଟି ଦେଇଛନ୍ତି। ବିରଳ ପ୍ରାୟ ଏହି ଜନଜାତିଙ୍କୁ ମୁଖ୍ୟସ୍ରୋତ ନୁହେଁ ବରଂ ନିଜସହ ଅର୍ଥାତ ନିଜ ପାର୍ଶ୍ୱରେ ନେଇ ଆଗକୁ ବଢ଼େଇବାର ପ୍ରୟାସ ଏହି ପୁସ୍ତକରେ ଉଲ୍ଲେଖ ରହିଛି। ପ୍ରକୃତି ସହ ନିବିଡ଼ ଆତ୍ମୀୟତା, ବିଶ୍ୱାସ ଓ ଆଧୁନିକ ସମୟରେ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଅବତାରଣା କରାଯାଇଛି। ଅନାଲୋଚିତ ଦିଗ ଉପରେ ଆଲୋଚନା ସହ ବିଭିନ୍ନ ଉପାଦେୟ ଚରିତ୍ର ମାଧ୍ୟମରେ ଏହି ଉପନ୍ୟାସ ଜୀବନ୍ତ ହୋଇ ଉଠିଛି। ଏହା ପାଠକମାନଙ୍କ ଆଦୃତି ସହ ଜନଜାତି ମାନଙ୍କ ଉପରେ ଗବେଷଣା କରୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଉପାଦେୟ ତଥ୍ୟ ରହିଛି। ପ୍ରଶାସନିକ କାର୍ଯ୍ୟରୁ ସମୟ ବାହାର କରି ଏହି ଅଞ୍ଚଳର ଜନଜାତିମାନଙ୍କ ସହ ବିତିଥିବା ସମୟର ଅନୁଭବ ଓ ଅନୁଭୂତି ସମ୍ପର୍କରେ ଔପନାସିକ ଶ୍ରୀ ଋତୁରାଜ ଉଲ୍ଲେଖ କରିଛନ୍ତି।

# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

## ଖ୍ରୀଷ୍ଟ କଲେଜ



**କଟକ,୨୮।୧/ଏନ୍ଏନ୍ଏସ୍:** ଖ୍ରୀଷ୍ଟ କଲେଜରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷା ମଧୁମିତା ପାତ୍ର ଜାତୀୟ ପତାକା ଉତୋଳନ କରିଥିଲେ। ପରିଚ୍ଚଳନା ସମିତିର ସଭାପତି ଅନୁପମ ପାତ୍ର, ଉପାଧ୍ୟକ୍ଷା ଡଃ କ୍ଷଣପ୍ରଭା ନନ୍ଦ, ଡଃ ଯୋଗଶଙ୍କର ମହାପ୍ରଶସ୍ତ, ଡଃ ଦୈତ୍ୟାରୀ ଶୁକ୍ଳ, ଡଃ ବିନିତା ନନ୍ଦ, ପ୍ରାଧ୍ୟାପକ ଶୋଭନ ପଣ୍ଡା,ଡଃ ଅଶୋକ କୁମାର ସାହୁ, ଅଧ୍ୟାପକ ସୁବ୍ରତ ବଳ, ମୁଖ୍ୟକିରାଣୀ ସୁରେନ୍ଦ୍ର କୁମାର ସାହୁ, କ୍ରୀଡ଼ା ଶିକ୍ଷକ ଶୁଭମ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମେଡିକାଲ୍ କର୍ମଚାରୀ ସଂଘ



କଟକ ଜିଲ୍ଲା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ଜିଲ୍ଲା ମୁଖ୍ୟଚିକିସାଳୟ ସିଟି ହସ୍ପିଟାଲ ପରିସରରେ ଥିବା ସଂଘ କାର୍ଯ୍ୟାଳୟ ଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସମ୍ପାଦକ ପ୍ରଶାନ୍ତ କୁମାର ଶତପଥି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବରିଷ୍ଠ ରେଡ଼ିଓଗ୍ରାଫର୍ ସୁବାସ ଚନ୍ଦ୍ର ସେଠୀ,ରେଡ଼ିଓଗ୍ରାଫର୍ ସଞ୍ଜୟ କୁମାର ଦଳେଇ, ଦିଲ୍ଲୀପ ମହାପାତ୍ର, ଜୟନ୍ତ କୁମାର ବେହେରା, ନନ୍ଦକିଶୋର ନାୟକ, ସେକ ମଞ୍ଜୁର, ମହମ୍ମଦ ଲିଆକତ, ସନ୍ତୋଷ କୁମାର ନାୟକ, ଲଳିତ କୁମାର ରାଉତ, ରାଜକିଶୋର ଗୋଛାୟତ, ଚଞ୍ଚଳା ସ୍ୱାଇଁ, ପ୍ରଭାତି ନାୟକ, ଆଲ୍ଲାଉଦ୍ଦିନ ମଲ୍ଲିକ, ରାମଚନ୍ଦ୍ର ନାୟକ, ଭରତ ମୁଖୀ ଓ ଅଜିତ କୁମାର ଦେ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

## ଭାରତ ମସଲା



ମସଲା ପ୍ରସ୍ତୁତକାରୀ ସଂସ୍ଥା 'ଭାରତ ମସଲା' ପକ୍ଷରୁ ବାରଙ୍ଗସ୍ଥିତ ରାମଦାସ ପୁର କାରଖାନା ପରିସରରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟଅତିଥି ଭାବେ ସିଆରପିଏଫ୍‌ର ଅବସରପ୍ରାପ୍ତ ଆଇଜି ସୁବ୍ରତ କୁମାର ମିଶ୍ର ଯୋଗଦେଇ ଥିଲେ। ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କ ସମେତ ସମ୍ମାନିତ ଅତିଥିଭାବେ ଦୂରଦର୍ଶୀର ସମ୍ପାଦକ ଦୁର୍ଗା ସାମନ୍ତରାୟ,ଜିଏମ୍ ଅପରେସନ ଅରୁଣ ନାୟକ,ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ ଉପସ୍ଥିତ ଥିଲେ।

## ଇମର୍ତ୍ତୀ ଦେବୀ ମହିଳା କଲେଜ



ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ୭୭ତମ ସାଧାରଣନ୍ତ୍ର ଦିବସ ପାଳିତ ହୋଇଯାଇଛି। ଡାକ୍ତର ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପିକା ଅପରାଜିତା ମହାନ୍ତି,ଦେବାଶିଷ ସ୍ୱାଇଁ,ଉଷାରାଣୀ ରଥଙ୍କ ସମେତ ସମସ୍ତ ଅଧ୍ୟାପକ,ଅଧ୍ୟାପିକା,ଛାତ୍ରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ ।

## ଅଭିପ୍‌ସା

ଅଗ୍ରଣୀ ସାଂସ୍କୃତିକ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଅଭିପ୍‌ସା'ର ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ 'ଜୟ ତ୍ରିରଙ୍ଗା' ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଗାନ୍ଧୀଭବନ, କଟକଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସଂଗ୍ରାମ କେଶରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ ମୁଖ୍ୟ ଅତିଥି, ଚାରଣ ବିଷ୍ଣୁପଦ ଦାସ, ଶକୁନ୍ତଳା ପଟ୍ଟନାୟକ, ସୁଲତା ପଣ୍ଡା, ଡ଼କ୍ଟର ସୁଶ୍ରୀ ମିଶ୍ର, ଶିକ୍ଷୟତ୍ରୀ ବନଜା ନଳିନୀ ପୃଷ୍ଟି, ଚିତ୍ରଶିଳ୍ପୀ ସବିତା ମଞ୍ଜରୀ ଦାଶ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ।

# ଭିଏସ୍‌ଏସ୍ ନଗରରେ ସାଧାରଣତନ୍ତ୍ର ଦିବସ



**ଭୁବନେଶ୍ୱର, ୨୮।୧/ଏନ୍ଏନ୍ଏସ୍:** ବୀରସୁରେନ୍ଦ୍ରସାଏ ନଗରରେ ଉନ୍ନୟନ ପରିଷଦ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ପତକା ଉତ୍ତୋଳନ କାର୍ଯ୍ୟକ୍ରମରେ କର୍ପୋରେଟର ପ୍ରଭାସିନୀ ମହାନ୍ତି ପତାକା ଉତ୍ତୋଳନ କରିଥିବାବେଳେ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ସଭାକୁ ବରିଷ୍ଠ ସଦସ୍ୟ ତ୍ରିଲୋଚନ ରଥ ସଂଯୋଜନା କରିଥିବାବେଳେ ଯୁଗ୍ମ-ସମ୍ପାଦକ ରାମଚନ୍ଦ୍ର ସାମଲ, ଉତ୍କଳ ପାଣିଗ୍ରାହୀ, ନଳିନୀ କର, ଜ୍ୟୋତି ପ୍ରକାଶ ପତି, ଇଶା ମହାନ୍ତି, କୈଳାସ ରଣା, ମମତା ବେହେରା, ବିଜୟ ନାୟକ, କିଶୁ ସାମଲ ଓ ଚନ୍ଦ୍ରଶେଖର ପାତ୍ରଙ୍କ ସହିତ କଲୋନୀର ମହିଳା ଓ ଛୋଟଛୋଟ ପିଲାମାନେ ଭାଗ ନେଇଥିଲେ।

### ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍

# ଟପ୍-୧୦କୁ ଫେରିଲେ ସୂର୍ଯ୍ୟକୁମାର

### ଜସ୍‌ପ୍ରୀତ୍ ବୁମ୍‌ରା, ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବି ଲାଭ



**ଦୁବାଇ,୨୮।୧/ଏଜେନ୍ସି:** ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଟିମ୍ ପାଇଁ ଖୁସି ଖବର। ଆଇସିସି ସଦ୍ୟତମ ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତର ବହୁ ଷ୍ଟାର୍ ଖେଳାଳି ନିଜ ନିଜ ସ୍ଥାନରେ ସୁଧାର କରିଛନ୍ତି। ଏହି କାରଣରୁ ଟୁର୍ଣ୍ଣାମେଣ୍ଟ୍ ପୂର୍ବରୁ ଟିମ୍ ଇଣ୍ଡିଆର ମନୋବଳ ଆହୁରି ଶକ୍ତିଶାଳୀ ହୋଇଛି।

ଭାରତୀୟ ଓପ୍ନର୍ ଅଭିଷେକ ଶର୍ମା ନିଜ ଚମତ୍କାର ଫର୍ମ ବଳରେ ଟି-୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ନମ୍ବର-୧ ସ୍ଥାନକୁ ଆହୁରି ଶକ୍ତିଶାଳୀକରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ ଜାରି ପାଞ୍ଚ ମ୍ୟାଚ୍‌ର ଟି-୨୦ ସିରିଜ୍‌ରେ ଦୁଇଟି ଅର୍ଦ୍ଧଶତକର ଦମ୍‌ରେ ଅଭିଷେକ ନିଜ ଅଗ୍ରଣୀକୁ ୮୦ ରେଟିଂ ପଏଣ୍ଟରେ ପହଞ୍ଚାଇଛନ୍ତି। ଏବେ ଅଭିଷେକଙ୍କ ରେଟିଂ ପଏଣ୍ଟ ୯୨୯ ହୋଇଛି, ଯାହା ତାଙ୍କ କ୍ୟାରିୟର୍‌ର ସର୍ବଶ୍ରେଷ୍ଠ ୯୩୧ ଠାରୁ ମାତ୍ର ଦୁଇ ପଏଣ୍ଟ କମ୍। ତାଲିକାର ଦ୍ୱିତୀୟ ସ୍ଥାନରେ ଇଂଲଣ୍ଡର ଫିଲ୍ ସଲ୍ଟ (୮୪୯ ପଏଣ୍ଟ) ଥିବାବେଳେ ତୃତୀୟ ସ୍ଥାନରେ ଭାରତର ତିଳକ ବର୍ମା (୭୮୧ ପଏଣ୍ଟ) ରହିଛନ୍ତି।

ଭାରତୀୟ ଟି-୨୦ ଟିମ୍ କ୍ୟାପ୍ଟେନ୍ ସୂର୍ଯ୍ୟକୁମାର ଯାଦବ ମଧ୍ୟ ବଡ଼ ଲମ୍ଫ ପ୍ରଦାନ କରିଛନ୍ତି। ଗୁଆହାଟୀରେ ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟି-୨୦ରେ ଅପରାଜିତ ୫୭ ରନ୍‌ର ଇନିଂସ୍ ଖେଳିବା ପରେ ସେ ପାଞ୍ଚ ସ୍ଥାନ ଉପରକୁ ଉଠି ସପ୍ତମରେ ପହଞ୍ଚିଛନ୍ତି।

ତୃତୀୟ ଟି-୨୦ରେ ତିନିଟି ୱିକେଟ୍ ନେଇଥିବା ଜସ୍‌ପ୍ରୀତ୍ ବୁମ୍‌ରା ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ୪ ସ୍ଥାନର ଲମ୍ଫ ପ୍ରଦାନ କରି ୧୩ଶ ସ୍ଥାନରେ ପହଞ୍ଚିଛନ୍ତି। ସେହିପରି ବରୁଣ ଚକ୍ରବର୍ତ୍ତୀ ଏବେ ବି ଟି-୨୦ ବୋଲିଂ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନରେ ରହିଛନ୍ତି। ଟି-୨୦ ଅଲ୍‌ରାଉଣ୍ଡର୍ ର୍‍ୟାଙ୍କିଙ୍ଗ୍‌ରେ ମଧ୍ୟ ଭାରତୀୟ ଖେଳାଳିଙ୍କୁ ଲାଭ ହୋଇଛି। ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ସ୍ଥାନର ସୁଧାର ସହ ତୃତୀୟ ଏବଂ ଶିଭମ୍ ଦୁବେ ଛଅ ସ୍ଥାନର ଲମ୍ଫ ପ୍ରଦାନ କରି ଏକାଦଶ ନମ୍ବରରେ ପହଞ୍ଚିଛନ୍ତି। ଅବଶ୍ୟ ଅଲ୍‌ରାଉଣ୍ଡର୍ ସୂଚୀର ଶୀର୍ଷରେ ଜିମ୍ବାୱେର ସିକନ୍ଦର ରଜା ଏବେ ବି ଶୀର୍ଷସ୍ଥାନରେ କାଏମ ରହିଛନ୍ତି।

ର୍‍ୟାଙ୍କିଙ୍ଗ୍‌ରେ ଅନ୍ୟ ଟିମ୍‌ର ଖେଳାଳିମାନେ ମଧ୍ୟ ସୁଧାର କରିଛନ୍ତି। ସାଉଥ୍ ଆଫ୍ରିକାର ଏଡେନ୍ ମାର୍କରମ୍ ୯ ସ୍ଥାନ ଉପରକୁ ଉଠି ବ୍ୟାଟିଂ ସୂଚୀର ୨୦ତମ ସ୍ଥାନରେ ପହଞ୍ଚିଛନ୍ତି। ୱେଷ୍ଟଇଣ୍ଡିଜ୍‌ର ବ୍ରେଣ୍ଡନ୍ କିଙ୍ଗ୍ ୧୫ ସ୍ଥାନର ସୁଧାର ସହ ୩୫ତମ ଏବଂ ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସ ୧୮ ସ୍ଥାନ ଉପରକୁ ଉଠି ୪୪ତମ ନମ୍ବରରେ ପହଞ୍ଚିଛନ୍ତି। ବୋଲିଂ ସୂଚୀରେ ଆଫଗାନିସ୍ତାନର ମୁଜିବ୍ ଉର୍ ରହମାନ୍ ୯ମ, ସାଉଥ୍ ଆଫ୍ରିକାର କର୍ବିନ୍ ବଶ୍ ୩୨ତମ ଏବଂ ୱେଷ୍ଟଇଣ୍ଡିଜ୍‌ର ମାଥ୍ୟୁ ଫୋର୍ଡେ ୪୭ତମ ସ୍ଥାନରେ ବିରାଜମାନ ଅଛନ୍ତି। ଟି-୨୦ ଅଲ୍‌ରାଉଣ୍ଡର୍ ର୍‍ୟାଙ୍କିଙ୍ଗ୍‌ରେନେପାଳର ଦୀପେନ୍ଦ୍ର ଐରୀ ଓ ଆଫଗାନିସ୍ତାନର ଅଜମତୁଲ୍ଲାହ ଉପରଜଇ ସଂଯୁକ୍ତ ଭାବେ ୬ଷ୍ଠ ସ୍ଥାନରେ ପହଞ୍ଚିଛନ୍ତି।

### ଅଟକିଲା ଟିମ୍ ଇଣ୍ଡିଆର ବିଜୟ ରଥ

# ନ୍ୟୁଜିଲାଣ୍ଡ ୫୦ ରନ୍‌ରେ ବିଜୟୀ

### ଶିଭମ୍ ଦୁବେଙ୍କ ବିସ୍ଫୋରକ ଇନିଂସ୍ ବେକାର



**ବିଶାଖାପାଟଣା,୨୮।୧/ଏଜେନ୍ସି:** ଚଳିତ ନୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ରେ ଟିମ୍ ଇଣ୍ଡିଆର ବିଜୟ ଧାରାରେ ବ୍ରେକ୍ ଲାଗିଛି। ବୁଧବାର ସ୍ଥାନୀୟ ଡା. ୱାଇଏସ୍ ରାଜଶେଖରୀ ରେଡ୍‌ଡୀ ଏସିଏ-ଭିଡିସିଏ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଚତୁର୍ଥ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫୦ ରନ୍‌ରେ ଭାରତକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ ପାଇଥିବା ନ୍ୟୁଜିଲାଣ୍ଡ ୭ ୱିକେଟ୍‌ରେ ୨୧୫ ରନ୍ କରିଥିବା ବେଳେ ଭାରତ ୧୮.୪ ଓଭର୍‌ରେ ମାତ୍ର ୧୬୫ ରନ୍‌ରେ ଅଲ୍‌ଆଉଟ୍ ହୋଇଛି। ଭାରତ ପକ୍ଷରୁ ଶିଭମ୍ ଦୁବେ ୭ଛକା ଓ ତିନି ଚୌକା ସହାୟତାରେ ୨୩ ବଲ୍‌ରେ ୬୫ ରନ୍‌ର ଇନିଂସ୍ ଖେଳିଥିଲେ ମଧ୍ୟ ଟିମ୍‌କୁ ବିଜୟୀ କରାଇପାରି ନଥିଲେ। ଏହା ପୂର୍ବରୁ ଟିମ୍ ଇଣ୍ଡିଆ ପ୍ରଥମ ତିନିଟି ମ୍ୟାଚ୍ ଜିତି ସିରିଜ୍ ନିଜ ନାମରେ କରିସାରିଛି।

ଲକ୍ଷ୍ୟର ପିଛା କରୁଥିବା ଭାରତର ଆରମ୍ଭ ବହୁ ଖରାପଥିଲା। ୯ ରନ୍‌ର ସ୍କୋର୍‌ରେ ଅଭିଷେକ ଶର୍ମା (୦) ଏବଂ କ୍ୟାପ୍ଟେନ୍ ସୂର୍ଯ୍ୟକୁମାର ଯାଦବ (୮ ରନ୍)ଙ୍କ ୱିକେଟ୍ ହରାଇଥିଲା। ସଞ୍ଜୁ ସାମ୍‌ସନ୍ ୨୪ ରନ୍‌ର କରି କ୍ୟାପ୍ଟେନ୍ ମିଚେଲ୍ ସାଣ୍ଟନର୍‌ଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ମାତ୍ର ୨ ରନ୍‌ରେ ବିଦାୟ ନେଇଥିଲେ। ରିଙ୍କୁ ସିଂହ ଲୟରେ ଥିଲେ ମଧ୍ୟ ବଡ଼ ଇନିଂସ୍ ଖେଳିପାରି ନଥିଲେ। ୩ ଚୌକା ଓ ଦୁଇଟି ଛକା ସହାୟତାରେ ସେ ୩୦ ବଲ୍‌ରେ ୩୯ ରନ୍ କରିଥିଲେ। ରିଙ୍କୁ ସିଂହଙ୍କ ଆଉଟ୍ ବେଳକୁ ସ୍କୋର୍ ୮୨/୫ ଥିଲା। ଏହାପରେ ଶିଭମ୍ ଦୁବେ ଆକ୍ରମଣାତ୍ମକ ବ୍ୟାଟିଂ କରି ୬ ଛକା ଓଦୁଇ ଚୌକା ସହାୟତାରେ ମାତ୍ର ୧୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ତେବେ ଏହାପରେ ବେଶୀ ସମୟ କ୍ରିଜ୍‌ରେ ରହିପାରି ନଥିଲେ ଏବଂ ରନ୍‌ଆଉଟ୍ ହୋଇଥିଲେ। ଏହାପରେ ଭାରତର ବିଜୟ ଆଶା ମଉଳି ଯାଇଥିଲା। ହର୍ଷିତ ରାଣା (୯ ର୍), ଅର୍ଶଦୀପ ସିଂହ (୦), ଜସ୍‌ପ୍ରୀତ୍ ବୁମ୍‌ରା (୪ ରନ୍) ଏବଂ କୁଲଦୀପ୍ ଯାଦବ (୧ ରନ୍) ଶେଷ ଚାରି ୱିକେଟ୍ ଭାବେ ବିଦାୟ ନେଇଥିଲେ। ନ୍ୟଜିଲାଣ୍ଡ ପକ୍ଷରୁ ମିଚେଲ୍ ସାଣ୍ଟନର୍ ୩ଟି ୱିକେଟ୍ ନେଇଥିବା ବେଳେ ଜ୍ୟାକବ୍ ଡଫି ଓ ଈଶ୍ ସୋଢ଼ୀଙ୍କୁ ୨-୨ ସଫଳତା ମିଳିଥିଲା। କଜାରୀ ଫାଉଲ୍‌କେସ୍ ଓ ମ୍ୟାଟ୍ ହେନରୀଙ୍କୁ ୧-୧ ୱିକେଟ୍ ମିଳିଥିଲା।

ପ୍ରଥମେ ବ୍ୟାଟିଂ ପାଇଥିବା ନ୍ୟୁଜିଲାଣ୍ଡର ଆରମ୍ଭ ବିସ୍ଫୋରକ ଥିଲା। ଟିମ୍ ସେଫର୍ଟ ଓ ଡେଭନ୍ କନ୍‌ୱେଙ୍କ ମଧ୍ୟରେ ୧୦୦ ରନ୍‌ର ଓପ୍ନିଂ ପାର୍ଟନରଶିପ୍ ହୋଇଥିଲା। ସେଫର୍ଟ ୫ ଚୌକା ଓ ୩ ଛକା ସହାୟତାରେ ୨୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ବେଳେ କନ୍‌ୱେ ୪ ଚୌକା ଓ ତିନି ଛକା ବଳରେ ୨୩ ବଲ୍‌ରେ ୪୪ରନ୍‌ର ଯୋଗଦାନ କରିଥିଲେ। ରଚିନ୍ ରବୀନ୍ଦ୍ର ମାତ୍ର ୨ ରନ୍‌କରି ବୁମ୍‌ରାଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ସେଫର୍ଟ୭ ଚୌକା ଓ ତିନି ଛକାସହାୟତାରେ ୩୬ ବଲ୍‌ରେ୬୨ ରନ୍ କରି ଅର୍ଶଦୀପଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଏହାପରେ ଗ୍ଲେନ୍ ଫିଲିପ୍ସ ୨୪ ଓମାର୍କ ଚାପ୍‌ମ୍ୟାନ୍ ୯ ରନ୍ କରି ବିଦାୟ ନେଇଥିଲେ। ସାଣ୍ଟନର୍ ୧୧ ରନ୍ କରିଥିବା ବେଳେ ଡାରିଲ୍‌ମିଚେଲ୍ ୧୮ ବଲ୍‌ରେ ଅପରାଜିତ ୩୯ ରନ୍ କରି ଟିମ୍‌କୁ ବଡ଼ ସ୍କୋର୍‌ରେ ପହଞ୍ଚାଇଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ ଓ କୁଲଦୀପ ଯାଦବ ୨-୨ ୱିକେଟ୍ ନେଇଥିଲେ। ବୁମ୍‌ରା ଓ ରବି ବିଷ୍ଣୋଇଙ୍କୁ ୧-୧ ସଫଳତା ମିଳିଥିଲା। ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ୨୫ ତାରିଖରେ ତିରୁଅନନ୍ତପୁରମ୍‌ରେ ଖେଳାଯିବ।

### ବାଂଲାଦେଶ ସରକାରଙ୍କ ବଡ଼ ନିଷ୍ପତ୍ତି

# ଶୁଟିଂ ଟିମ୍‌ର ଭାରତ ଗସ୍ତକୁ ମଞ୍ଜୁରୀ



**ଢାକା,୨୮।୧/ଏଜେନ୍ସି:** ବାଂଲାଦେଶର ଦୁଇଜଣିଆ ଶୁଟିଂ ଟିମ୍‌କୁ ଶେଷରେ ସରକାରୀ ମଞ୍ଜୁରୀ ମିଳିଛି। ଟିମ୍ ଫେବୃଆରୀ ୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ହେବାକୁ ଥିବା ଏସିଆନ୍ ଶୁଟିଂ ଚାମ୍ପିଅନ୍‌ଶିପ୍‌ରେ ଭାଗ ନେବେ। ମଞ୍ଜୁରୀ ଅନ୍ତିମ ମୁହୂର୍ତ୍ତରେ ମିଳିଛି। କାରଣ ଏହା ପୂର୍ବରୁ ବାଂଲାଦେଶ ଅନ୍ତରୀଣ ସରକାର ସୁରକ୍ଷା କାରଣର ଦ୍ୱାହି ଦେଇ ଆଇସିସିଟି-୨୦ ବିଶ୍ୱକପ୍ ମ୍ୟାଚ୍ ପାଇଁ ଜାତୀୟ ଟିମ୍‌କ ଭାରତ ପଠାଇବାକୁ ମନା କରିଦେଇଥିଲା। ଭାରତ ନଯିବା କାରଣରୁ ବାଂଲାଦେଶ କ୍ରିକେଟ୍ ଟିମ୍‌କୁ ଟୁର୍ଣ୍ଣାମେଣ୍ଟରୁ ବାହାର ହେବାକୁ ପଡ଼ିଛି ଏବଂ ତା' ସ୍ଥାନରେ ସ୍କଟ୍‌ଲାଣ୍ଡକୁ ସାମିଲ କରାଯାଇଛି। ଏପରି ସ୍ଥିତିରେ ଶୁଟିଂ ଟିମ୍‌କୁ ମିଳିଥିବା ଅନୁମତିକୁ ନେଇ ପ୍ରଶ୍ନ ଉଠିଛି। ବାଂଲାଦେଶର ଶୀର୍ଷ ରାଇଫଲ୍ ଶୁଟର୍ ରୋବିଲ୍ ଇସ୍ଲାମ୍ ଫେବୃଆରୀ ୬ରେ ହେବାକୁ ଥିବା ୧୦ ମିଟର ଏୟାର୍ ରାଇଫଲ୍ ଇଭେଣ୍ଟରେ ଭାଗନେବ ଏବଂ ସେ ଜାନୁଆରୀ ୩୧ରେ ଭାରତ ଅଭିମୁଖେ ଯାତ୍ରା କରିବା ସମ୍ଭାବନା ରହିଛି। ଖେଳାଳିରୁ କୋଚ୍ ହୋଇଥିବା ଶର୍ମିନ୍ ଅଖତର ଟିମ୍‌ର ଦ୍ୱିତୀୟ ସଦସ୍ୟ ଭାବେ ରୋବିଉଲ୍‌ଙ୍କ ସହ ଏହି ଗସ୍ତରେ ଯିବେ।

ଯୁବ ଓ ଖେଳ ମନ୍ତ୍ରଣାଳୟ ସଚିବ ମହବୁବ୍ ଉଲ୍ ଆଲମ୍ ଏହି ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରି କହିଛନ୍ତି, ଶୁଟିଂ ଟିମ୍ ଏବଂ କ୍ରିକେଟ୍ ଟିମ୍ ମାମଲାକୁ ସରକାର ଅଲଗା ଅଲଗା ଭାବେ ଦେଖୁଛନ୍ତି। ସେ କହିଛନ୍ତି, କେବଳ ଜଣେ ଖେଳାଳି ଓ ଜଣେ କୋଚ୍ ଭାରତ ଯାଉଛନ୍ତି। ପ୍ରତିଯୋଗିତା ସ୍ଥଳ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ସାଧାରଣ ଦର୍ଶକଙ୍କ ସଂଖ୍ୟା ବହୁ ସୀମିତ ରହିବ। ଆୟୋଜକ ଦେଶ ସୁରକ୍ଷାକୁ ନେଇ ଆମକୁ ପୂରା ଆଶ୍ୱସ୍ତ କରିଛି। ସେ ଏହା ମଧ୍ୟ କହିଛନ୍ତି, ଖେଳ ପରାମର୍ଶଦାତା ଆସିଫ୍ ନଜରୁଲ୍ ବାଂଲାଦେଶ ଶୁଟିଂ ସ୍ପୋର୍ଟ୍ସ ଫେଡେରେସନ୍ ସାଧାରଣ ସମ୍ପାଦକ ଫିରଦୌସ ଆରା ଖାନମ୍‌ଙ୍କ ସହ ଆଲୋଚନା ପରେ ସରକାରୀ ଅର୍ଡର୍ ଜାରି କରିବାର ଅନୁମତି ଦେଇଛନ୍ତି।

# ଥାଇଲାଣ୍ଡ ମାଷ୍ଟର୍ସ ଦ୍ୱିତୀୟ ରାଉଣ୍ଡ୍‌ରେ କିରଣ

### ମଞ୍ଜୁନାଥ ଓ ଅନମୋଲ୍ ବି ଆଗେଇଲେ



**ବ୍ୟାଙ୍କକ୍,୨୮।୧/ଏଜେନ୍ସି:** ଭାରତର କିରଣ ଜର୍ଜ ଓ ମିଥୁନ୍ ମଞ୍ଜୁନାଥ ଥାଇଲାଣ୍ଡ୍ ମାଷ୍ଟର୍ସ ସପର୍ ୩୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ପୁରଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୭ମ ସିଡ୍ କିରଣ ବିଶ୍ୱର ୪୫ ନମ୍ବର ଖେଳାଳି ଶୋଲେହ ଆଇଡିଲ୍‌ଙ୍କୁ ୨୧-୧୫,୨୧-୯ ଏବଂ ମଞ୍ଜୁନାଥ ୨୧-୧୨, ୯-୨୧, ୨୧-୧୭ରେ ଅଷ୍ଟମ୍ ସିଡ୍ ଡେନ୍‌ମାର୍କର ମାଗ୍‌ନସ୍ ଜୋହାନେସେନ୍‌ଙ୍କୁ ହରାଇ ଦେଇଛନ୍ତି। ଭାରତର ଥରୁନ୍ ମାନ୍ନେପାଲି ମଧ୍ୟ ଦ୍ୱିତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ସେ ଥାଇଲାଣ୍ଡର କାଣ୍ଟାଫୋନ୍ ୱାଙ୍ଗଚାରୋଏନ୍‌ଙ୍କୁ ୨୨-୨୦, ୨୧-୧୭ରେ ହରାଇଛନ୍ତି। ତେବେ ପ୍ରିୟାଂଶୁ ରଜାୱତ, ମନରାଜ ସିଂହ ଏବଂ ଏସ୍ ଶଙ୍କର ମୁଥୁସାମି ସୁବ୍ରମଣ୍ୟମ୍ ପ୍ରଥମ ରାଉଣ୍ଡ ବାଧା ପାର୍ କରିବାରେ ବିଫଳ ହୋଇଛନ୍ତି।

ମହିଳା ସିଙ୍ଗଲ୍ସରେ ଉଦୀୟମାନ ଖେଳାଳି ଅନମୋଲ୍ ଖରବ୍ ହଂକଂର ଲେଶ ସିନ୍ ୟାନ୍ ହାପିଙ୍କୁ୨୧-୧୨, ୨୧-୧୨ରେ ମାତ୍‌ଦେଇ ଦ୍ୱିତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ଶ୍ରୀୟାଂଶୀ ଭାଲିସେଟ୍ଟୀ କାନାଡାର ୱେନ୍ ୟୁ ଝାଙ୍ଗ୍‌ଙ୍କୁ ୧୪-୨୧, ୨୧-୧୩,୨୧-୧୯ରେ ହରାଇ ଆଗକୁ ବଢ଼ିଛନ୍ତି। ତେବେ ତସନିମ୍ ମୀର ପ୍ରଥମ ରାଣ୍ଡରେ ଚୀନା ତାଇପେଇର ହୁଆଙ୍ଗ୍ ୟୁ-ହସୁନ୍‌ଙ୍କ ଠାରୁ ୨୧-୯, ୨୧-୧୯ରେ ହାରି ବାଦ୍ ପଡ଼ିଛନ୍ତି। ଅନୁପମା ଉପାଧ୍ୟାୟ ମଧ୍ୟ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ହାରିଯାଇଛନ୍ତି। ଖରବ ପରବର୍ତ୍ତୀ ରାଉଣ୍ଡରେ ୟୁ-ହସୁନ୍‌ଙ୍କ ଭେଟିବେ।

### ୧୩ ବର୍ଷରୁ କମ୍ ଅସ୍ମିତା ଜୋନାଲ୍ ଫୁଟ୍‌ବଲ୍ ଲିଗ୍

# ପ୍ରଥମ ମ୍ୟାଚ୍‌ରେ ହାରିଲା ଓଡ଼ିଶା

**କଟକ,୨୮।୧/ଏନ୍‌ଏନ୍‌ଏସ୍:** ୧୩ ବର୍ଷରୁ କମ୍ ଅସ୍ମିତା ଜୋନାଲ୍ ଫୁଟ୍‌ବଲ୍ ଲିଗ୍‌ର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ବାଳିକ ଟିମ୍ ଗୁଜରାଟଠାରୁ ୭-୦ ଗୋଲ୍‌ରେ ହାରିଯାଇଛି। ବୁଧବାର ଗୁଜରାଟର ଏମ୍‌କେ ଭାବନଗର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଖେଳାଯାଇଥିବା ମ୍ୟାଚ୍‌ରେ ଗୁଜରାଟ ରାଜ୍ୟ ଫୁଟ୍‌ବଲ୍ ସଂଘ ଟିମ୍ ପକ୍ଷରୁ କାଶ୍‌ଭୀ ଅଗ୍ରୱାଲ୍ ତିନିଟି, କ୍ୟାପ୍ଟେନ୍ ସଞ୍ଜନା ମେନିୟା ଦୁଇଟି ଏବଂ ଅବନୀ ମିଥାପାରା ଓ ଜମ୍ନୁଚା ଦୟା ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ପରାଜୟ ସତ୍ତ୍ୱେ ଏହି ମ୍ୟାଚ୍‌ରୁ ଯୁବ ଟିମ୍ ଜୋନାଲ୍ ସ୍ତରରେ ଉନ୍ନତ ଅନୁଭୂତି ହାସଲ କରିଛି। ଓଡ଼ିଶା ଆସନ୍ତାକାଲି ନିଜର ଦ୍ୱିତୀୟ ମ୍ୟାଚ୍‌ରେ ମହାରାଷ୍ଟ୍ରକୁ ଭେଟିବ।

# ବିଶ୍ୱକପ୍ ପୂର୍ବରୁ ପାକିସ୍ତାନରେ ଅଷ୍ଟ୍ରେଲିଆ ଟିମ୍

### ତିନି ମ୍ୟାଚ୍‌ର ଟି-୨୦ ସିରିଜ୍ ଖେଳିବ



**ଲାହୋର,୨୮।୧/ଏଜେନ୍ସି:** ମିଚେଲ୍ ମାର୍ଶଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଟିମ୍ ବୁଧବାର ଲାହୋରରେ ପହଞ୍ଚିଛି। ସେଠାରେ ଟିମ୍ ପାକିସ୍ତାନ ବିପକ୍ଷରେ ତିନି ମ୍ୟାଚ୍‌ର ଟି-୨୦ ସିରିଜ୍ ଖେଳିବ। ଫେବୃଆରୀ ୭ରୁ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନର ଖେଳିବାକୁ ନେଇ ସନ୍ଦେହ ଦେଖା ଦେଇଥିବା ବେଳେ ଏହି ସିରିଜ୍‌ର ଆୟୋଜନ ହେଉଛି। କଙ୍ଗାରୁଙ୍କ ପାଇଁ ଏହି ସିରିଜ୍ ବିଶ୍ୱକପ୍ ଦୃଷ୍ଟିରୁ ବହୁ ଗୁରୁତ୍ୱପୂର୍ଣ୍ଣ। ଏହାକୁ ପାକିସ୍ତାନର ଚୂଡ଼ାନ୍ତ ପ୍ରସ୍ତୁତି ଭାବେ ମଧ୍ୟ ଦେଖାଯାଉଛି। ସିରିଜ୍‌ର ପ୍ରଥମ ମ୍ୟାଚ୍ ଜାନୁଆରୀ ୨୯ରେ ଲାହୋର ଗଦ୍ଦାଫି ଷ୍ଟାଡିୟମ୍‌ରେ ଖେଳାଯିବ। ଏହାପରେ ୩୧ ଓ ଫେବୃଆରୀ ୧ରେ ବାକି ଦୁଇଟି ମ୍ୟାଚ୍ ସମାନ ଭେନ୍ୟୁରେ ଅନୁଷ୍ଠିତ ହେବ। ଅଷ୍ଟ୍ରେଲୀୟ ଟିମ୍ ପ୍ୟାଟ୍ କମିନ୍ସଙ୍କ ପରି ନିଜର କେତେକ ଅନୁଭବୀ ଖେଳାଳିଙ୍କ ବିନା ହିଁ ଲାହୋର ପହଞ୍ଚିଛି। ବିଶ୍ୱକପ୍ ପୂର୍ବରୁ ଆଘାତରୁ ସୁସ୍ଥ ହେଉଥିବା କମିନ୍ସ, ଜୋଶ୍ ହେଜଲ୍‌ଉଡ୍, ଗ୍ଲେନ୍ ମାକ୍ସୱେଲ୍, ଟିମ୍ ଡେଭିଡ୍ ଏବଂ ନାଥନ୍ ଏଲିସ୍‌ଙ୍କୁ ପାକିସ୍ତାନ ଗସ୍ତରୁ ବାହାରେ ରଖାଯାଇଛି। ଅଷ୍ଟ୍ରେଲିଆ ଟିମ୍ ୨୦୨୨ ପରେ ପ୍ରଥମ ଥର ପାକିସ୍ତାନ ଗସ୍ତ କରୁଛି।

ଅନ୍ୟପକ୍ଷରେ ଭାରତ ଓ ଶ୍ରୀଲଙ୍କାରେ ଆୟୋଜିତ ହେଉଥିବା ଟି-୨୦ ବିଶ୍ୱକପ୍‌ରେ ଖେଳିବା ପାଇଁ ପାକିସ୍ତାନ ଟିମ୍ ସରକାରଙ୍କ ମଞ୍ଜୁରୀ ଅପେକ୍ଷାରେ ରହିଛି। ପାକିସ୍ତାନ ସରକାର ନିଜ ଟିମ୍‌କୁ ବିଶ୍ୱକପ୍ ଖେଳିବାକୁ ଅନୁମତି ଦେଉଛନ୍ତି କି ନାହିଁ, ତାହା ଏବେ ଦେଖିବାକୁ ବାକି ରହିଛି। ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ୍ ନକ୍‌ଭୀ ପ୍ରଧାନମନ୍ତ୍ରୀ ଶାହବାଜ ଶରିଫ୍‌ଙ୍କ ସହ ବୈଠକ ପରେ କହିଥିଲେ ଯେ ସମସ୍ତ ବିକଳ୍ପ ଖୋଲା ରହିଛି ଏବଂ ନିଷ୍ପତ୍ତି ଶୁକ୍ରବାର କିମ୍ବା ଆଗାମୀ ସୋମବାର ସୁଦ୍ଧା ନିଆଯିବ। ସୂଚନାଯୋଗ୍ୟ, ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) ଏବଂ ସେଠାକାର ଅନ୍ତରୀଣ ସରକାର ସୁରକ୍ଷା ଦ୍ୱାହିଦେଇ ଭାରତରେ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଖେଳିବାକୁ ମନା କରିଦେଇଥିଲା। ଏହାପରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ବାଂଲାଦେଶ ସ୍ଥାନରେ ସ୍କଟ୍‌ଲାଣ୍ଡକୁ ଟୁର୍ଣ୍ଣାମେଣ୍ଟରେ ସାମିଲ କରିଛି। ପାକିସ୍ତାନ ଏହାର ବିରୋଧ କରୁଛି।

# ଜେମିମାଙ୍କୁ ୧୨ ଲକ୍ଷ ଜୋରିମାନା



**ବଡ଼ୋଦରା,୨୮।୧/ଏଜେନ୍ସି:** ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍) ୨୦୨୬ରେ ଦିଲ୍ଲୀ କ୍ୟାପିଟାଲ୍ସ କ୍ୟାପ୍ଟେନ୍ ଜେମିମା ରଡ୍ରିଗ୍ସଙ୍କୁ ସ୍ଲୋ-ଓଭର୍ ରେଟ୍ ପାଇଁ ୧୨ ଲକ୍ଷ ଟଙ୍କା ଜୋରିମାନା କରାଯାଇଛି। ମଙ୍ଗଳବାର ଖେଳାଯାଇଥିବା ଗଜରାଟ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟରେ ଓଭର୍ ପୂରା ନକରିବା କାରଣରୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଡବ୍ଲ୍ୟୁପିଏଲ୍ ପକ୍ଷରୁ ଜାରି ଏକ ବୟାନ୍‌ରେ କୁହାଯାଇଛି ବଡ଼ୋଦରାର ବିସିଏ ଷ୍ଟାଡିୟମ୍‌ରେ ଗୁଜରାଟ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍ ଅବସରରେ ନ୍ୟୁନତମ ଓଭର୍ ରେଟ୍ ନିୟମର ଉଲ୍ଲଂଘନ କାରଣରୁ ଦିଲ୍ଲୀ କ୍ୟାପିଟାଲ୍ସ କ୍ୟାପ୍ଟେନ୍ ଜେମିମା ରଡ୍ରିଗ୍ସଙ୍କ ଉପରେ ଜୋରିମାନା ଲଗାଯାଇଛି। ଏହା ସିଜନ୍‌ରେ ତାଙ୍କର ପ୍ରଥମ ଅପରାଧ ହୋଇଥିବାରୁ ତାଙ୍କୁ ୧୨ ଲକ୍ଷ ଟଙ୍କା ଜୋରିମାନା କରାଯାଇଛି।

### ଟି-୨୦ ମହିଳା ବିଶ୍ୱକପ୍ ୨୦୨୬

# ବାଂଲାଦେଶ ଓ ନେଦରଲାଣ୍ଡର ଯୋଗ୍ୟତା

**କାଠମାଣ୍ଡୁ,୨୮।୧/ଏଜେନ୍ସି:** ବାଂଲାଦେଶ ଓ ନେଦରଲାଣ୍ଡ ବୁଧବାର ଏଠାରେ ଖେଳାଯାଇଥିବା କ୍ୱାଲିଫାୟର୍‌ର ସୁପର୍ ସିକ୍ସ ରାଉଣ୍ଡ୍‌ରେ ବିଜୟ ହାସଲ କରି ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ ପାଇଁ ଉପଲବ୍ଧ ଚାରିଟିରୁ ଦୁଇଟି ସ୍ଥାନ ପକ୍କା କରିଛନ୍ତି। ନେଦରଲାଣ୍ଡ ଡକ୍‌ୱର୍ଥ ଲୁଇସ୍ ପଦ୍ଧତିରେ ଆମେରିକାକୁ ହରାଇ ପ୍ରଥମ ଥର ଟି-୨୦ ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିଛି। ଅନ୍ୟପକ୍ଷରେ ବାଂଲାଦେଶ ଶୋଭନା ମୋସ୍ତାରୀଙ୍କ ୫୯ ରନ୍‌ର ଇନିଂସ୍ ଦମ୍‌ରେ ଥାଇଲାଣ୍ଡକୁ ୩୯ ରନ୍‌ରେ ହରାଇ ଦେଇଛି। ଅନ୍ୟ ଏକ ମ୍ୟାଚ୍‌ରେ କାଥେରିନ୍ ବ୍ରାଇସ୍‌ଙ୍କ ଅଲ୍‌ରାଉଣ୍ଡ୍ ପ୍ରଦର୍ଶନ ବଳରେ ସ୍କଟ୍‌ଲାଣ୍ଡ ୩୯ ରନ୍‌ରେ ଆୟର୍ଲାଣ୍ଡକୁ ହରାଇଛି। ମହିଳା ଟି-୨୦ ବିଶ୍ୱକପ୍ ଜୁନ୍ ୧୨ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡ ଓ ୱେଲ୍ସରେ ଖେଳାଯିବ।





ଆମେରିକା ଗାର୍ଗୀ ଭୋଗଲେଙ୍କ ୩୬ ଏବଂ ଇସାନୀ ବାଘେଲାଙ୍କ ଅପରାଜିତ ୩୨ ରନ୍ ବଳରେ ୭ ୱିକେଟ୍‌ରେ ୧୨୯ରନ୍ କରିଥିଲା। ନେଦରଲାଣ୍ଡର ହନ୍ନା ଲାଣ୍ଡହିର୍ ୩ଟି ୱିକେଟ୍ ନେଇଥିଲେ। ଜବାବରେ ହିଦର ସିଗର୍ସ ୧୨ ବଲ୍‌ରେ ତିନି ଛକା ସହାୟତାରେ ୨୮ ରନ୍ କରିଥିବା ବେଳେ ଫିବେ ମୋଲ୍କନବୋଅର୍ ୪୩ ବଲ୍‌ରେ ଅପରାଜିତ ୪୬ ରନ୍ କରିଥିବା ବେଳେ ବର୍ଷା କାରଣରୁ ସମୟ ପୂର୍ବରୁ ମ୍ୟାଚ୍ ଶେଷ କରିବାକୁ ପଡ଼ିଥିଲା ଏବଂ ନେଦରଲାଣ୍ଡ ୧୨ ଓଭର୍‌ରେ ଦୁଇ ୱିକେଟ୍ ବିନିମୟରେ ୯୦ ରନ୍ କରି ବିଜୟୀ ହୋଇଛି। ଅନ୍ୟ ମ୍ୟାଚ୍‌ରେ ଜୁଆଇରିୟା ଫିର୍ଦ୍ଦୋସ୍ ଓ ଶୋଭନା ମୋସ୍ତାରୀଙ୍କ ମଧ୍ୟରେ ହୋଇଥିବା ଶତକୀୟ ପାର୍ଟନରଶିପ୍ ବଳରେ ବାଂଲାଦେଶ ଥାଇଲାଣ୍ଡକୁ ୩୯ ରନ୍‌ରେ ହରାଇ ଲଗାତାର ସପ୍ତମ ମହିଳା ଟି-୨୦ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୧୨ ରନ୍‌ରେ ଦୁଇଟି ୱିକେଟ୍ ହରାଇଥିଲା। ଏହାପରେ ଜୁଆଇରିୟା ଓ ଶୋଭନା ଇନିଂସ୍ ସମ୍ଭାଳିଥିଲେ। ଜୁଆଇରିୟା ୪୫ ବଲ୍‌ରେ ତିନି ଚୌକା ଚାରି ଛକା ବଳରେ ୫୬ ରନ୍ ଏବଂ ଶୋଭନା ୪୨ ବଲ୍‌ରେ ୯ ଚୌକା ସହାୟତାରେ ୫୯ ରନ୍ କରି ଆଉଟ୍ ହୋଇଥିଲେ। ୧୬୬ ରନ୍‌ର ଲକ୍ଷ୍ୟକପିଛା କରୁଥିବା ଥାଇଲାଣ୍ଡ ପକ୍ଷରୁ ନତ୍ତାକନ ଚନ୍ଥାମ (୪୬) ଓନନ୍ନାପତ କୋଞ୍ଚାରୋଏନ୍‌କାଇ (୨୯) ଦ୍ୱିତୀୟ ୱିକେଟ୍ ପାଇଁ ୬୭ ରନ୍ ପାର୍ଟନରଶିପ୍ କରିଥିଲେ ମଧ୍ୟ ଟିମ୍ ଲକ୍ଷ୍ୟରେ ପହଞ୍ଚାପାରି ନଥିଲା।

### ଇଗା ସ୍ୱିଆତେକ୍ ଅଷ୍ଟ୍ରେଲିଆନ୍ ଓପନ୍‌ରୁ ବାହାର

# ସେମିଫାଇନାଲ୍‌ରେ ରିବାକିନା, ପେଗୁଲା

### ଦୁଇ ସେଟ୍ ହାରିବା ପରେ ଜୋକୋଭିଚ୍‌ଙ୍କୁ ୱାକ୍‌ଓଭର୍





**ମେଲ୍‌ବର୍ଣ୍ଣ,୨୮।୧/ଏଜେନ୍ସି:** ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଅଷ୍ଟ୍ରେଲିଆନ୍ ଓପନ୍‌ରେ ବୁଧବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ମହିଳା ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ କଜାକିସ୍ତାନର ଏଲିନା ରିବାକିନା ଚମତ୍କାର ପ୍ରଦର୍ଶନ କରି ବିଶ୍ୱର ନମ୍ବର-୨ ଖେଳାଳି ଇଗା ସ୍ୱିଆତେକ୍‌ଙ୍କୁ ୭-୫, ୬-୧ ସିଧା ସେଟ୍‌ରେ ହରାଇ ଟୁର୍ଣ୍ଣାମେଣ୍ଟରୁ ବାହାର ରାସ୍ତା ଦେଖାଇଛନ୍ତି। ଏହି ପରାଜୟ ସହ ପୋଲାଣ୍ଡ ଖେଳାଳି ସ୍ୱିଆତେକ୍‌ଙ୍କ କ୍ୟାରିୟର୍ ଗ୍ରାଣ୍ଡସ୍ଲାମ୍ ପୂରା କରିବା ସ୍ୱପ୍ନ ଅଧା ରହିଯାଇଛି। ସ୍ୱିଆତେକ୍ ବର୍ତ୍ତମାନ ସୁଦ୍ଧା ଚାରିଥର ଫ୍ରେଞ୍ଚ୍ ଓପନ୍ ଏବଂ ଥରେ ଲେଖାଏଁ ୱିମ୍ବଲଡନ୍ ଓ ୟୁଏସ୍ ଓପନ୍ ଟାଇଟଲ୍ ଜିତିସାରିଛନ୍ତି। ସମସ୍ତ ଚାରି ଗ୍ରାଣ୍ଡସ୍ଲାମ୍ ଜିତି ସେ ବିଶ୍ୱର ଏକାଦଶ ମହିଳା ଖେଳାଳି ହେବା ପ୍ରୟାସରେ ଥିଲେ। ସେହିପରି ଆମେରିକାର ଜେସିକା ପେଗୁଲା ନିଜ ଦେଶର ଅମାଣ୍ଡା ଆନିସିମୋଭାଙ୍କୁ ୬-୨, ୭-୬ (୭/୧) ସେଟ୍‌ରେ ହରାଇ ମହିଳା ସିଙ୍ଗଲ୍ସ ସେମିଫାଇନାଲ୍‌ରେ ସ୍ଥାନ ପକ୍କା କରିଛନ୍ତି। ଗୁରବାର ରିବାକିନା ଓ ପେଗୁଲାଙ୍କ ମଧ୍ୟରେ ମହିଳା ସିଙ୍ଗଲ୍ସ ସେମିଫାଇନାଲ୍ ମ୍ୟାଚ୍ ଖେଳାଯିବ। ଅନ୍ୟ ସେମିଫାଇନାଲ୍ ଟପ୍ ସିଡ୍ ଆର୍ଯ୍ୟନା ସାବାଲେଙ୍କା ଓ ଏଲିନା ସ୍ୱିତୋଲିନାଙ୍କ ମଧ୍ୟରେ ଖେଳାଯିବ।

ପୁରୁଷ ବିଭାଗରେ ୨୪ ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ୍ ନୋଭାକ୍ ଜୋକୋଭିଚ୍ ଦୁଇ ସେଟ୍ ହାରିବା ପରେ ତୃତୀୟ ସେଟ୍ ମୁକାବିଲା ଖେଳୁଥିବା ବେଳେ ପ୍ରତିପକ୍ଷ ଖେଳାଳି ଲୋରେଞ୍ଜୋ ମୁସେଟୀ ଆଘାତପ୍ରାପ୍ତ ହୋଇ ହଟିଯିବାରୁ ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି। ମ୍ୟାଚ୍‌ର ଆରମ୍ଭରୁ ହିଁ ୨୨ ବର୍ଷୀୟ ମୁସେଟୀ ଚମତ୍କାର ଖେଳ ଦେଖାଇଥିଲେ। ସେ ଜୋକୋଭିଚ୍‌ଙ୍କ ସର୍ଭିସ୍ ବ୍ରେକ୍ କରି ପ୍ରଥମ ସେଟ୍ ୬-୪ରେ ନିଜ ନାମରେ କରିଥିଲେ। ଦ୍ୱିତୀୟ ସେଟ୍‌ରେ ମଧ୍ୟ ମୁସେଟୀଙ୍କ ଦବ୍‌ଦବା କାଏମ୍ ରହିଥିଲା ଏବଂ ଜୋକୋଭିଚ୍‌ଙ୍କ ତ୍ରୁଟିର ଫାଇଦା ଉଠାଇ ଏହାକୁ ୬-୩ରେ ଜିତିନେଇଥିଲେ। ଜୋକୋଭିଚ୍ ସଂଘର୍ଷ କରୁଥିବା ଦେଖିବାକୁ ମିଳିଥିଲା ଏବଂ ଏପରି ଲାଗୁଥିଲା ଯେ ୧୦ ଥରର ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ୍‌ଙ୍କ ଯାତ୍ରା କ୍ୱାର୍ଟର୍ ଫାଇନାଲ୍‌ରେ ହିଁ ସମାପ୍ତ ହୋଇଯିବ। ୩ୟ ସେଟ୍‌ରେ ଜୋକୋଭିଚ୍ ପ୍ରତ୍ୟାବର୍ତ୍ତନ ଉଦ୍ୟମ ସହିତ ତୃତୀୟ ଗେମ୍‌ରେ ମୁସେଟୀଙ୍କ ସର୍ଭିସ୍ ବ୍ରେକ୍ କରି୨-୧ରେ ଆଗୁଆ ହୋଇଥିଲେ। ଏହି ଅବସରରେ ମୁସେଟୀଙ୍କ ଡାହାଣ ଗୋଡ଼ରୁ ଉପର ଭାଗରେ ତୀବ୍ର ଯନ୍ତ୍ରଣା ଅନୁଭୂତ ହୋଇଥିଲା। ଏହାପରେ ସେ ମେଡିକାଲ୍ ଟାଇମ୍ ଆଉଟ୍ ନେଇ ଫିଜିଓଙ୍କ ଦ୍ୱାରା ଚିକିତ୍ସା କରାଇଥିଲେ। ଏହାପରେ ସେ ଆଉ ଏକ ଗେମ୍ ଖେଳିବାକୁ ଉଦ୍ୟମ କରିଥିଲେ ମଧ୍ୟ ଯନ୍ତ୍ରଣା ବୃଦ୍ଧି ପାଇବାରୁ ସ୍କୋର୍ ଜୋକୋଭିଚ୍‌ଙ୍କ ସପକ୍ଷରେ ୩-୧ ଥିବାବେଳେ ଓହରି ଯିବାକୁ ନିଷ୍ପତ୍ତି ନେଇଥିଲେ। ସେମିଫାଇନାଲ୍‌ରେ ଜୋକୋଭିଚ୍‌ଙ୍କ ମୁକାବିଲା ଡିଫେଣ୍ଡିଂ ଚାମ୍ପିଅନ୍ ଜାନିକ୍ ସିନର୍ କିମ୍ବା ଆମେରିକାର ବେନ୍ ଶେଲ୍‌ଟନ୍‌ଙ୍କ ସହ ହେବ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra